ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 28/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 331 | ମୂଲ୍ୟ ₹୭/-







# ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଦେଶର ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ବିଦାୟୀ ସିଜେଆଇ ଜଷ୍ଟିସ୍ ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଉଛନ୍ତି ଦ୍ୱିତୀୟ ସବୁଠୁ ବରିଷ୍ଠ ବିଚାରପତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେ ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ନଭେମ୍ବର ୨୪ରୁ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି।

୨୦୧୯ ମେ' ୨୪ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସିଜେଆଇ ଭାବେ ସେ ପାଖାପାଖି ୧୫ ମାସ ପଦବୀରେ ରହି ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସୁପ୍ରିମକୋର୍ଟପ୍ରଧାନ ବିଚାରପତିଙ୍କ ଅବସର ଗ୍ରହଣ ବୟସ ୬୫ ବର୍ଷ। ୧୯୬୨ ଫେବୃଆରୀ ୧୦ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା।



ମୁମ୍ବାଇଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍‌ରେ ଓଡିଶାର ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ପ୍ରଦର୍ଶନୀ ଓ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ ବୁଲି ଦେଖୁଛନ୍ତି।

# ବନ୍ଦର ଆଧାରିତ ଦୃଢ଼ ଅର୍ଥନୀତି ଗଢ଼ିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

## ଓଡ଼ିଶାରେ ୫୦ହଜାର କୋଟିରୁ ଅଧିକ ନିବେଶ ନେଇ ଚୁକ୍ତି

ଓଡ଼ିଶା ବନ୍ଦର ଆଧାରିତ ଓ ବନ୍ଦର ପରିଚାଳିତ ଦୃଢ଼ ଅର୍ଥନୀତି ଗଢ଼ିବାକୁ ପ୍ରସ୍ତୁତ। ଏହା ରାଜ୍ୟର ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଇଞ୍ଜିନ ଭାବେ କାର୍ଯ୍ୟ କରିବ, ଯାହା ଭାରତର ବିକାଶଯାତ୍ରା ଓ ଅର୍ଥନୀତିକୁ ଆଗାମୀ ୨୫ବର୍ଷ ପାଇଁ ଶକ୍ତି ଯୋଗାଇବ। ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ ମାରିଟାଇମ୍ ୱିକ୍-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ସେ ଓଡ଼ିଶାରେ ବନ୍ଦର ଓ ବନ୍ଦରଭିତ୍ତିକ ପ୍ରକଳ୍ପ ପାଇଁ ୫୦ହଜାର କୋଟିରୁ ଅଧିକ ଟଙ୍କାର ଚୁକ୍ତି (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏଥିମଧ୍ୟରେ ପୁରୀରେ କ୍ରୁଜ ଟର୍ମିନାଲ, ବାହୁଦା ବନ୍ଦର, ଜାହାଜ ନିର୍ମାଣ କ୍ଲଷ୍ଟର, ମାରିଟାଇମ ମ୍ୟୁଜିୟମ, ସଡକ ଓ ସାମଗ୍ରୀ ପରିବହନ ପ୍ରକଳ୍ପ ରହିଛି। ତେବେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ଓଡ଼ିଶାରେ ନିବେଶ ସୁଯୋଗ ବିଷୟରେ କହିଛନ୍ତି। ଏହାସହ ସେଠାରେ ଆୟୋଜିତ ଓଡ଼ିଶା ସଭାରେ ସେ ରାଜ୍ୟକୁ ପୂର୍ବ ଭାରତର ମାରିଟାଇମ୍ ହବ୍ ଭାବେ ଗଢ଼ିବାର ଯୋଜନା ଉପସ୍ଥାପନ କରିଥିଲେ। ସେ କହିଲେ, ଓଡ଼ିଶାର ପାରାଦୀପ, ଧାମରା, ଗୋପାଳପୁର ଏବଂ ପ୍ରସ୍ତାବିତ ଅସ୍ତରଙ୍ଗ, ଜଟାଧାରି, ସୁବର୍ଣ୍ଣରେଖା ଓ ବାହୁଦା ଆଦି ବନ୍ଦରରେ ବାର୍ଷିକ ୫୦୦ ମିଲିୟନ ଟନ୍ କାରବାର କ୍ଷମତା ବଢ଼ାଇବ। ବାହୁଦା ବନ୍ଦରରେ ୨୧,୫୦୦ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ଏଆଇରୁ ମରିବାନି

# ଆଜି ସ୍ଥଳଭାଗ ଅତିକ୍ରମ କରିବ 'ମୋନ୍ଥା'

ଭୁବନେଶ୍ୱର,୨୭।୧୦(ବନ୍ଦନା ସେଠୀ)

ସମୁଦ୍ରରୁ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସକାଳ ସୁଦ୍ଧା ଏହା ଭୟଙ୍କର ବାତ୍ୟା କିମ୍ବା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ସେହିପରି ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କାକିନାଡା ନିକଟବର୍ତ୍ତୀ ମଛଲିପଟନମ୍ ଏବଂ କଳିଙ୍ଗାପଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କି.ମି. ରହିବ ଏବଂ ଝଟକା ପବନର ବେଗ ୧୧୦ କି.ମି. ଛୁଇଁବ। ଏହାର ପ୍ରଭାବ ସାରା ରାଜ୍ୟର ଜଳବାୟୁ ଉପରେ ପଡ଼ିବ। ବାତ୍ୟା କାକିନାଡ଼ାରୁ ମାଲକାନଗିରି ଦେଇ ଛତିଶଗଡ଼ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଦକ୍ଷିଣ-ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସକ୍ରିୟ ରହିଛି। ସୋମବାର ଏହା ୬ଘଣ୍ଟାରେ ଘଣ୍ଟାପ୍ରତି ୧୭ କି.ମି. ବେଗରେ ଗତିକରି ସନ୍ଧ୍ୟାସୁଦ୍ଧା ☞ପୃଷ୍ଠା-୪



ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡିରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷା।

## ସ୍କୁଲ, ଅଙ୍ଗନୱାଡି ଛୁଟି

### ୮ ଜିଲାରେ ୩ଦିନ, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ୨ଦିନ ଛୁଟି

ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)

ବାତ୍ୟା 'ମୋନ୍ଥା' ପ୍ରଭାବରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ରାଜ୍ୟର ୯ ଜିଲାରେ ସ୍କୁଲ ଓ ଅଙ୍ଗନୱାଡ଼ି ଛୁଟି ଘୋଷଣା କରାଯାଇଛି। ପୂର୍ବରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ବିଦ୍ୟାଳୟକୁ ପାଠପଢ଼ା ପାଇଁ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏବେ ଏଥିରେ ଖୋର୍ଦ୍ଧା ଜିଲାକୁ ସାମିଲ କରାଯାଇଛି। ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ୨୮ ଓ ୨୯ ତାରିଖ ଦୁଇଦିନ ଛୁଟି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ ସୋମବାର ଘୋଷଣା କରିଛନ୍ତି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲାରେ ସ୍କୁଲ ☞ପୃଷ୍ଠା-୪

# ଝିଅକୁ ଗଣବଳାତ୍କାର ଧମକ ଦେଇ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଲୁଟ୍

**ସୁନ୍ଦରଗଡ଼ ଜିଲା ବଣାଇଁ ସହରରେ ରବିବାର ରାତିରେ ଏକ ଚାଞ୍ଚଲ୍ୟକର ଅପରାଧ ଘଟିଛି। ଜଣେ ବ୍ୟବସାୟୀଙ୍କ ଘରେ ୪ଜଣ ମୁଖାପିନ୍ଧା ସଶସ୍ତ୍ର ଦୁର୍ବୃତ୍ତ କୌଶଳକ୍ରମେ ପଶିବା ସହ ଅସହାୟ ମା'ଝିଅଙ୍କ ହାତ, ଗୋଡ଼, ମୁହଁ ବାନ୍ଧି ଦେଇଥିଲେ। ଟଙ୍କା, ସୁନା ଅଳଙ୍କାର ଥିବା ଆଲମିରାର ଚାବି ମାଗିଥିଲେ। ଚାବି ନ ଦେଲେ ଝିଅକୁ ଗଣବଳାତ୍କାର କରିବାକୁ ତାଙ୍କ ମା'ଙ୍କୁ ସେମାନେ ଧମକ ଦେଇଥିଲେ। ଏଭଳି ଉପାୟରେ ଦୁର୍ବୃତ୍ତମାନେ ଚାବି ହାତେଇବା ପରେ ପ୍ରାୟ ତିନିଘଣ୍ଟା ଧରି ଲୁଟପାଟ୍ କରିବା ସହ ଘରେ ଲାଗିଥିବା ସିସି କ୍ୟାମେରା ଭାଙ୍ଗି ହାର୍ଡଡିସ୍କକୁ ନେଇଯାଇଛନ୍ତି। ସେମାନେ ୨୫ ଲକ୍ଷ ଟଙ୍କା ଏବଂ ସବୁ ସୁନା ଅଳଙ୍କାର ନେଇ ପଳାଇଯାଇଛନ୍ତି, ଯାହାର ମୋଟ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କ ଘରର ସ୍ଥିତିକୁ ଅନୁଧ୍ୟାନ କରି ଏହି କାଣ୍ଡ ଘଟାଇଥିବା ସ୍ପଷ୍ଟ ହେଉଛି। ବଣାଇଁ ପୋଲିସ ରାଉରକେଲା ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ବଣାଇଁ ଥାନାରେ ନଂ.୨୩୪/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ସୋମବାର ରାତି ୮ଟା ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନ ଥିଲା।**

ବଣାଇଁ,୨୭।୧୦(ପ୍ରଦୀପ ତ୍ରିପାଠୀ)

## ବଣାଇଁ ବ୍ୟବସାୟୀଙ୍କ ଘରେ ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ

ବଣାଇଁ ସହରର ହାଟପଦାଠାରେ ରହିଛି ରଶ୍ମି ଇଲେକ୍ଟ୍ରିକାଲ ଦୋକାନ। ଏହାର ମାଲିକ ରଶ୍ମିରଞ୍ଜନ ସାହୁଙ୍କ ୪ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦୋକାନ ସଂଲଗ୍ନ ଆବାସିକ ଘରେ ରଶ୍ମିରଞ୍ଜନଙ୍କ ସ୍ତ୍ରୀ, ଝିଅ ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ସନତ କୁମାର ବେହେରା ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ସନତଙ୍କୁ ମାଡ଼ ମାରିବା ସହ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ମାଲିକାଣୀଙ୍କୁ ଘର କବାଟ ଖୋଲା କରିବା ପାଇଁ କହିବାକୁ ଧମକ ଦେଇଥିଲେ। ନଚେତ୍ ଜୀବନରୁ ମାରିଦେବାକୁ ତାଙ୍କୁ ସେମାନେ କହିଥିଲେ। ଦୁର୍ବୃତ୍ତମାନଙ୍କ ପାଖରେ ବନ୍ଧୁକ, ମାଂସକଟା ଚାପଡ଼ ଓ ଶାବଳ ଥିଲା। ଫଳରେ ସନତ ଭୟରେ ପେଟ ବ୍ୟଥା ହେଉଛି, ଔଷଧ ଦିଅ ବୋଲି ମାଲିକାଣୀଙ୍କୁ ଫୋନ୍ ଯୋଗେ କହିଥିଲେ। ମା' ଝିଅ ଔଷଧ ଆଣି କବାଟ ଖୋଲିଥିଲେ। ଏହି ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ସନତଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ। ମା' ଝିଅଙ୍କ ମୁହଁ, ଗୋଡ଼ ହାତ ସବୁ ବାନ୍ଧିବା ସହ ଚାବି ମାଗିଥିଲେ। ଚାବି ନ ଦେଲେ ଝିଅଙ୍କୁ ବଳାତ୍କାର କରି ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଫଳରେ ଭୟରେ ମହିଳା ଜଣକ ଚାବି ଦେଇଥିଲେ। ଏହାପରେ ଘରେ ଥିବା ୫୦ ଲକ୍ଷର ସୁନା ଅଳଙ୍କାର, ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ମିଶାଇ ପ୍ରାୟ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳୁ ରଶ୍ମିରଞ୍ଜନଙ୍କ ଝିଅ ନିକିତା ସାହୁ ବଣାଇଁ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେବା ସହ ମାରଣାସ୍ତ୍ର ବେକରେ ☞ପୃଷ୍ଠା-୪

# ଜିଏମ୍‌ଡିସି: ଗୁଜରାଟରୁ ଆସି ଖାଇଗଲେ

ଅନୁଗୋଳ,୨୭।୧୦(ଦିବ୍ୟଶାନ୍ତନୁ ନାଥ)/ଛେଣ୍ଡିପଦା (ଅଜିତ ଧଳ)

ଖଣି ଖନନ ହେଲେ ରୋଜଗାର ବଢ଼ିବ। ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ। ଏପରି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୭ଟି ରାଜସ୍ୱ ଗ୍ରାମ ଅଞ୍ଚଳର ଜମି ହାତେଇଚାଲିଛି ଗୁଜରାଟରୁ ଆସିଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି)। ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଓ ପ୍ରଶାସନିକ କଳକୁ ହାତ କରି ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଶତାଧିକ ହେକ୍ଟର ଜମିକୁ ଖାଇଯାଉଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ, ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା, ପ୍ରଭାବିତ କେତୋଟି ଗ୍ରାମର ସଭାପତି ଓ ବିସ୍ଥାପିତ ପ୍ରଜାଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେଣୁ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ଅଞ୍ଚଳବାସୀ ବିକ୍ଷୋଭ, ଆନ୍ଦୋଳନ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରୁଛନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ବୈତରଣୀ -ପଶ୍ଚିମ କୋଇଲା ଖଣି ରହିଛି। ଏହି ଖଣିକୁ ପୂର୍ବରୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ହାତେଇଥିଲା। ହେଲେ ଲୋକଙ୍କ ବିରୋଧ ଯୋଗୁ ଓଏମ୍‌ସି ଖଣି ଖନନରୁ ଓହରି ଯାଇଥିଲା। ଏବେ ଏହି କୋଇଲା ଖଣିକୁ ଗୁଜରାଟୀ କମ୍ପାନୀ ଜିଏମ୍‌ଡିସିକୁ ସଁପି ଦିଆଯାଇଛି। ଏଥିସହ ଖୋଲା କୋଇଲା ଖଣି କରିବାକୁ ୧,୧୯୬ ହେକ୍ଟର ଜାଗା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ଯୋଗୁ ଛେଣ୍ଡିପଦା ଜଙ୍ଗଲ, ତେଣ୍ଟଲୋଇ କୋଡ଼ାସାହି, ପୋଡ଼ାପଡ଼ା ଜଙ୍ଗଲ, ମାଛକୁଟା ଓ ପୋଡ଼ାପଡ଼ା ଆଦି ୭ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯିବ। ଜଳଠାରୁ ବାୟୁ ଯାଏ ସବୁକିଛି ପ୍ରଦୂଷଣର ବିଷ ବଳୟ ମଧ୍ୟକୁ ଚାଲିଯିବ। ଲୋକେ ରୋଗରେ ପଡ଼ି ଛଟପଟ ହେବେ। ତେଣୁ ଏଠାରେ ଖଣି କରାଇ ନ ଦେବା ପାଇଁ ପ୍ରଭାବିତ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶେଷ ହୋଇଥିବା ବେଳେ ଖଣି ପାଇଁ ସର୍ଭେ କାର୍ଯ୍ୟ କମ୍ପାନୀ ଆରମ୍ଭ କରିଛି। ଏହାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ଏପରି କି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମକୁ ଆସି ସର୍ଭେ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯିବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତଥାପି କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ ପାଇଁ ବାରମ୍ବାର ଗାଁକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କମ୍ପାନୀ ଛେଣ୍ଡିପଦା ଆସିବା ଦିନଠାରୁ ଗାଁ ଗାଁ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜାଉଛି। ଗାଁକୁ କିପରି ବିଭାଜନ କରିବ ସେ ନେଇ ଉଦ୍ୟମ ଚଳାଇଛି।

ହାଣ୍ଡିଗୋଡ଼ା ଗ୍ରାମ ସଭାପତି ଭାରତ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଜିଏମ୍‌ଡିସି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାଁରେ ପଶି ସର୍ଭେ କରୁଛି। ନିରୀହ ଲୋକଙ୍କ ଜମି ଛଡ଼ାଇ ନେବାକୁ ଚକ୍ରାନ୍ତ ଚଳାଇଛି। ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସସ୍ମିତା ବେହେରା କହିଛନ୍ତି, ପୈତୃକ ଜମିର ସୁରକ୍ଷା ସହିତ ଜୀବନ ଜୀବିକା ☞ପୃଷ୍ଠା-୪

# ସନ୍ଦେହରେ ନେତା ଓ ଭୂମିକା



ଅବନୀ ଯୋଶୀ



ମନୋଜ ମିଶ୍ର



ବସନ୍ତ ପଣ୍ଡା



ଯଦୁମଣି ପାଣିଗ୍ରାହୀ



ପ୍ରସନ୍ନ କୁମାର ପାଢ଼ୀ

ନୂଆପଡ଼ା,୨୭।୧୦(ସୁନିତ ମିଶ୍ର)

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସ୍ଥାନୀୟ ରାଜନୈତିକ ସ୍ଥିତି ସେତିକି ରୋଚକ ହେବାରେ ଲାଗିଛି। କଡ଼ା ମୁକାବିଲା ଲାଗି ପ୍ରସ୍ତୁତି ଚଳାଇଥିବା ଭାଜପା ଏବଂ ବିଜେଡିର ସ୍ଥାନୀୟ ନେତା ଓ ସେମାନଙ୍କ ଭୂମିକାକୁ ନେଇ ଅନେକେ ଏବେ ସନ୍ଦେହ ଭିତରେ ରହିଲେଣି। ଉଭୟ ଦଳର ସ୍ଥାନୀୟ ଆଗଧାଡ଼ି ନେତାଙ୍କ ଭୂମିକା କ'ଣ ହେବ ତାକୁ ଜଗୁ ଜଗୁ ୨ଦଳର ମଙ୍ଗୁଆଳମାନଙ୍କ ଅବସ୍ଥା କୁଆଡ଼େ ଖରାପ ହେଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତୃଣମୂଳ ସ୍ତରରେ ମଧ୍ୟ ବିଜେଡି ଓ ଭାଜପାର କେତେଜଣ ଆଗଧାଡ଼ିର ନେତାଙ୍କ ଭୂମିକାକୁ ନେଇ ଗାଁ ଗହଳିରେ ଲୋକ ଆଲୋଚନା କରୁଛନ୍ତି।

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦେବା ପରେ ନୂଆ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ସମସ୍ୟା ସୃଷ୍ଟି ହୋଇଥିବା କଥା ପ୍ରାୟ ସମସ୍ତଙ୍କୁ ଜଣାଅଛି। ଏହା ପରେ ବିଜେଡି କେତେଜଣ ସ୍ଥାନୀୟ ନେତାଙ୍କ ମଧ୍ୟରୁ ପ୍ରାର୍ଥୀ ଦେବ ବୋଲି ସେତେବେଳେ କସରତ ଆରମ୍ଭ ☞ପୃଷ୍ଠା-୪

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକା ଏସ୍‌ଆଇଆର୍ ସମ୍ପର୍କରେ ଘୋଷଣା କରୁଛନ୍ତି। ପାଖରେ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ- ଚମନ ଗୌତମ)

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏଫ୍‌ଡିଆଇ ସୀମା ୪୯%କୁ ବଢ଼ାଇବା ପାଇଁ କେନ୍ଦ୍ରର ଯୋଜନା

ନୂଆଦିଲ୍ଲୀ,୨୭।୧୦

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୪୯ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାରତ ଯୋଜନା କରୁଛି। ଏହା ବର୍ତ୍ତମାନର ଏଫ୍‌ଡିଆଇ ସୀମାର ୨ ଗୁଣ ଅଧିକ ବୋଲି ନୀତିଗତ ଆଲୋଚନା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସୀମା ୨୦ ପ୍ରତିଶତ ରହିଛି। ଏହାକୁ ୪୯%କୁ ବଢ଼ାଇବା ନେଇ ଅର୍ଥ ମନ୍ତ୍ରଣାଳୟ ୨ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ଆଲୋଚନା ଚଳାଇଥିଲେ ମଧ୍ୟ ପ୍ରସ୍ତାବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ପ୍ରସ୍ତାବ ଅନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ବୃହତ୍ ମାଲିକାନା ଅର୍ଥାତ୍ ଅନ୍ୟୂନ ୫୧ ପ୍ରତିଶତ ଅଂଶଧନ ରହିବ। ବ୍ୟାଙ୍କଗୁଡ଼ିକୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷିତ କରିବା ଏହାର ଲକ୍ଷ୍ୟ। ବୃହତ୍ତର ଆର୍ଥିକ କ୍ଷେତ୍ର ସଂସ୍କାରର ଏହା ଅଂଶବିଶେଷ, ଯାହା ଶାସନର ସାମର୍ଥ୍ୟ ବଢ଼ାଇବା ସହ ଦେଶର ଋଣ ଆବଶ୍ୟକତା ବଢ଼ାଇବାରେ ସହାୟକ ହେବ। ସଂଶୋଧିତ ସୀମା ଉଭୟ ପ୍ରତ୍ୟକ୍ଷ ଏବଂ ପୋର୍ଟଫୋଲିଓ ନିବେଶ ପାଇଁ ଲାଗୁ ହେବ। ବ୍ୟକ୍ତିଗତ ଅଂଶୀଦାରମାନଙ୍କ ଭୋଟିଂ ଅଧିକାରର ସୁରକ୍ଷା ଏବଂ ସରକାରଙ୍କ ନିୟନ୍ତ୍ରଣ କ୍ଷମତା ଯେପରି ହ୍ରାସ ନ ପାଏ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଆର୍‌ବିଆଇ ସହ ବିଚାରବିମର୍ଶ ଶେଷ ହେବା ପରେ ସରକାର ସବିଶେଷ ଗାଇଡ୍‌ଲାଇନ୍ ଜାରି କରିବେ ବୋଲି ଆଶା କରାଯାଉଛି।

# ନଭେମ୍ବର ୪ରୁ ୧୨ ରାଜ୍ୟରେ ଏସ୍‌ଆଇଆର୍

## ଫେବୃଆରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ଛତିଶଗଡ଼, ଗୋଆ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷା ଦ୍ୱୀପପୁଞ୍ଜରେ ଏସ୍‌ଆଇଆର୍ ଅନୁଷ୍ଠିତ ହେବ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସାମରେ ମଧ୍ୟ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ଅଲଗା ଘୋଷଣା କରାଯିବ ବୋଲି ସିଇସି କହିଛନ୍ତି।

ଦେଶ ସ୍ୱାଧୀନ ହେବା ପରେ ଏହା ୯ମ ଏସ୍‌ଆଇଆର୍। ଏହା ପୂର୍ବରୁ ୨୦୦୨-୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍‌ଆଇଆର୍ ହୋଇଥିଲା। ଖବରଦାତା ସମ୍ମିଳନୀରେ ସିଇସି କହିଛନ୍ତି, ବିହାରରେ ବିନା କୌଣସି ଅଭିଯୋଗରେ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ମତଦାତା ଯେପରି ଭୋଟର ତାଲିକାରେ ନ ରହନ୍ତି, ତାହା ସୁନିଶ୍ଚିତ କରିବା ଏସ୍‌ଆଇଆର୍‌ର ଲକ୍ଷ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ୫୧ କୋଟି ଭୋଟରଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହେବ। ଏଥିପାଇଁ ଗଣତି ପ୍ରକ୍ରିୟା ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ ଡିସେମ୍ବର ୯ରେ ଚିଠା ଭୋଟର ତାଲିକା ଏବଂ ଫେବୃଆରୀ ୭ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ନିମନ୍ତେ ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ୨ଟି ସମ୍ମିଳନୀର ଆୟୋଜନ କରିଥିଲେ। ଅନେକ ସିଇଓ ସେମାନଙ୍କ ରାଜ୍ୟରେ ଶେଷ ଏସ୍‌ଆଇଆର୍ ପରର ଭୋଟର ତାଲିକା ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀ ସିଇଓ ୨୦୦୮ରେ ହୋଇଥିବା ଶେଷ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଛାଡ଼ିଛନ୍ତି। ବିଭିନ୍ନ ରାଜ୍ୟର ଶେଷ ଏସ୍‌ଆଇଆର୍ ବର୍ଷକୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ ଭୋଟର ତାଲିକାକୁ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବ୍ୟବହାର କରାଯାଇଥିଲା। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ଏସ୍‌ଆଇଆର୍‌ର ପ୍ରଥମ ଲକ୍ଷ୍ୟ ହେଲା ଲୋକଙ୍କ ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା। ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ବେଆଇନ ଭାବେ ଆସି ବିଭିନ୍ନ ରାଜ୍ୟରେ ରହିଯାଇଥିବାରୁ ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଚଢ଼ାଉ ଜାରି ରହିଛି।

# ଦିଲ୍ଲୀ ପୋଲିସକୁ ୨ ସପ୍ତାହ ସମୟ ଦେବାକୁ ମନାକଲେ ସୁପ୍ରିମକୋର୍ଟ

## ୨୦୨୦ ଦଙ୍ଗା ମାମଲାରେ ଖଲିଦ, ଇମାମ୍‌ଙ୍କ ଜାମିନ ଆବେଦନ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାରେ ଜେଲରେ ଥିବା ଆକ୍ଟିଭିଷ୍ଟ ଉମର ଖଲିଦ, ଶର୍ଜିଲ ଇମାମ, ଗୁଲ୍‌ଫିଶା ଫତିମା ଏବଂ ମୀରନ ହାଇଦରଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ପୋଲିସ ଜବାବ ରଖିବା ପାଇଁ ୨ ସପ୍ତାହ ସମୟ ମାଗିଥିଲେ। ସୁପ୍ରିମକୋର୍ଟ ପୋଲିସର ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଦିଲ୍ଲୀ ପୋଲିସ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜବାବୀ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଥିଲେ। ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ୨ ସପ୍ତାହ ସମୟ ଦେବାକୁ ମନା କରିଦେବା ସହ ଅକ୍ଟୋବର ୩୧ରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ଆପଣଙ୍କୁ ଯଥେଷ୍ଟ ସମୟ ଦେଇସାରିଛୁ। ଖଲିଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଆବେଦନକାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ଜେଲରେ ରହିଲେଣି। ଶୁଣାଣିକୁ ଅଧିକ ବିଳମ୍ବ କରାଯିବା ଉଚିତ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି କହିଥିଲେ। ସେପ୍ଟେମ୍ବର ୨୨ରେ ଦିଲ୍ଲୀ ପୋଲିସକୁ ଜବାବ ମଗାଯାଇଥିଲା। ସେପ୍ଟେମ୍ବର ୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆକ୍ଟିଭିଷ୍ଟମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନାଗରିକଙ୍କ ଦ୍ୱାରା ବିକ୍ଷୋଭ ବାହାନାରେ ଷଡ଼ଯନ୍ତ୍ରପୂର୍ଣ୍ଣ ହିଂସାକାଣ୍ଡ ଘଟିଥିଲା। ତେଣୁ ଖଲିଦ, ଇମାମଙ୍କ ସମେତ ୯ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ହାଇକୋର୍ଟ ମନା କରିଦେଇଥିଲେ।

# ୩ ଭଉଣୀଙ୍କ ଏଆଇ ଫଟୋରେ ବ୍ଲାକ୍‌ମେଲ୍: ଭାଇଙ୍କ ଆତ୍ମହତ୍ୟା

ଫରିଦାବାଦ,୨୭।୧୦

ହରିୟାଣାର ଫରିଦାବାଦରେ ଜଣେ ୧୯ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ଡିଏଭି କଲେଜ ଛାତ୍ର ରାହୁଲ ଭାରତୀଙ୍କ ୩ ଭଉଣୀଙ୍କ ଏଆଇ ପ୍ରସ୍ତୁତ ଅଶ୍ଳୀଳ ଫଟୋ ଓ ଭିଡିଓ ଦ୍ୱାରା ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇ ଟଙ୍କା ଦାବି କରାଯାଉଥିଲା। କେହି ଜଣେ ରାହୁଲଙ୍କ ଫୋନ୍‌କୁ ହ୍ୟାକ୍ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ତାଙ୍କ ସମେତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରୁଥିଲେ ବୋଲି ରାହୁଲଙ୍କ ବାପା ମନୋଜ ଭାରତୀ କହିଛନ୍ତି। ତଦନ୍ତରୁ ରାହୁଲଙ୍କର ସାହିଲ ନାମକ ଯୁବକଙ୍କ ସହ ଚାଟିଂ ହୋଇଥିବା ଜଣାପଡ଼ିଛି। ସେ ଅଶ୍ଳୀଳ ଫଟୋ ପଠାଇ ପ୍ରଥମେ ୨୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମସ୍ତ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଥିସହିତ ରାହୁଲଙ୍କୁ ଆତ୍ମହତ୍ୟା ପାଇଁ ସେ ପ୍ରୋତ୍ସାହିତ କରିଥିଲେ। ବିଚଳିତ ରାହୁଲ ଶନିବାର ରାତିରେ କେତେକ ନିଶା ଔଷଧ ଖାଇଦେଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା।

# ଦିଲ୍ଲୀରେ ମହିଳା ଡାକ୍ତରଙ୍କୁ ବଳାତ୍କାର

ନୂଆଦିଲ୍ଲୀ,୨୭।୧୦

ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜଣେ ବ୍ୟକ୍ତି ସେନା ଅଫିସର ପରିଚୟ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆରବ ନାମକ ଯୁବକଙ୍କ ଘର ଦିଲ୍ଲୀର ଛତରପୁରରେ ଓ ସେ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ ପରିଚୟ ଦେଇ ଡାକ୍ତରଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ଚଳିତ ମାସ ଆରମ୍ଭରେ ସେ ଦିଲ୍ଲୀ ଆସି ଡାକ୍ତରଙ୍କ ମସ୍‌ଜିଦ ମୋଥ୍ ଅଞ୍ଚଳରେ ଥିବା ଘରକୁ ଯାଇଥିଲେ। ସେଠାରେ ସେ ଡାକ୍ତରଙ୍କୁ ଖାଦ୍ୟରେ ନିଶା ଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

# ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ବୁଲା କୁକୁର ମାମଲା

### ୩ରେ ହାଜର ପାଇଁ ମୁଖ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ବୁଲା କୁକୁର ମାମଲାରେ ନିୟମାବଳୀ ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ବୁଲାକୁକୁରମାନଙ୍କୁ ନେଇ ସବୁବେଳେ ବିଭିନ୍ନ ଘଟଣା ଘଟି ଚାଲିଥିବାବେଳେ ବିଦେଶରେ ଭାରତର ଛବି ମଳିନ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ରେ ହାଜର ହୋଇ କୋର୍ଟଙ୍କ ଅଗଷ୍ଟ ୨୨ ନିର୍ଦ୍ଦେଶ ସତ୍ତ୍ୱେ କ'ଣ ପାଇଁ ଅନୁପାଳନ ସତ୍ୟପାଠ ଦାଖଲ କରିନାହାନ୍ତି, ତାହାର ସ୍ପଷ୍ଟୀକରଣ ଦେବାକୁ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। କେବଳ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସତ୍ୟପାଠ ଦାଖଲ କରିନାହାନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରାଯାଇଥିଲା। ସେମାନେ ଜବାବ ଦେଇ ନ ଥିବାରୁ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନେ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ପଷ୍ଟୀକରଣ ସହ ହାଜର ହେବାକୁ ଖଣ୍ଡପୀଠ କହିଛନ୍ତି। ବୁଲା କୁକୁର ସମ୍ପର୍କିତ ଘଟଣାକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାରପାଇଁ ଗ୍ରହଣ କରିଥିଲେ। ଦିଲ୍ଲୀ-ଏନ୍‌ସିଆର୍ ସମେତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମାବଳୀ ଅନୁଯାୟୀ କୁକୁର ଆଶ୍ରୟସ୍ଥଳ, ପ୍ରାଣୀ ଚିକିତ୍ସକ, କୁକୁର ଧରିବା କର୍ମଚାରୀ, ସ୍ୱତନ୍ତ୍ର ଗାଡ଼ି ଓ ଯନ୍ତା ଆଦି ସମେତ ଉପଲବ୍ଧ ସମସ୍ତ ସମ୍ବଳର ସମ୍ପୂର୍ଣ୍ଣ ପରିସଂଖ୍ୟାନ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କୁହାଯାଇଥିଲା।

# ଅରୁଣାଚଳ ନିକଟରେ ଚାଇନାର ୩୬ ଯୁଦ୍ଧବିମାନ ସେଲ୍ଟର





ନୂଆଦିଲ୍ଲୀ,୨୭।୧୦

ଅରୁଣାଚଳରେ ଥିବା ଭାରତ-ଚାଇନା ସୀମା ମାକ୍‌ମୋହନ ଲାଇନଠାରୁ ଉତ୍ତରରେ ପ୍ରାୟ ୪୦ କିଲୋମିଟର ଦୂରରେ ଚାଇନା ଯୁଦ୍ଧବିମାନ ରଖିବା ପାଇଁ ୩୬ଟି ଶକ୍ତିଶାଳୀ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ତିବ୍ବତର ଲୁଞ୍ଜେଠାରେ ଏହି ନୂଆ ସେଲ୍ଟର ନିର୍ମାଣ ହେଉଛି, ଯାହାକି ଅରୁଣାଚଳ ପ୍ରଦେଶର ତାୱାଙ୍ଗ ସହରଠାରୁ ପ୍ରାୟ ୧୦୭ କିଲୋମିଟର ଦୂରରେ ଅବସ୍ଥିତ। ଚାଇନା ସେଠାରେ ଲଢୁଆ ବିମାନ ଏବଂ ଡ୍ରୋନ୍ ସିଷ୍ଟମ ରଖିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ଏହାକୁ ସୀମାରେ ନିୟୋଜିତ କରିପାରିବ। ଭାରତୀୟ ଆସାମ କିମ୍ବା ଅରୁଣାଚଳପ୍ରଦେଶରେ ଥିବା ଭାରତୀୟ ବାୟୁସେନାର ନିଜସ୍ୱ ଏୟାରବେସ୍‌ରୁ ଯୁଦ୍ଧବିମାନ କୌଣସି ଆକ୍ରମଣର ମୁକାବିଲା କରିବା ପାଇଁ ଯେତିକି ସମୟ ଆବଶ୍ୟକ କରିବ, ତା'ଠାରୁ

## ଭାରତ ପାଇଁ ମୁଣ୍ଡବ୍ୟଥା

ଯଥେଷ୍ଟ କମ୍ ସମୟ ମଧ୍ୟରେ ଚାଇନା ସେନା ଜବାବ ଦେଇପାରିବ। ଗତ ୧୭ ତାରିଖରେ ଲୁଞ୍ଜେ ଏୟାରବେସ୍‌ରୁ ନିଆଯାଇଥିବା ସାଟେଲାଇଟ୍ ଚିତ୍ରରୁ ୩୬ଟି ଏୟାରକ୍ରାଫ୍ଟ ସେଲ୍ଟର ସମ୍ପୂର୍ଣ୍ଣ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ଗତ ଏପ୍ରିଲରେ ସେଠାରେ ନିର୍ମାଣ ପାଇଁ ମାଟିକାମ ଚାଲିଥିବା ଦେଖିବାକୁ ମିଳିଥିଲା।

ସୀମାର ଖୁବ୍ ନିକଟରେ ବେଜିଂ ଯୁଦ୍ଧବିମାନ ଆଶ୍ରୟସ୍ଥଳ ନିର୍ମାଣ କରିଥିବାରୁ ପରବର୍ତ୍ତୀ ସାମରିକ ଘଟଣାରେ ସେମାନଙ୍କ ଲଢୁଆ ବିମାନ ଓ ଆକ୍ରମଣକାରୀ ହେଲିକପ୍ଟର ଲୁଞ୍ଜେ ଏୟାରବେସ୍‌ରୁ ସେମାନଙ୍କ ସେନାକୁ ସହାୟତା କରିବ ବୋଲି ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ କହିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଭୂତଳ ସୁଡ଼ଙ୍ଗଗୁଡ଼ିକରେ ଗୁଳିଗୋଳା ଏବଂ ଇନ୍ଧନ ଗଚ୍ଛିତ ରହିଥିବା ସେ କହିଛନ୍ତି। ୨୦୧୭ ଡୋକଲାମ ଘଟଣା ବେଳେ ଧନୋଆ ତାଙ୍କ କର୍ମଚାରୀମାନଙ୍କୁ କହିଥିଲେ, ତିବ୍ବତରେ ଚାଇନା ବାୟୁସେନା (ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ) ପାଇଁ ଯୁଦ୍ଧବିମାନ ସମସ୍ୟା ନୁହେଁ, ବରଂ ଏହାକୁ ମୁତୟନ କରିବା ସମସ୍ୟା। ସେମାନେ ତିବ୍ବତ ଏୟାରଫିଲ୍ଡରେ ଯେତେବେଳେ ସଶକ୍ତ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ଆରମ୍ଭ କରିବେ, ସେମାନେ ଆମ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବେ। ତିବ୍ବତରେ ସେମାନଙ୍କର ମୁଖ୍ୟ ଦୁର୍ବଳତା ଦୂର ହୋଇଯିବ ବୋଲି ସେତେବେଳେ ଧନୋଆ କହିଥିଲେ। ଭାରତୀୟ ବାୟୁସେନାର ପୂର୍ବତନ ଉପମୁଖ୍ୟ ଏୟାର ମାର୍ଶାଲ ଅନିଲ ଖୋସ୍‌ଲା କହିଛନ୍ତି, ଉପରୋକ୍ତ ଏୟାରଫିଲ୍ଡଗୁଡ଼ିକର ନିର୍ମାଣ ଓ ଉନ୍ନତୀକରଣ ଚାଇନାର ଭବିଷ୍ୟତ ଯୁଦ୍ଧ ଯୋଜନା ପାଇଁ ସହାୟକ ହେବ। ଏହା ଭାରତ ପାଇଁ ଗମ୍ଭୀର ରଣନୈତିକ ବିପଦ। ୨୦୨୦ର ଗଲୱାନ ସଂଘର୍ଷଠାରୁ ଚାଇନା ସେନା ଏହାର ସାମର୍ଥ୍ୟ ଓ ଭିତ୍ତିଭୂମି ଢାଞ୍ଚା ବଢ଼ାଇ ଚାଲିଛି। ଲୁଞ୍ଜେ ଏୟାରବେସ୍‌ର ଉନ୍ନତୀକରଣ ଆଞ୍ଚଳିକ ସୁରକ୍ଷା ବିଶେଷ କରି ୨୦୨୦ରୁ ଲାଗିରହିଥିବା ଭାରତ-ଚାଇନା ସୀମାର ମୁହାଁମୁହିଁ ଅବସ୍ଥା ପରିପ୍ରେକ୍ଷୀରେ ଆଞ୍ଚଳିକ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ବୋଲି ଖୋସ୍‌ଲା କହିଛନ୍ତି।






# ୩ କି.ମି. ଚାଲି ଜିଲାପାଳଙ୍କୁ ଭେଟିଲେ

## ହଷ୍ଟେଲ, ବିଦ୍ୟାଳୟ ସମସ୍ୟା ନେଇ ତାତିଲେ ଛାତ୍ରୀ

ଉଦଳା,୨୭।୧୦
(ସନ୍ତୋଷ କୁମାର ବାଛିନୀ)

ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଛାତ୍ରୀ ୩ କି.ମି. ଡହ ଡହ ଖରାରେ ଚାଲି ଚାଲି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟରେ।

ଏହି ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୧୨୯ ଜଣ ଛାତ୍ରୀ ପଢୁଥିବା ବେଳେ ୧୦୦ ଛାତ୍ରୀ ହଷ୍ଟେଲରେ ରୁହନ୍ତି। ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀମାନଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବରେଟୋରି ଖୋଲା ନ ଯିବା, ଲାଇବ୍ରେରି ବନ୍ଦ ରହିବା ଏବଂ ଇଂଲିଶ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ କିଛି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସିବା ସହ ବିକ୍ଷୋଭ କରିଥିଲେ। ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ମାରିଦେବାରୁ ତାତିଥିଲେ ଛାତ୍ରୀମାନେ। ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହ ଡହ ଖରାରେ ଚାଲି ଚାଲି ୩ କି.ମି. ଦୂର ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବରକୁ ଯାଇଥିଲେ। ସେଠାରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ। ତେବେ ଛାତ୍ରୀମାନେ ଏତେ ବାଟ ଚାଲି ଚାଲି ଯିବା ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଜିଲାପାଳ ବିରକ୍ତ ହୋଇଥିଲେ। ଏହା ସହିତ ତୁରନ୍ତ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳର ସୁବିଧା ସହିତ ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେବା ବାବଦରେ ଛାତ୍ରୀମାନଙ୍କୁ ଜିଲାପାଳ କହିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଏକ ମାସର ଦରମା ବନ୍ଦ କରାଯିବ ବୋଲି ଜିଲାପାଳ କହିବା ପରେ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ।


ଛାତ୍ରୀମାନେ ଚାଲି ଚାଲି ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଯାଉଛନ୍ତି।

# ବାବୁଙ୍କୁ ସମ୍ପତ୍ତି ତାଲିକା ଅଡୁଆ

## ପଦୋନ୍ନତିକୁ ସଂଖ୍ୟାଧିକ କର୍ମଚାରୀଙ୍କ ପଦାଘାତ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

୨୦୨୫ ଶେଷ ହେବାକୁ ୨ମାସ ବାକି ରହିଛି। ହେଲେ ଏପର୍ଯ୍ୟନ୍ତ ବାବୁମାନେ ୨୦୨୪ ଲାଗି ସେମାନଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ସରକାରଙ୍କୁ ଦେଉନାହାନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ବାରମ୍ବାର ଅବଗତ କରାଗଲେ ମଧ୍ୟ କର୍ମଚାରୀଙ୍କୁ ଚେତନା ଆସୁନାହିଁ। ଏପରି କି ସଂଖ୍ୟାଧିକ କର୍ମଚାରୀ ସେମାନଙ୍କ ପଦୋନ୍ନତି ସହ ଅନ୍ୟାନ୍ୟ ସରକାରୀ ପ୍ରାପ୍ତିକୁ ମଧ୍ୟ ଖାତିର କରୁନାହାନ୍ତି। ନଭେମ୍ବରରୁ କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହେବ। ହେଲେ ସଂଖ୍ୟାଧିକ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ସମୟରେ ବିଭାଗୀୟ ମୁଖ୍ୟମାନେ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବା ନଜର ରହିଥିବାବେଳେ ସମ୍ପ୍ରତି ବାର୍ଷିକ ସମ୍ପତ୍ତି ତାଲିକାକୁ କର୍ମଚାରୀମାନଙ୍କ ଅବମାନନାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍ ଧରିଛି।

ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ଚଳିତମାସ ୨୩ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କର୍ମଚାରୀମାନେ ଯେପରି ସମୟ ଭିତରେ ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେନେଇ ବିଭାଗୀୟ ମୁଖ୍ୟମାନେ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି। ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ମାନବସମ୍ବଳ ପରିଚାଳନା ପଦ୍ଧତି(ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ତାଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଅପ୍‌ଲୋଡ୍ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ବହୁ କର୍ମଚାରୀ ମାନୁନାହାନ୍ତି। ଫଳରେ କର୍ମଚାରୀଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ପଦକ୍ଷେପ ବେଳେ ସମସ୍ୟା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ୨୦୨୪ ବର୍ଷ ପାଇଁ ଆଉ ଅବଧି ବୃଦ୍ଧି କରାଯିବ ନାହିଁ କି ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ଖୋଲାଯିବ ନାହିଁ। ସେ କହିଛନ୍ତି, ବାର୍ଷିକ ସମ୍ପତ୍ତି ବିବରଣୀ ଦେବା କର୍ମଚାରୀମାନଙ୍କ ପାଇଁ ବାଧ୍ୟତାମୂଳକ। ଏହାକୁ ଜାଣି ମଧ୍ୟ ଯେଉଁ କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ କରିନାହାନ୍ତି, ସେମାନଙ୍କୁ ପଦୋନ୍ନତି ଦିଆଯିବ ନାହିଁ। ବିଭାଗୀୟ ମୁଖ୍ୟମାନେ ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି(ଡିପିସି) ବୈଠକ କଲାବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ପଦୋନ୍ନତି ଲାଗି ବିବେଚନା କରିବେନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି।

ସୁରେନ୍ଦ୍ର କୁମାର ପୁନର୍ବାର ଅବଗତ କରାଇଛନ୍ତି, ୨୦୨୫ ବର୍ଷ ପାଇଁ ୩୧ ଜାନୁଆରୀ-୨୦୨୬ ସୁଦ୍ଧା ସମସ୍ତ କର୍ମଚାରୀ ଯେପରି ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେଦିଗରେ ପଦକ୍ଷେପ ନେବାକୁ ହେବ। ଏହି ଅବଧିକୁ ସରକାର ଏଥର କଡାକଡ଼ି ଭାବେ ପାଳନ କରିବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ମୁଖ୍ୟମାନେ କର୍ମଚାରୀଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ଯେପରି ୧୦୦% ମିଳିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ଦର୍ଶାଇଛନ୍ତି।

# ପାଳନ ହେବନି ବିପର୍ଯ୍ୟୟ ପ୍ରଶମନ ଦିବସ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ହେବନାହିଁ। ବାତ୍ୟା 'ମୋନ୍ଥା'ର ପ୍ରଭାବକୁ ନେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍ଏ)ଙ୍କ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି।

ସୋମବାର ଓଏସ୍‌ଡିଏମ୍ଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗର ସୂଚନା ଆଧାରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଅକ୍ଟୋବର ୨୯ରେ ପାଳନ ହେବାକୁ ଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ୍ ଦିବସ ପାଳନ ହେବନାହିଁ। ଏହି ଦିବସ ସରକାରଙ୍କ ପକ୍ଷରୁ ପରେ ପାଳନ କରାଯିବ। ଏନେଇ ଦିନ ଧାର୍ଯ୍ୟ ହେଲେ ଅବଗତ କରାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଛେଳି ପାଇଁ ଡାଳ ଆଣିବାରୁ ମହିଳାଙ୍କୁ ମାଡ଼

## ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ

ନୀଳଗିରି, ୨୭।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବନ ବିଭାଗ ଗୋପାଳପୁର ବିଟ୍ ହାଉସ ଅଧୀନ ଜଙ୍ଗଲରୁ ଜଣେ ମହିଳା ଛେଳି ପାଇଁ ଗଛ ଡାଳ ଆଣୁଥିବା ବେଳେ ଫରେଷ୍ଟଗାର୍ଡ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିବା ସହ ସୋମବାର ସକାଳେ ବିଟ୍ ହାଉସ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ଦାବି ନେଇ ଗ୍ରାମବାସୀ ଅଡ଼ି ବସିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ଓ ନୀଳଗିରି ରେଞ୍ଜର ମନୱାର ଖାଁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ନେଇ ବାଲେଶ୍ୱର ଡିଏଫ୍ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ବୟାରସାହି ଗ୍ରାମର କଟିମଣି ସିଂ ନାମ୍ନୀ ବୃଦ୍ଧା ମହିଳା ରବିବାର ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଦୁଇଟି ଛୋଟ ଡାଳ ଭାଙ୍ଗି ଘରକୁ ଆଣୁଥିଲେ। ଗୋପାଳପୁର ବିଟ୍‌ହାଉସ୍‌ର ଫରେଷ୍ଟଗାର୍ଡ କବିତା ମହାକୁଡ ଏହାଦେଖି କାହିଁକି ଡାଳ ଭାଙ୍ଗିଲ କହି ଦୁର୍ବ୍ୟବହାର କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଫରେଷ୍ଟଗାର୍ଡଙ୍କ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ଘଟଣା ବିଷୟରେ କଟିମଣି ପରିବାର, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ବିଟ୍ ହାଉସ୍ ଘେରାଉ କରିଥିଲେ। ଫଳରେ ଫରେଷ୍ଟଗାର୍ଡ କବାଟ କିଳି ଘର ଭିତରେ ଲୁଚି ରହିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଅଯୋଧ୍ୟା ଫାଣ୍ଡି ପୋଲିସ ଜଗି ରହିଥିଲା।


ଗ୍ରାମବାସୀଙ୍କ ସହ ପୋଲିସର ଆଲୋଚନା।



## ମାସ ଶେଷ ରବିବାର 'ଶଟ୍ ଡାଉନ୍' ବନ୍ଦ କରଃ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା): ପ୍ରତ୍ୟେକ ମାସର ଶେଷ ରବିବାର ବିଦ୍ୟୁତ୍ କାଟ୍ ନ କରିବା ତଥା ଯୋଜନାବଦ୍ଧ ବିଦ୍ୟୁତ୍ କାଟ ଏଡ଼ାଇବା ଲାଗି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଦର୍ଶାଇଛନ୍ତି, 'ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ଶେଷ ରବିବାର ପ୍ରସାରଣ ହେଉଛି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ଲୋକେ ଦେଖୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ଡିସ୍‌କମ୍‌ଗୁଡ଼ିକରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଅ ଯେ, ସେମାନେ ଯେପରି ଉକ୍ତଦିନ ବିଦ୍ୟୁତ୍ ମରାମତି କାର୍ଯ୍ୟ ନ କରିବେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶରତ କର ଏବଂ ଅନିମା କର ଫାଉଣ୍ଡେଶନ୍ ପକ୍ଷରୁ ୨ୟ ଶରତ କର ସ୍ମାରକୀ ବକ୍ତୃତା ଲେକ୍ଚର୍ ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୫ଟା ୩୦।
- ନବକୃତି ୨୦୨୫ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆଓ୍ୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ପଞ୍ଚବଟ ନିବାସ, ଜାନକୀ ହରିଣ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ନବମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- କାଳୀପୂଜାର ଅନ୍ତିମ ଦିବସ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସଚେତନତା ଉପଲକ୍ଷେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ସମସ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ନଦୀଘାଟରେ ଛଟ ପୂଜା ଅବସରରେ ଅର୍ଘ୍ୟ ପ୍ରଦାନ, ସ୍ଥାନ: ସୁନାନଦୀ, ଯୋଡ଼ା, ସମୟ: ଭୋର ୪ଟା।
- ଭାଜପା ତରଫରୁ ପ୍ରଭାତ ଫେରି ଉତ୍ସବ, ସ୍ଥାନ: ମିଠିଗାଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ତାରିଣୀ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ପଦାଡ଼ୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ୍, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ସାଇବର ସେଫ୍‌ଟି କ୍ୟାମ୍ପେନ ଶୁଭାରମ୍ଭ, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶପଥ ଗ୍ରହଣ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଓସଓ୍ୱାନ୍ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଉପଖଣ୍ଡସ୍ତରୀୟ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଥାନା, ସମୟ: ସକାଳ ୭ ଟା।

**ଜଗତ୍‌ସିଂହପୁର**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ଼, ସମୟ: ସକାଳ ୫ଟା।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଅନ୍ତିମ ଦିବସ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା୩୦ ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ଼, ସମୟ: ସଂଧ୍ୟା ୬ଟା।
- ଗୋଷ୍ଠାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଧାମୋହନ ମଠ କର୍ଣ୍ଣିଲୋ, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନରିଟି କାଉନସେଲିଂ ସଭ୍ୟଙ୍କ ବୈଠକ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା

**କୋରାପୁଟ**
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଉତ୍ତର ଭାରତୀୟ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଛଟ୍ ପୂଜା, ସ୍ଥାନ: ମହାନଦୀ ଅଯୋଦ୍ଧା ସରୋବର, ସମୟ : ସକାଳ ୫ଟା ୩୦ ।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୭ଟା ।
- ଆଇଏଫଡବ୍ଲୁଜେଚ ୭୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା ।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା ।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଲବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।

**ରାଉରକେଲା**
- ଛଟ୍ ପୂଜା ଉଦ୍‌ଯାପନୀ ଓ ପ୍ରଭାତ ଆରତୀ, ସ୍ଥାନ: କୋଏଲ ନଦୀ ଘାଟ, ଗୋପବନ୍ଧୁପାଲୀ ସମେତ ଅନ୍ୟ ଘାଟ, ସମୟ: ଭୋର ୫ଟା ।

**ସୁନ୍ଦରଗଡ଼**
- କଲେଜ ଛାତ୍ର ଏବଂ ଅଧ୍ୟାପକଙ୍କ ପାଇଁ ଶିକ୍ଷାର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ପୂର୍ବାହ୍ନ: ୧୦ଟା ।

**ବରଗଡ଼**
- ଶ୍ରୀଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ, ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଡୁବାହାଲ, ବରଗଡ଼, ସମୟ: ସକାଳ ୯ଟା ।
- ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ।

**କଳାହାଣ୍ଡି**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ଲକ ବୋର୍ଡସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ।

**ଦେବଗଡ଼**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ଦ୍ୱନ୍ଦ୍ୱ ସୃଷ୍ଟିହେବ। ଆଜି ପ୍ରତ୍ୟେକ କାମ ବାଧବାଧକତାରେ କରି ସମସ୍ୟାରେ ପଡ଼ିପାରନ୍ତି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମସ୍ୟା ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ**
ଆର୍ଥିକ ସ୍ଥିତି ଭଲ ରହିବ ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ଶୁକ୍ରଙ୍କ ପ୍ରଭାବରେ ଆଜି କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ କହିବେ ବହୁତ କିନ୍ତୁ କାମ ବେଳକୁ ସେମାନଙ୍କ ଦେଖା ମିଳି ନ ପାରେ। ଦୂରଯାତ୍ରାରେ ସଚେତନତା ଅଭାବରୁ ସାମାନ୍ୟ ଥଣ୍ଡା ଓ କାଶଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ମିଥୁନ**
ଭୁଲ୍ ବୁଝାମଣା ହେତୁ ପରିବାରରେ କଳହ ଲାଗିପାରେ। ଜଣେ ବନ୍ଧୁଙ୍କ କଥାରେ ପଡ଼ି କୌଣସି କାମ କରିବା ଦ୍ୱାରା ଅନ୍ୟ ଜଣେ ବନ୍ଧୁଙ୍କ ଚକ୍ଷୁଶୂଳ ହେବେ। କୌଣସି ଶୁଣା ଖବରକୁ ନେଇ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମାକୁ କେନ୍ଦ୍ରକରି ସୁଫଳ ପାଇପାରନ୍ତି।

**କର୍କଟ**
ଭାବପ୍ରବଣତାବଶତଃ ଆଜି ଅନେକ କାଳ୍ପନିକ ଆଶା ଓ କାମନା ଉଜ୍ଜୀବିତ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ, କିନ୍ତୁ ପାରିବାରିକ ବିଷୟକୁ ନେଇ ମାନସିକ ଶାନ୍ତି ହରାଇବେ। ଧର୍ମସଙ୍କଟରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟିକରିବା ସହ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ସିଂହ**
ଆଜି ଆପଣ ପ୍ରତିଯୋଗିତା ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟୀ ହେବା ଆଶା ରହିଛି। ରବିବାର ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ ତଥାପି ଆପଣଙ୍କର କୌଣସି କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା**
ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ସହାୟତାରେ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ପରିଶ୍ରମ କିମ୍ବା ଭ୍ରମଣଜନିତ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**
ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନହେବାର ସୂଚନା ପ୍ରତି ସାବଧାନ ରହିବା ଭଲ। ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। କେତେକ କ୍ଷେତ୍ରରେ ମନଦେଇ କାମକଲେ ତାକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲାକରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂଆ ପଦକ୍ଷେପ ଗ୍ରହଣକରି ଉପକୃତ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଉଦାର ମନୋଭାବ ପୋଷଣକଲେ ମଧ୍ୟ ବନ୍ଧୁଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବପର ହେବ ନାହିଁ। ଯେତେ ଆଗୁଆ ପଦକ୍ଷେପ ଗ୍ରହଣକଲେ ମଧ୍ୟ ମାନସିକ ସୁସ୍ଥତା ଫେରିପାଇବା କଷ୍ଟକର ହେବ। ନୂଆ ଯୋଜନାଟିରେ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡ଼ିପାରେ। ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତୀର୍ଥାଟନରେ କିମ୍ବା ବାହାର ଜାଗାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇପାରନ୍ତି।

**କୁମ୍ଭ**
କାର୍ଯ୍ୟକ୍ଷେତ୍ରରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବିବ୍ରତ ହୋଇପାରନ୍ତି। କୌଣସି ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ମୀନ**
ଦୀର୍ଘଦିନର ଅଭିଳାଷ ପୂରଣହେବା ସାଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହେବ। ଚେଷ୍ଟା କରୁଥିବା କାମ ଆଜି ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହାୟତାରେ ସାଙ୍ଗଠନିକ କାର୍ଯ୍ୟ, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଅକ୍ଟୋବର ୨୮ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଛଟ୍ ବ୍ରତ ଉଦ୍‌ଯାପନ। ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ୦୫।୪୯ ଗତେ, ଘ.୦୬।୩୫ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୦ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବନ୍ଦର ଆଧାରିତ...

କୋଟି ଓ ଜାହାଜ ନିର୍ମାଣ କ୍ଲଷ୍ଟରରେ ୨୪,୭୦୦ କୋଟି ନିବେଶ ହେବ। ପୁରୀରେ ୫୦୦ କୋଟିରେ କ୍ରୁଜ୍ ଟର୍ମିନାଲ ନିର୍ମାଣ ହେବ। ସେହିପରି ଗିଲିଆନ୍ସ ପକ୍ଷରୁ ଖୋର୍ଦ୍ଧାରେ ୯୩୮ କୋଟିରେ ବିସ୍କୁଟ, ପାନୀୟ ଓ ମିଠାଇ କାରଖାନା ସ୍ଥାପନ ହେବ। ଜୈନ ମେଟାଲସ୍ ଗଞ୍ଜାମରେ ୨,୧୦୦ କୋଟିରେ ଟାଇଟାନିୟମ କାରଖାନା ପ୍ରସ୍ତାବ ଦେଇଛି। ବଡ଼ ସମୁଦ୍ରତଟ ଓ ବିସ୍ତୃତ ଉପକୂଳ ଓଡ଼ିଶାକୁ ମାରିଟାଇମ ବାଣିଜ୍ୟର କେନ୍ଦ୍ର କରୁଛି। ଆମେ ବିଶ୍ୱସ୍ତରୀୟ ବନ୍ଦର ଓ ଶିଳ୍ପ ଗଢ଼ି ନିବେଶକଙ୍କୁ ଆକର୍ଷଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଦେଶର ନେତା, ନୀତିନିର୍ମାତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ଏକ ଟିମ ମଧ୍ୟ ସମ୍ମିଳନୀରେ ଯୋଗଦେଇଛି।

## ପ୍ରଦର୍ଶିତ ହେଲା ଓଡ଼ିଶାର ନୌବାଣିଜ୍ୟ ପରମ୍ପରା

ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରରେ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍ ୨୦୨୫ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ ଓ ପ୍ରଦର୍ଶନୀ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡ୍‌ମ୍ୟାପ ଉପରେ ମୁଖ୍ୟମନ୍ତ୍ରୀ ମାଝୀ ଆଲୋକପାତ କରିଥିଲେ। ସେ କହିଲେ, କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା , ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢି ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶା ନୌବାଣିଜ୍ୟ ଉପରେ ନିର୍ମିତ ବାଲୁକା କଳା ବେଶ୍ ଆକର୍ଷଣୀୟ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏଇ ଦେହ ପୁଣି ଏମନ୍ତ ଥାଏ ଲୋ**
**ହାତୀକୁ ପାରଇ ବାନ୍ଧି**
**ଏଇ ଦେହ ପୁଣି ଏମନ୍ତ ହୁଏ ଲୋ**
**କେଶ ନ ପାରଇ ବାନ୍ଧି ।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅରେ ଆଶ**
**ନଈ କୂଳରେ ଚାଷ**
**ଭାବନା ବାର ମାସ ।**

ସାଧାରଣତଃ ଯେଉଁ ମାତାପିତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥାଏ ସେମାନେ ସର୍ବଦା ଉକ୍ତ ସନ୍ତାନର ଭଲମନ୍ଦ ଦିଗ ପ୍ରତି ଆଶଙ୍କାଗ୍ରସ୍ତ ହୋଇପଡ଼ନ୍ତି। ସେହିପରି ନଈ କୂଳରେ ଚାଷ କରୁଥିବା ବ୍ୟକ୍ତିଙ୍କ ମନରେ ସର୍ବଦା ବନ୍ୟା ଆଶଙ୍କା ଲାଗି ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଆଜି ସ୍ଥଳଭାଗ...

ଗୋପାଳପୁରଠାରୁ ୭୨୦କି.ମି. ଦକ୍ଷିଣରେ ରହିଥିଲା। ତେବେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ମଙ୍ଗଳବାର ସକାଳ ସୁଦ୍ଧା ଭୟଙ୍କର ବାତ୍ୟାରେ ପରିଣତ ହେବ। ବାତ୍ୟା ଅତିକ୍ରମ କରିବା ସମୟରେ ଏହାର ପ୍ରଭାବ ସାରା ଓଡ଼ିଶା ଉପରେ ପଡ଼ିବାକୁ ଥିବାବେଳେ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ରହିବ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଦେଇ 'ମୋନ୍ଥା' ଗତି କରିବ। ଏହି ସମୟରେ ପବନର ବେଗ ୬୦ରୁ ୭୦ କି.ମି. ରହିବ ଏବଂ ଅତି ବେଶିରେ ପବନର ବେଗ ଘଣ୍ଟାପ୍ରତି ୮୦ କି.ମି. ରହିବ। ଛତିଶଗଡ଼ ପହଞ୍ଚିଲା ବେଳକୁ ଅବପାତ ହୋଇ ଦୁର୍ବଳ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୨୮ ତାରିଖ ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୫ ଜିଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାକୁ ଅତି ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼ା, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, ପୁରୀ, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ବାକି ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରେଡ୍ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୨୦ ସେ.ମି.ରୁ ଅଧିକ ବର୍ଷା ହେବ। ଅରେଞ୍ଜ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକରେ ୧୨ରୁ ୨୦ ସେ.ମି. ଏବଂ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଛି। ସେହିପରି ୨୯ ତାରିଖ ବୁଧବାର ପାଇଁ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ବଲାଙ୍ଗୀର ଓ ନୂଆପଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବାକି ଜିଲାଗୁଡ଼ିକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଜିଲାରେ ପ୍ରବଳ ପବନ ବହିବା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ ବୋଲି ପାଣିପାଗ ନିର୍ଦ୍ଦେଶିକା ଡ. ମହାନ୍ତି ସୂଚନା ଦେଇଛନ୍ତି।

### ସ୍କୁଲ, ଅଙ୍ଗନୱାଡ଼ି...

ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ବିଦ୍ୟାଳୟ ବନ୍ଦ ରହିବ। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟା ଅଞ୍ଚଳଗୁଡ଼ିକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ।

## 'ଜିରୋ-କାଜୁଆଲ୍‌ଟି'କୁ ସରକାରଙ୍କ ପ୍ରାଥମିକତା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯେପରି ଜଣେ ହେଲେ ବି ମୃତ୍ୟୁବରଣ ନ କରନ୍ତି, ସେଥିପାଇଁ 'ଜିରୋ-କାଜୁଆଲ୍‌ଟି'କୁ ପ୍ରାଥମିକତା ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା ମୁକାବିଲା ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, ବାତ୍ୟା ବିଶେଷକରି ୯ଟି ଜିଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ଖୋର୍ଦ୍ଧା ଜିଲାରେ ଅଧିକ ପ୍ରଭାବ ପକାଇବ। ଏହା ମାଲକାନଗିରି ଦେଇ ଛତିଶଗଡ଼ ଯିବ, ଛତିଶଗଡ଼ରେ ବର୍ଷା ବି ହେବ। ଫଳରେ ମହାନଦୀରେ ପାଣି ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଜଳ ଛଡ଼ା ଯାଉଛି। ସମୁଦ୍ର ଭିତରୁ ମତ୍ସ୍ୟଜୀବୀଙ୍କୁ ଫେରି ଆସିବା ଲାଗି ବାରମ୍ବାର ସଚେତନ କରାଯାଉଛି। ଆବଶ୍ୟକସ୍ଥଳେ ହେଲିକପ୍ଟର ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ୧୪୯୬ ଆସନ୍ନ ପ୍ରସବାଙ୍କ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ପୋଲିସ ସହ ୧୪୦ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ତେଣୁ ବାତ୍ୟାକୁ ନେଇ ଲୋକେ ଆତଙ୍କିତ ହେବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏସ୍ଆର୍‌ସି ଦେଓରଞ୍ଜନ କୁମାର ସିଂହ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**୧୪୯୬ ଆସନ୍ନ ପ୍ରସବାଙ୍କ ସମେତ ୩ ହଜାର ସ୍ଥାନାନ୍ତର**

### ଝିଅକୁ ଗଣବଳାତ୍କାର...

ରଖି ଏବଂ ଗଣବଳାତ୍କାରର ଧମକ ଦେଇ ଲୁଟ୍‌ପାଟ କରିଥିବା ନିକିତା କହିଛନ୍ତି। ବଣାଇଁ ଏବେ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତ୍ୟେକ ଦିନ ଛୋଟ ବଡ଼ ଅପରାଧ ଘଟୁଛି। ବିଶେଷକରି ଦୁର୍ବୃତ୍ତମାନଙ୍କ ଟାର୍ଗେଟ୍‌ରେ ଅସହାୟ ବ୍ୟକ୍ତି ଏବଂ ବ୍ୟବସାୟୀମାନେ ରହୁଛନ୍ତି। ଏହାକୁ ନେଇ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ରାଉରକେଲା ଏସ୍‌ପି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଉଛି। ବଣାଇଁ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି ଯେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସବୁ ଦିଗରୁ ତଦନ୍ତ ଜାରି ରହିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଓ ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

### ଜିଏମ୍‌ଡିସି: ଗୁଜରାଟରୁ...

ବଞ୍ଚାଇବା ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ଏଠାରେ ଖଣି ହେଲେ ନିକଟବର୍ତ୍ତୀ ଅଞ୍ଚଳର ଲୋକେ ଧୂଳିଧୂଆଁରେ କଲବଲ ହେବେ। ଚାଷବାସ ଉଜୁଡ଼ି ଜୀବନଜୀବିକା ପ୍ରଭାବିତ ହେବ। ଜଳ ଉତ୍ସ ଶୁଖିଯାଉଥିବାରୁ ପିଇବା ପାଣି ପାଇଁ ଲୋକେ ଦହଗଞ୍ଜ ହେବେ। ଏପରି କି ଶୁଦ୍ଧ ଅମ୍ଳଜାନ ଆଉ ମିଳିବ ନାହିଁ। ଖଣି ହେଲେ ଅଞ୍ଚଳର କି ପ୍ରକାର ବିକାଶ ହୋଇଥାଏ, ତାହା କୋଇଲା ଖଣି ଅଞ୍ଚଳ ଜନସାଧାରଣ ଭୋଗୁଥିବା କଷ୍ଟ ଓ ସମ୍ମୁଖୀନ ହେଉଥିବା ନାନା ସମସ୍ୟାରୁ ସ୍ପଷ୍ଟ ହେଉଛି। ତେଣୁ ଏ ଅଞ୍ଚଳରୁ ଗୁଜରାଟ କମ୍ପାନୀକୁ ହଟାଇବା ପାଇଁ ଆନ୍ଦୋଳନ ଜାରି ରହିବ। ବିସ୍ଥାପିତ ପ୍ରଜା ନୀଳମଣି ପଣ୍ଡା କହିଛନ୍ତି, ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କମ୍ପାନୀ ପକ୍ଷରୁ ଜମିର ମୂଲ୍ୟାଙ୍କନ ଠିକ୍ ଭାବେ କରାଯାଉ ନାହିଁ। ଖଣି ଅଞ୍ଚଳରେ ଜମିର ମୂଲ୍ୟ ଗୋଟିଏ ରହିବା କଥା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଜମିର ବିଭିନ୍ନ ମୂଲ୍ୟ ଦେଉଛନ୍ତି। ବିସ୍ଥାପନ ଓ ଥଇଥାନ ନେଇ କୌଣସି ଆଲୋଚନା କରୁନାହିଁ। ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର ଆବାହକ ଜଗଦାନନ୍ଦ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢ଼ିଚାଲିଛି। ଛେଣ୍ଡିପଦାରେ ମଧ୍ୟ ପରିବେଶର ଅବନତି ଦେଖିବାକୁ ମିଳୁଛି। ତେଣୁ ଏଠାରେ କୋଇଲା ଖଣି ପ୍ରକଳ୍ପକୁ ବାତିଲ କରିବାର ଆବଶ୍ୟକତା ରହିଛି।

ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଏମ୍‌ଡିସି କମ୍ପାନୀର ସିଏସ୍ଆର୍ ଦାୟିତ୍ୱରେ ଥିବା ପ୍ରଶାନ୍ତ ଦେହୁରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏ ନେଇ ମତାମତ ରଖିବାକୁ ଅଧିକୃତ ଅଧିକାରୀ ନୁହନ୍ତି ବୋଲି କହିବା ସହ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ।

### ସନ୍ଦେହରେ ନେତା...

କରିଥିଲା। ନୂଆପଡ଼ାର ଜଣାଶୁଣା ନେତା ମନୋଜ ମିଶ୍ରଙ୍କ ନାଁ ପ୍ରାର୍ଥୀ ତାଲିକାରେ ଚର୍ଚ୍ଚାରେ ରହିଥିଲା। ସେହିପରି ବର୍ତ୍ତମାନର ନୂଆପଡ଼ାର ଜିଲା ବିଜେଡି ସଭାପତି ଥିବା ଅବନୀ ଯୋଶୀଙ୍କ ନାଁ ମଧ୍ୟ ବିଜେଡି ଶିବିରରେ ଆଲୋଚନା କରାଯାଇଥିଲା। ସେହିପରି ନୂଆପଡ଼ା ବ୍ଲକ ଚେୟାରମ୍ୟାନ ଥିବା ତାରେଶ୍ୱରୀ ସାହୁଙ୍କ ନାଁ ମଧ୍ୟ ପ୍ରାର୍ଥୀ ତାଲିକାରେ ଦଳ ରଖିଥିଲା। ହେଲେ ଜୟଙ୍କ ଭଳି ଜଣେ ଆଗଧାଡ଼ିର ନେତା ଯେତେବେଳେ ଦଳ ଛାଡ଼ି ପଳାଉଛନ୍ତି ତାଙ୍କ ବାପାଙ୍କ ଅଧୀନରେ କାମ କରୁଥିବା ନେତାମାନଙ୍କୁ କେତେଦୂର ଭରସା କରାଯାଇ ପାରିବ ତାକୁ ନେଇ ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ତିଆରି କରିଥିଲା। ଶୁଣିବାକୁ ମିଳେ ସେହି ସମୟରେ ତାରେଶ୍ୱରୀଙ୍କୁ ଦଳ ପ୍ରାର୍ଥୀ ହେବା ନେଇ ପ୍ରସ୍ତାବ ଦେଇଥିଲା। ମାତ୍ର ତାରେଶ୍ୱରୀ ଏହି ପ୍ରସ୍ତାବ ପ୍ରତି ଅନାଗ୍ରହ ଦେଖାଇବା ସଙ୍ଗେସଙ୍ଗେ ଏହାର ଦୁଇଦିନ ପରେ ସେ ମଧ୍ୟ କୁଆଡେ ଭାଜପାରେ ଯୋଗଦେଲେ, ଯାହାକି ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଏସବୁ କଥାକୁ ଲକ୍ଷ୍ୟ କରି ଏପରି ଏକ ପ୍ରାର୍ଥୀ ଦେବାକୁ ବିଜେଡି ଚିନ୍ତା କଲା ଯିଏ ନିର୍ବାଚନ ଭିତରେ ଭାଜପାରେ ଯୋଗଦେବେ ନାହିଁ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ କୁଆଡ଼େ ବିଜେଡି ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଏଥିରେ ରାଜି ହୋଇ ନ ଥିଲେ ବୋଲି ଶୁଣିବାକୁ ମିଳୁଛି। ଶେଷରେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳ ପ୍ରାର୍ଥୀ କଲା। ହେଲେ ନୂଆପଡା ନିର୍ବାଚନ ମଣ୍ଡଳୀରେ ବିଜେଡିର ଆଗଧାଡ଼ି ନେତା ମନୋଜ ମିଶ୍ର ଏବଂ ଅବନୀ ଯୋଶୀଙ୍କ ଗତିବିଧି ଉପରେ ରାଜ୍ୟସ୍ତରରୁ ଆସିଥିବା ନେତାମାନେ ସନ୍ଦେହ କରୁଛନ୍ତି ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କୋମନା ବ୍ଲକ ଅନ୍ତର୍ଗତ ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ବିଜେଡି ଏବେ ନିଜର କ୍ୟାମ୍ପ ଅଫିସ କରିଛି। ଜଣେ ବିଜେଡି ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ମନୋଜ ଏବଂ ଅବନୀଙ୍କ ରାଜନୈତିକ ଗତିବିଧି ଉପରେ ପ୍ରଣବ ପ୍ରକାଶ ଦାସ (ବବି) ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ହେଲେ ଉଭୟ ସ୍ଥାନୀୟ ନେତା କୁଆଡ଼େ ଭାଜପା ସହ ଭିତିରି ବୁଝାମଣାରେ ରହିଥିବା ଆମ ଦଳର ନେତାମାନେ ଜାଣି କି ମଧ୍ୟ କିଛି କରି ପାରୁ ନ ଥିବା ସେ କହିଛନ୍ତି। ଆଗକୁ ଉଭୟଙ୍କ ଭୂମିକାରେ ପରିବର୍ତ୍ତନ ଯେ ନ ଆସିବ ସେ କଥାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି।

ବିଜେଡି ଭଳି ଭାଜପାରେ ମଧ୍ୟ ସମାନ ଅବସ୍ଥା। ଜୟଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ଶାସକ ଦଳରୁ ଟିକେଟ ଆଶାରେ ରହୁଥିବା ତିନି ବରିଷ୍ଠ ନେତା ବସନ୍ତ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀଙ୍କ ଭୂମିକାକୁ ନେଇ ତାଙ୍କ ଦଳରେ ଆଲୋଚନା ଜୋର୍ ଧରିଛି। ଦୀର୍ଘ ଦିନ ହେବ ଭାଜପା ସଂଗଠନ ନୂଆପଡ଼ା ଜିଲାରେ ବୃଦ୍ଧି କରିବା ଲାଗି ବସନ୍ତ, ପ୍ରସନ୍ନ ଏବଂ ଯଦୁମଣି ଅନେକ ପରିଶ୍ରମ କରି ଆସିଛନ୍ତି। ରାଜ୍ୟରେ ଭାଜପା ଯେତେବେଳେ ଶାସନକୁ ଆସିଲା ଏମାନେ ନିଜର ରାଜନୈତିକ ଭବିଷ୍ୟତକୁ ଆଗକୁ ବଢ଼ାଇବାର ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏମାନଙ୍କ ମଧ୍ୟରୁ ଜଣଙ୍କୁ ଦଳୀୟ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲା। ହେଲେ ଦୀର୍ଘ ବର୍ଷ ଧରି ସେମାନେ ଯାହା ବିରୋଧରେ ନୂଆପଡ଼ାରେ ସଂଗଠନ କରୁଥିଲେ ତାଙ୍କ ପରିବାରରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବା କଥାକୁ ସେମାନେ କୁଆଡ଼େ ସହଜେ ଗ୍ରହଣ କରି ପାରି ନାହାନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏମିତି ହୋଇଛି, ଜୟ ଭାଜପାକୁ ଆସିବା ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କ ସହିତ ତୃଣମୂଳସ୍ତରରେ କାମ କରୁଥିବା ଅନେକ ନେତା ବି ଶାସକ ଦଳରେ ଯୋଗଦେଇଛନ୍ତି। ଫଳରେ ଉପନିର୍ବାଚନରେ ଜୟ ତାଙ୍କ ଲୋକଙ୍କୁ ଧରି କାମ ଚଳାଇଛନ୍ତି, ଯାହାକି ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ସମର୍ଥକମାନଙ୍କୁ ଅସନ୍ତୁଷ୍ଟ କରୁଛି। ଗାଁ ଗହଳିରେ ଏହି ନେତାମାନଙ୍କ ସମର୍ଥକମାନେ କହିବା କଥା, ଆଜିଯାଏ ସେମାନେ ଶାସନରେ ଥିବା ଗୋଟିଏ ଦଳ ବିରୋଧରେ ଲଢ଼ି ଚାଲିଲେ। ଯେତେବେଳେ ତାଙ୍କ ଦଳ ଶାସନକୁ ଆସିଲା ସେତେବେଳେ ସେମାନଙ୍କୁ ଅଣଦେଖା କରାଯାଇ ବିରୋଧୀ କର୍ମୀଙ୍କୁ ଅଗ୍ରାଧିକାର ମିଳୁଛି। ସୋମବାର ନୂଆପଡ଼ା ବ୍ଲକ ବିଶୋରା, ଭାଲେଶର, ବେଲଟୁକୁରି ଆଦି ଗ୍ରାମ ପଞ୍ଚାୟତକୁ ଗସ୍ତ କରି ଉପନିର୍ବାଚନ ପାଣିପାଗ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ସମୟରେ ଏହି ସବୁ କଥା ମଧ୍ୟ ସାମନାକୁ ଆସିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପଶ୍ଚିମ ଓଡ଼ିଶାର ଭାଜପା ନେତାଙ୍କ କହିବା ମୁତାବକ, ତାଙ୍କ ଦଳ ପକ୍ଷରୁ କାମ କରୁଥିବା ନେତା, ବରାହେ ନାମକ ପଲିଟିକାଲ କନ୍‌ସଲଟାନ୍‌ସି ସଂସ୍ଥା ଏବଂ ଆର୍‌ଏସ୍‌ଏସ୍‌ର ଗୋଟିଏ ଟିମ୍ ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ଭୂମିକା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏବାବଦରେ ସ୍ଥାନୀୟ ପୋଲିସ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ଖବର ସଂଗ୍ରହ କରାଯାଉଛି। ତଥାପି ଆଗକୁ ଏହି ତିନି ନେତାଙ୍କ ଭୂମିକା କ'ଣ ରହିବ ଉପନିର୍ବାଚନ ପରେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ବନ୍ଧୁଙ୍କୁ ହତ୍ୟାକରି ତିନି ବନ୍ଧୁ ଗିରଫ

ଦେଓଗାଁ,୨୭।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ଥାନା ଅନ୍ତର୍ଲା ପତ୍ରଫଡି ନିକଟରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ଅନ୍ତର୍ଲାରେ ହତ୍ୟାକାଣ୍ଡ

### ଭୋଜି ସମୟରେ ବଚସା ନେଲା ହତ୍ୟାର ରୂପ

ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଅନ୍ତର୍ଲା ଗାଁ ନିକଟରେ ଏକ ହତ୍ୟାକାଣ୍ଡ ଘଟିଛି। ଭୋଜି ସମୟରେ କୌଣସି କଥାକୁ ନେଇ ବଚସା ହେବାରୁ ଜଣେ ଯୁବକଙ୍କୁ ତାଙ୍କର ୩ ଜଣ ବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ନିହତ ଯୁବକ ଜଣକ ହେଲେ ଅନ୍ତର୍ଲାର ପୂର୍ବତନ ପୋଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ (୩୦)। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧପଡ଼ା ଗ୍ରାମର ରାଜା କଟା (୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡ଼ା ଗ୍ରାମର ଇରଫାନ ଛତ୍ରିଆ (୧୯)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ୪ ଜଣ ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ରକରି ବଚସା ହେବା ପରେ ରାଜାଙ୍କ ମା' ରାଜାଙ୍କୁ ବାରମ୍ବାର ଫୋନ କରି ଘରକୁ ଆସିବା ପାଇଁ କହିଥିଲେ। ସେହି ସମୟରେ ସୁଜିତ ରାଜାଙ୍କ ମା'ଙ୍କ ସହ ଫୋନ୍‌ରେ କଥା ହୋଇ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଏଥିରେ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡ଼ାଲରେ ସୁଜିତଙ୍କୁ ଆକ୍ରମଣ କରିଥିଲେ। ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବିଅର ବୋତଲ ଓ ଠେଙ୍ଗାରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସୋମବାର ସକାଳେ ଘଟଣାସ୍ଥଳକୁ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ,ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ମୃତଦେହ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ମୃତକଙ୍କ ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୩୫୬/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

# ଘରେ ପଶି ଛୁରାମାଡ଼, ଦୁଇ ଗିରଫ

ଭୁବନେଶ୍ୱର,୨୭।୧୦
(ସତ୍ୟଜିତ ରାଉତ)

ଘରେ ପଶି ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ମାମଲାରେ ଖାରବେଳନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୩ ଅଞ୍ଚଳର ଡି. ଉଦୟ କିରନ(୨୦) ଓ ସାଗର ବେହେରା(୧୯)। କୋର୍ଟ ଚାଲାଣ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଆଦିତ୍ୟ ସେଠୀ ୟୁନିଟ୍-୩ ଅଞ୍ଚଳରେ ରୁହନ୍ତି। ରବିବାର ରାତି ପ୍ରାୟ ୧୦ଟା ୩୦ ବେଳେ ସେ ଜଣେ ବନ୍ଧୁଙ୍କ ସହ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଅଭିଯୁକ୍ତ ଉଦୟ, ସାଗର ଏବଂ ଅନ୍ୟ ସହଯୋଗୀମାନେ ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲେ। ସେମାନେ ହଠାତ୍ ଏକ ଛୁରିରେ ଆଦିତ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ଦୌଡି ପଳାଇଥିଲେ। ପରିବାର ସଦସ୍ୟ ଆଦିତ୍ୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୮୩/୨୦୨୫) ରୁଜୁ କରିଥିଲା। ପୋଲିସ ଟିମ୍ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ଆନ୍ଧ୍ରରୁ ଚୋରି ୫ ବାଇକ୍ ଓଡ଼ିଶାରୁ ଜବତ

ବନ୍ତ,୨୭।୧୦
(ହରିନାରାୟଣ ମହାନ୍ତି)

ଆନ୍ଧ୍ରପ୍ରଦେଶରୁ ଚୋରି ବାଇକ୍ ଓଡ଼ିଶାରେ ବିକ୍ରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପରେ ଆନ୍ଧ୍ର ପୋଲିସ ଓଡ଼ିଶାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ୪ ସ୍ଥାନରେ ଚଢ଼ାଉ କରି ୫ ବାଇକ୍ ଜବତ କରିଛି। ଜବତ ହୋଇଥିବା ବାଇକ୍‌ଗୁଡ଼ିକର କୌଣସି ନମ୍ବର ପ୍ଲେଟ୍ ନ ଥିବା ଜଣାଯାଇଛି।

ପ୍ରକାଶ ଯେ, ରବିବାର ରାତିରେ ଆନ୍ଧ୍ର ପୋଲିସ ଭଦ୍ରକ ଜିଲା ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରରୁ ଚୋରି ହୋଇଥିବା ବାଇକ୍ ସମ୍ପର୍କରେ ସୂଚନା ଦେଇଥିଲା। ଚୋରିରେ ସମ୍ପୃକ୍ତ ଥିବା ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ସେକ୍ ସମିମ୍‌ଙ୍କୁ ସାଥିରେ ଧରି ଆନ୍ଧ୍ର ପୋଲିସ ବନ୍ତ ଥାନାରେ ପହଞ୍ଚିଥିଲା। ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରୁ ଗୋଟିଏ ବାଇକ୍ ଜବତ କରାଯାଇଥିଲା। ଏଥିସହ ଆନ୍ଧ୍ର ପୋଲିସ କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳରୁ ଗୋଟିଏ, କଟକରୁ ୨ ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ବାଇକ୍ ସ୍ଥାନୀୟ ଥାନା ପୋଲିସ ସହାୟତାରେ ଜବତ କରିଛି। ପ୍ରକାଶଥାଉ କି, ଏହି ଚୋରି ନେଇ ଗତ ୨୦ ତାରିଖରେ ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଟାଉନ ଥାନାରେ ଏକ ମାମଲା (ନଂ.୨୪୧/୨୫), ୧୭ ତାରିଖରେ ବିଶାଖାପାଟଣା ଥାନାରେ ମାମଲା (ନଂ.୨୮୯/୨୫) ଏବଂ ପେଣ୍ଡୁରର୍ଥୀ ଥାନାରେ ଏକ ମାମଲା (ନଂ.୪୬୩/୨୫) ରୁଜୁ ହୋଇଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ


ଫୁଲବାଣୀ,୨୭।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ସୋମବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଫୁଲବାଣୀ ସଦର ଥାନା ଅଧୀନ ସାଇନପଡ଼ା ଗ୍ରାମର ରିତିକ୍ ଦିଗାଲ(୧୯)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଜଣଙ୍କ ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଅଭିଯୁକ୍ତ ରିତିକ୍ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ ନଭେମ୍ବର ୨୧ ତାରିଖରେ ନାବାଳିକାଙ୍କୁ ସେ ବାଇକ୍‌ରେ ବସାଇ ନିଜ ମାମୁଘରକୁ ନେଇ ଯାଇ ସେଠାରେ ମଧ୍ୟ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଘରକୁ ନ ଫେରିବାରୁ ବାପା ଚାରିଆଡେ ଖୋଜି ନିରାଶ ହେବା ପରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୫୯/୨୪ରେ ମାମଲା ରୁଜୁ କରି ରିତିକ୍‌ଙ୍କୁ ଗିରଫ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଜଙ୍ଗଲରୁ ବନ୍ଧୁକ କାରଖାନା ଠାବ, ୩ ଗିରଫ

**ଶରଣକୂଳ, ୨୭।୧୦(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଥାନା ଜାକେ ଗ୍ରାମରେ ବହୁଦିନ ଧରି ଚାଲିଥିବା ବେଆଇନ ବନ୍ଧୁକ କାରଖାନା ପୋଲିସ ଠାବ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଶାନ୍ତ ପ୍ରଧାନ (୪୪), ବସନ୍ତ ବାଣ୍ଟ ଓରଫ ଟିଙ୍କିନା (୩୩) ଓ ପ୍ରଶାନ୍ତ ବିଶ୍ୱାଳ ଓରଫ ପଣ୍ଡା (୪୫)। ସେମାନଙ୍କୁ ପୃଥକ ସ୍ଥାନରେ ରଖି ଜେରା କରିବା ପରେ ସମସ୍ତ ୩ଜଣ ବନ୍ଧୁକ ତିଆରି କାର୍ଯ୍ୟରେ ନିୟୋଜିତ ଥିବା ସତ ମାନିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶରଣକୁଳ ଥାନା ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାକେ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ବେଆଇନ ବନ୍ଧୁକ କାରଖାନା ଚାଲିଥିବା ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା। ବନ୍ଧୁକ ତିଆରିରେ ସାମିଲ ଥିବା ବ୍ୟକ୍ତିମାନେ ଖସିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ପୋଲିସ କାବୁ କରି ଥିଲା। ଘଟଣାସ୍ଥଳରୁ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଘଟଣାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ ବିଶ୍ୱାଳ ବୋଲି ପୋଲିସ ଜାଣିବାକୁ ପାଇଛି।




## ରାଜ୍ୟ ଖବର

# ବଦଳିଯାଇଛି ପୁରୁଣା ସ୍ଥିତି

## ନୂଆପଡ଼ା ଉପନିର୍ବାଚନ

### ଇଆଡ଼େ ସିଆଡ଼େ ହୋଇଯାଇଛନ୍ତି ନେତା

ନୂଆପଡ଼ା,୨୭।୧୦
(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାର ଜୋରଦାର କରିବା ସହିତ କର୍ମୀ ସମାବେଶ, ସଭା ସମିତି ଓ ମିଶ୍ରଣ ପର୍ବ କରି ମତଦାତାଙ୍କ ବିଶ୍ୱାସ ଭାଜନ ହେବାରେ ଲାଗିଛନ୍ତି। ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦଶନ୍ଧି ଧରି ବିଜେଡିର ଗଡ ଥିବା ନୂଆପଡ଼ାରେ କିନ୍ତୁ ଏବେ ଅନେକ ପରିବର୍ତ୍ତନ ଘଟିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ତାଙ୍କ ପୁଅ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ନୂଆପଡ଼ା ଓ କୋମନା ବ୍ଲକ ସହିତ ନୂଆପଡ଼ା ଓ ଖରିଆର ରୋଡ ଏନ୍ଏସି ରହିଛି। ତେବେ ନୂଆପଡ଼ା ବ୍ଲକର ମତଦାତାଙ୍କ ଉପରେ ସବୁବେଳେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ନଜର ରହିଥାଏ। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନୂଆପଡ଼ା ବ୍ଲକରୁ ମଧ୍ୟ ସେ ଅଧିକ ଭୋଟ ପାଇଥିଲେ। ନୂଆପଡା ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ୩ଟି ଜିଲା ପରିଷଦ ଜୋନ ରହିଛି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ବ୍ଲକରୁ ସର୍ବାଧିକ ୨୩ହଜାର ୮୫୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୨୩ ହଜାର ୪୨୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଯୁବ ନେତା ଅଭିନନ୍ଦନ ପଣ୍ଡା ୨୦ ହଜାର ୩୩୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ମଧ୍ୟ ମାତ୍ର ୬ ହଜାର ୩ଶହ ଭୋଟ ଏହି ବ୍ଲକରୁ ପାଇଥିଲେ। ଶରତ ବଲାଙ୍ଗୀର ଜିଲାର ଅଧିବାସୀ ହୋଇଥିବାରୁ ମତଦାତା ତାଙ୍କୁ ଭରସା କରି ନ ଥିଲେ।

ଗତ ନିର୍ବାଚନରେ ସ୍ଥାନୀୟ ନେତାମାନେ ଯେଉଁ ଦଳରେ ଥିଲେ ଏବେ କିନ୍ତୁ ଅନେକ ଦଳ ପରିବର୍ତ୍ତନ କରିଛନ୍ତି। ତେଣୁ ସାଧାରଣ ମତଦାତା ଦ୍ୱନ୍ଦ୍ୱରେ ଅଛନ୍ତି। ନୂଆପଡ଼ା ବ୍ଲକର ତିନୋଟି ଜିଲା ପରିଷଦ ଜୋନରୁ ଜୋନ ନଂ.୭ରେ ବିଜେଡିର ଉମା ଠାକୁର, ଜୋନ ୮ରେ ବିଜେଡିର ଭାନୁପ୍ରତାପ ସିଂ ମାଝୀ ଏବଂ ଜୋନ ୯ରେ କଂଗ୍ରେସର ଭରତ ଲାଲ ରାଉତ ଜିଲା ପରିଷଦ ସଭ୍ୟ ଅଛନ୍ତି। ଗତ ବିଧାନସଭା ନିର୍ବାଚନରେ ଉମା ଠାକୁର ବିଜେଡି ପାଇଁ କାମ କରୁଥିବାବେଳେ ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ସେହିପରି ଭରତ ଲାଲ ରାଉତ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ବେଳେ ଚଳିତଥର ମଧ୍ୟ ଦଳ ସପକ୍ଷରେ କାମ କରୁଛନ୍ତି। ଭରତ ଲାଲ ଏବେ ଯାଦବ ସମାଜ ଜିଲା ସଭାପତି ଅଛନ୍ତି। ଯାଦବ ଭୋଟକୁ କଂଗ୍ରେସ ସପକ୍ଷରେ ନେବା ପାଇଁ ସେ ଚେଷ୍ଟା କରୁଛନ୍ତି। ମାତ୍ର ଭାନୁ ପ୍ରତାପ ସିଂ ମାଝୀ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ ନ କରି ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ପରୋକ୍ଷ ସମର୍ଥନ କରିଥିଲେ। ତେଣୁ ଦଳ ତାଙ୍କୁ ବହିଷ୍କାର କରିଥିଲା। ଏବେ କିନ୍ତୁ ବିଜେଡି ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ସେ ଦଳକୁ ଫେରିଛନ୍ତି। ତାଙ୍କ ମାଧ୍ୟମରେ ଆଦିବାସୀ ଭୋଟ ହାତେଇବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଭାନୁପ୍ରତାପଙ୍କ ଆଦିବାସୀ ସମାଜ ଉପରେ ବେଶ ପ୍ରଭାବ ଥିବା ବେଳେ ତାଙ୍କୁ ନେଇ ବିଜେଡ଼ି ଅନେକ କିଛି ଆଶା ରଖିଛି। ସେହିପରି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷା ଥିବା ତାରେଶ୍ୱରୀ ସାହୁ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିଲେ। ସେ ରାଜେନ୍ଦ୍ର ଢୋଲକିଆଙ୍କ ଏକାନ୍ତ ଅନୁଗତ ଥିବାରୁ ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡ଼ା ଗସ୍ତ ସମୟରେ ବିଜେଡି ଛାଡ଼ି ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର ମଧ୍ୟ ପୂର୍ବରୁ ବିଜେଡିରେ ଥିବା ବେଳେ ସେ ଏବେ ଭାଜପାରେ ଅଛନ୍ତି। ଏହା ସହିତ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ବିଜେଡିରେ ଥିବା ବେଳେ ଏବେ ଜୟଙ୍କ ପଛେପଛେ ଭାଜପାକୁ ଚାଲିଯାଇଛନ୍ତି। ସେହିପରି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଦେଇଥିବା ଭାନୁପ୍ରତାପ ଓ ବିହାରିଲାଲ ବିଶ୍ୱାଳ ଏବେ କିନ୍ତୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ବିଶିଷ୍ଟ ଆଦିବାସୀ ନେତା ଭକ୍ତ ବନ୍ଧୁ ଧରୁଆ ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିବା ବେଳେ ଏବେ କିନ୍ତୁ ସେ ନିଜେ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନଙ୍କୁ ଯେଉଁମାନେ ସମର୍ଥନ କରିଥିଲେ ଏବେ ସେମାନେ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ଭାଜପାର ସଭା, ସମିତିକୁ ଯିବା ସହିତ ଦଳ ପାଇଁ କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ନୂଆପଡ଼ା ବ୍ଲକରେ ଚଳିତ ଉପନିର୍ବାଚନରେ ସମୀକରଣ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜାତିଭିତ୍ତିକ ଭୋଟକୁ ପ୍ରମୁଖ ଦଳର ପ୍ରାଧାନ୍ୟ

ନୂଆପଡ଼ା,୨୭।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ଗୁରୁତ୍ୱ ଦେଇ ଜାତିଭିତ୍ତିକ ଭୋଟକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁଠାରୁ ବଡ ଭୋଟ ଆଦିବାସୀମାନଙ୍କର ଥିବାବେଳେ ଏବେ ଏସ୍‌ସି ଓ ଓବିସି ଭୋଟ ଉପରେ ନେତା ବିଶେଷ ଧ୍ୟାନ ଦେଉଛନ୍ତି। ଏହି ଜାତିଭିତ୍ତିକ ଭୋଟ ହାତେଇବା ପାଇଁ ପ୍ରମୁଖ ଦଳ ସେହି ଜାତିର ଟାଣୁଆ ନାତାମାନଙ୍କୁ ନିଜ ସପକ୍ଷକୁ ଟାଣୁଛନ୍ତି। ଭାଜପା ଓବିସି ଭୋଟ ହାତେଇବା ପାଇଁ ବିଜେଡିରେ ତିନିଥର ପ୍ରାର୍ଥୀ ହୋଇଥିବା ଟାଣୁଆ ନେତା ତଥା ଉତ୍କଳ ଯାଦବ ମହାସଂଘର ସଚିବଙ୍କୁ ନିଜ ସପକ୍ଷରେ ନେବା ସହ ବିଜେଡିରୁ କ୍ଷମାସିଂ ନିଆଲ, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ସମେତ ବିଭିନ୍ନ ପଞ୍ଚାୟତର ଓବିସି ବର୍ଗର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟମାନଙ୍କୁ ନିଜ ସପକ୍ଷକୁ ଟାଣି ନେଇଛନ୍ତି। ସେମାନେ ଓବିସି ଭୋଟ ହାତେଇବା ପାଇଁ ଗାଁ ଗାଁ କ୍ୟାମ୍ପେନ କରୁଛନ୍ତି। ସେହିପରି କଂଗ୍ରେସ ଦଳରେ ଯାଦବ ସମାଜର ଜିଲା ସଭାପତି ଭରତ ଲାଲ ରାଉତ, କପିଳେନ୍ଦ୍ର ଯାଦବ ଓବିସି ଭୋଟରଙ୍କ ପାଖକୁ ଯାଇ ଭୋଟ ସାଉଁଟିବାରେ ଲାଗିଛନ୍ତି। ବିଜେଡିରେ ଥିବା ଓବିସି ଟାଣୁଆ ନେତାମାନେ ଦଳ ଛାଡି ଅନ୍ୟ ଦଳକୁ ଚାଲିଯିବାରୁ ବରଗଡ ଜିଲାରୁ ଯାଦବ ସମାଜ ଜିଲା ସଭାପତି ରାଜୁ ଘିବେଲା ଆସି ଓବିସିମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଓବିସି ଭୋଟ ୪୦ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସବୁ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଓବିସିଙ୍କୁ ପ୍ରଲୋଭନ ଦେଖାଇ ନିଜ ଅକ୍ତିଆରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ନେତାଙ୍କ ପ୍ରଲୋଭନରେ ଆମେ ଯିବୁ ନାହିଁ। ଯିଏ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବ, ସମସ୍ତଙ୍କ ଦୁଃଖସୁଖରେ ସହଭାଗୀ ହେବ ସେଭଳି ପ୍ରାର୍ଥୀଙ୍କୁ ଚୟନ କରି ଭୋଟ ଦେବୁ ବୋଲି ଜଣେ ଓବିସି ଭୋଟର କହିଛନ୍ତି।



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। –ଶ୍ରୀମା

–ଶରଣ ଆରମ୍ଭ



# ଏଆଇରୁ ମରିବାନି

ଘଟଣା ହରିୟାଣା ଫରିଦାବାଦର। ନାୟକ ୧୯ ବର୍ଷ ବୟସ୍କ ରାହୁଲ ଭାରତୀ। ସେ ସ୍ଥାନୀୟ ଡିଏଭି କଲେଜର ଛାତ୍ର। ତିନି ବଡ଼ ଭଉଣୀ ଓ ତାଙ୍କ ଫଟୋକୁ ଅଶ୍ଳୀଳ ରୂପ ଦେଇ କେହି ଜଣେ ରାହୁଲଙ୍କୁ ବାରମ୍ବାର ଧମକାଇବା ଏବଂ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ବାସ୍ତବରେ କୌଣସି ଅଶ୍ଳୀଳ ଚିତ୍ର ଉଠାଯାଇ ନ ଥିଲା। ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ଅତି ଚତୁରତାର ସହିତ କମ୍ପ୍ୟୁଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମନଗଢ଼ା ଛବି ସୃଷ୍ଟି କରିପାରିଥିଲେ। ମନେରଖିବାକୁ ହେବ ଯେ ଆଜିର ପୃଥିବୀରେ ଏଆଇ ଅତି ପ୍ରାଥମିକ ଅବସ୍ଥାରେ ଥିବା ସତ୍ତ୍ୱେ ଯେକୌଣସି ବ୍ୟକ୍ତିବିଶେଷର ଶରୀର, ମୁହଁ ଏବଂ ସ୍ୱରକୁ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର, ଅଡିଓ ଏବଂ ଭିଡିଓ ଅତି ସହଜରେ ପ୍ରସ୍ତୁତ କରାଯାଇପାରୁଛି। ଏହା ବର୍ତ୍ତମାନ ଆରମ୍ଭ ମାତ୍ର। ଏହିଭଳି ଏଆଇର ଅପବ୍ୟବହାର କରାଯିବା ଅତ୍ୟନ୍ତ ସହଜ ଓ ଆସନ୍ତା ଦିନଗୁଡ଼ିକରେ ଅଧିକରୁ ଅଧିକ ସହଜ ହୋଇଯିବ। ଏପରିକି ଏବେ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ମହାଭାରତ ଧାରାବାହିକର ବିଜ୍ଞାପନ ଦେଖିବାକୁ ମିଳିଲାଣି। ଏଥିରେ କୌଣସି ମଣିଷ ତାରକାଙ୍କ ପ୍ରୟୋଜନ ରହୁନାହିଁ। ଏଭଳି ପ୍ରଚ୍ଛଦପଟରେ ରାହୁଲଙ୍କ ପ୍ରତିକ୍ରିୟା ଓ ସେଥିରୁ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଦୁଃଖଦାୟକ। ଏଭଳି ବି ହୋଇପାରେ ଯେ ଅତି ଭଦ୍ରଲୋକଙ୍କର ଛବିକୁ ନେଇ ତାଙ୍କର କାଳି ସ୍ତ୍ରୀଙ୍କ ପରିବର୍ତ୍ତେ ଜଣେ ସଫା ଯୁବତୀଙ୍କ ସହିତ ଆଲିଙ୍ଗନ କରୁଥିବାର ଛବି ଓ ଭିଡିଓ ପ୍ରସ୍ତୁତ କରାଯାଇପାରିବ। ସେଭଳି ଯୁବତୀ ଓ ମହିଳାମାନଙ୍କ ସମ୍ପର୍କରେ ଅସଭ୍ୟ ଓ ଅରୁଚିକର ଭିଡିଓ ପ୍ରସ୍ତୁତ କରି ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ଆସନ୍ତା ଦିନଗୁଡ଼ିକରେ ସହଜ ହୋଇଯିବ। ଏଆଇର ମାରାତ୍ମକତା ବଡ଼ବଡ଼ିଆ, ରାଜନେତା, ସିନେମା ତାରକା କିମ୍ବା ଧନଶାଳୀ ବ୍ୟକ୍ତିଙ୍କୁ ଯେତେ କ୍ଷତି ପହଞ୍ଚାଇବ ନାହିଁ, ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ସାଧାରଣ ଯୁବତୀ ଓ ଯୁବକ। ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇନାହାନ୍ତି ଏବଂ ସେମାନଙ୍କ ମନରେ ସବୁବେଳେ ଚିନ୍ତା ଘାରୁଥାଏ 'ଆମ ବିଷୟରେ ଲୋକେ କ'ଣ କହିବେ' ସେମାନେ ଅତ୍ୟଧିକ ମାତ୍ରାରେ ଏଆଇର ଶିକାର ହେବାର ଆଶଙ୍କା ରହିଛି। ପ୍ରତିଷ୍ଠିତ ଲୋକଙ୍କର ପରିବାର ଏବଂ ନିକଟତମ ବ୍ୟକ୍ତି ଅଳ୍ପବହୁତେ ବୁଝିପାରିବେ ଯଦି କୌଣସି ସମ୍ପୂର୍ଣ୍ଣ ମିଥ୍ୟାକୁ ଏଆଇ ମାଧ୍ୟମରେ ପ୍ରଚାର କରାଯାଏ। କିନ୍ତୁ ରାହୁଲଙ୍କ ଭଳି ସାଧାରଣ ପରିବାରର ଯୁବକ ନିଜ ସମ୍ପର୍କରେ ଏକ ଅଶ୍ଳୀଳ ଭିଡିଓ ଯୋଗୁ ଅସ୍ତବ୍ୟସ୍ତ ହୋଇ ନିଜ ଜୀବନକୁ ଶେଷ କରିଦେଲେ।

ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

ଏଆଇର ଯୁଗ ଏବେ ଆରମ୍ଭ ମାତ୍ର। ଏହାର ସକାରାତ୍ମକ ଦିଗ ମଣିଷ ଜାତିକୁ ବହୁ ଉନ୍ନତ କରିବାର କ୍ଷମତା ରଖିଥିବା ବେଳେ ତାହାର ନକାରାତ୍ମକ ଦିଗ ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତିବିଶେଷଙ୍କ ଜୀବନକୁ ଛାରଖାର କରିବାକୁ ଆରମ୍ଭ କଲାଣି। ରାହୁଲଙ୍କୁ ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ସମ୍ଭବତଃ ତାଙ୍କ ଭଉଣୀମାନଙ୍କ ବିଷୟରେ ଭିଡିଓ ପ୍ରସ୍ତୁତ କରିଛନ୍ତି ବୋଲି ଧମକ ଦେଇ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ। ଧମକ ପାଇ ରାହୁଲଙ୍କ ଦମ୍ଭୋକ୍ତି ଭାଙ୍ଗିଯିବା ଫଳରେ ଆତ୍ମହତ୍ୟା କଲାପରେ ସାହିଲ ନାମକ ଜଣେ ଯୁବକଙ୍କ ବିରୋଧରେ ପୋଲିସ ଏତଲା ଦାଏର କରିଛି। କୁହାଯାଉଛି ଯେ ଏଥିରେ ରାହୁଲଙ୍କ ଜଣେ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। କିନ୍ତୁ ଏବେ ଆଧାର, ଡିଜି ଯାତ୍ରା ଏବଂ ଆହୁରି ଅନେକ ସରକାରୀ ଫେସ୍ ରେକଗ୍ନିଶନ (ମୁହଁ ଚିହ୍ନିବା) ବ୍ୟବସ୍ଥା ଯେଉଁଭଳି ସରକାରୀ ପ୍ରୋତ୍ସାହନ ପାଇ ବ୍ୟାପକ ହେବାରେ ଲାଗିଛି, ସେଥିରେ ଯେକୌଣସି ବ୍ୟକ୍ତିଙ୍କୁ ଠକିବା କିମ୍ବା ଶିକାର ବା ଟାର୍ଗେଟ କରିବା ଅଧିକରୁ ଅଧିକ ସହଜ ହେଉଛି। ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | 3 | | | | | 8 |
| | | | | | 7 | | 3 | |
| | | | | 2 | | | 9 | 7 |
| | | | 8 | 3 | 5 | | | |
| | 6 | | | | | | | |
| 4 | | | 7 | | | 1 | | |
| | | | | | 4 | 9 | | |
| | | | 5 | | | | 4 | |
| 9 | 2 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 5 | 2 | 1 | 7 | 9 |
| 9 | 5 | 2 | 8 | 1 | 7 | 4 | 3 | 6 |
| 7 | 1 | 3 | 9 | 6 | 4 | 2 | 8 | 5 |
| 2 | 3 | 6 | 4 | 7 | 5 | 8 | 9 | 1 |
| 1 | 7 | 9 | 2 | 8 | 6 | 5 | 4 | 3 |
| 4 | 8 | 5 | 1 | 9 | 3 | 7 | 6 | 2 |
| 5 | 9 | 8 | 7 | 3 | 1 | 6 | 2 | 4 |
| 3 | 2 | 1 | 6 | 4 | 8 | 9 | 5 | 7 |
| 6 | 4 | 7 | 5 | 2 | 9 | 3 | 1 | 8 |

ଗତକାଲିର ଉତ୍ତର

# ବିହାର ରାଜନୀତିରେ ସାମାଜିକ ନ୍ୟାୟ



ଅଧ୍ୟାପକ ଗୋପବନ୍ଧୁ

ବିହାର ରାଜନୀତି ସର୍ବଦା ଏକ ପ୍ରମୁଖ ଚର୍ଚ୍ଚାର ବିଷୟଭାବେ ସ୍ଥାନ ପାଇ ଆସିଛି। ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ଏ ଚର୍ଚ୍ଚାକୁ ବହୁଗୁଣିତ କରିଛି। ଏହି ନିର୍ବାଚନରେ ଦୁଇଟି ଅଗ୍ରଣୀ ମେଣ୍ଟ ଏନ୍‌ଡିଏ ଓ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆକଳନ କରାଯାଉଛି। ଏନ୍‌ଡିଏ ମେଣ୍ଟର ଅନ୍ୟତମ ମୁଖ୍ୟ ଅଂଶୀଦାର ହେଉଛି ଜନତା ଦଳ ୟୁନାଇଟେଡ (ଜେଡିୟୁ)। ଏହାର ମୁଖ୍ୟ ହେଉଛନ୍ତି ନୀତିଶ କୁମାର, ଯିଏ ଏବେ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆର ମୁଖ୍ୟ ଅଂଶୀଦାର ହେଉଛି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ଯାହାର ନେତୃତ୍ୱ ନେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ଓ ତାଙ୍କ ରାଜନୈତିକ ଉତ୍ତର ଦାୟାଦ। ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଜୟପ୍ରକାଶ ଆନ୍ଦୋଳନର ଉତ୍ପତ୍ତି ଓ ସାମାଜିକ ନ୍ୟାୟର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ବିଚାରଧାରାର ବାହକ। ଉଭୟେ ମଣ୍ଡଳ କମିଶନର ପକ୍ଷଧର ଓ ଏହି କମିଶନ ପ୍ରଦତ୍ତ ରିପୋର୍ଟ କାର୍ଯ୍ୟକାରିତାର ସମର୍ଥକ।

୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପଛରେ ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଦୃଢ଼ଭାବେ ଛିଡ଼ା ହୋଇଥିଲେ। ଏମାନଙ୍କ ସହିତ ଥିଲେ ରାମବିଳାସ ପାଶ୍ୱାନ। ଏମାନେ ସମସ୍ତେ ଭିପି ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଜନତା ଦଳର ସଦସ୍ୟ ଥିଲେ। ଜନତା ଦଳର ବିଘଟନ ପରେ ନୀତିଶଙ୍କ ଗୋଷ୍ଠୀ ପ୍ରଥମେ ଗଠନ କଲେ ସମତା ପାର୍ଟି ଓ ପରେ ଏହା ମିଶିଲା ଜନତା ଦଳ ୟୁନାଇଟେଡ଼ରେ। ଲାଲୁପ୍ରସାଦ ଯାଦବ ଗଠନ କଲେ ରାଷ୍ଟ୍ରୀୟ ଜନତା ଦଳ। ରାମବିଳାସ ପାଶ୍ୱାନ ଗଠନ କଲେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଯାହାର ନେତୃତ୍ୱ ନେଉଛନ୍ତି ତାଙ୍କ ପୁଅ ଚିରାଗ ପାଶ୍ୱାନ। ସେହିପରି ଜେଡିୟୁରୁ ଜନ୍ମ ନେଇଛି ଉପେନ୍ଦ୍ର କୁଶୱାଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଓ ଜିତେନରାମ ମାନଝୀଙ୍କ ପାର୍ଟି ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚା (ହାମ୍)। ପଶୁପତି ପରାସଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆରଏଲ୍‌ଜେପି) ମୂଳ ଲୋକ ଜନଶକ୍ତି ପାର୍ଟିରୁ ଜନ୍ମ ନେଇଛି। ଏନଡିଏ ମେଣ୍ଟରେ ଜେଡିୟୁ, ଭାଜପା, ଏଲଜେପି, ଆର୍‌ଏଲ୍‌ଏମ୍ ଓ ହାମ ରହିଛି। ଇଣ୍ଡିଆ ମେଣ୍ଟରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ପାର୍ଟିଗୁଡିକ, ଭିଆଇପି, ଆରଏଲଜେପି ରହିଛି। ଏନଡିଏ ମେଣ୍ଟରେ ଆସନ ବୁଝାମଣା ପ୍ରାୟତଃ ସରିଛି। କିନ୍ତୁ ଇଣ୍ଡିଆ ମେଣ୍ଟରେ ଏହା ସ୍ପଷ୍ଟ ହୋଇନାହିଁ। ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।



ବହୁ ଚର୍ଚ୍ଚିତ ମଣ୍ଡଳ କମିଶନର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ। ୧୯୭୭ରେ ଗଠିତ ଜନତା ପାର୍ଟି ସରକାର ଏହି କମିଶନ ବସାଇଥିଲେ। ୧୯୮୦ରେ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲା। ସେତେବେଳକୁ ଜନତା ପାର୍ଟି ସରକାର ଭାଙ୍ଗି ଯାଇଥିଲା। ୧୯୯୦ରେ ଭିପି ସିଂ ଏହି ରିପୋର୍ଟ ଅନୁଯାୟୀ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବା ପାଇଁ ଘୋଷଣା କଲେ। ଏହି ସମୟରେ ଉଲ୍ଲେଖିତ ସମସ୍ତ ନେତା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ସପକ୍ଷରେ ଥିଲେ। ମଣ୍ଡଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ଲାଲକୃଷ୍ଣ ଆଡ଼ଭାନୀ ରାମ ରଥ ଯାତ୍ରା ଆରମ୍ଭ କରିଥିଲେ। ଏହା ବିହାରରେ ପ୍ରବେଶ କରିବା ମାତ୍ରେ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ଭଜପା କେନ୍ଦ୍ର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଓ ଭିପି ସିଂ ସରକାର ଭାଙ୍ଗି ଯାଇଥିଲା।

୧୯୯୦ରେ ଲାଲୁପ୍ରସାଦ ଯାଦବ ମଣ୍ଡଳ କମିଶନ ରିପୋର୍ଟକୁ ବିହାରରେ କାର୍ଯ୍ୟକାରୀ କରିଥିଲେ। ଏ ଦିଗରେ ନୀତିଶ କୁମାର ଓ ରାମବିଳାସ ପାଶ୍ୱାନଙ୍କ ପୂର୍ଣ୍ଣ ସହଯୋଗ ଥିଲା। ଏହା ପୂର୍ବରୁ କର୍ପୂରୀ ଠାକୁର ବିହାରର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ୧୯୭୮ରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚାକିରିରେ ୨୬% ସଂରକ୍ଷଣ ସୁବିଧା ଦେଇଥିଲେ। ନୀତିଶ କୁମାର ନିଜ କାର୍ଯ୍ୟକାଳ ସମୟରେ ଓବିସିଙ୍କ ସଂରକ୍ଷଣ ସୀମା ବଢ଼ାଇବାକୁ ବହୁ ଚେଷ୍ଟା କରିଛନ୍ତି। ଏହା ସହିତ ଏସଟି ଓ ଏସସିଙ୍କ କୋଟା ମଧ୍ୟ ବଢ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ସମସ୍ତ ରାଜନୈତିକ ଦଳ ଏଦିଗରେ ସହମତ ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଯୋଗୁ ଏହା କର୍ଯ୍ୟକାରୀ ହୋଇପାରି ନଥିଲା। ପରବର୍ତ୍ତୀ ସମୟରେ ନୀତିଶ କୁମାର ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିଗତ ଅବସ୍ଥାର ଅନୁଧ୍ୟାନ ପାଇଁ ରାଜ୍ୟରେ ୨୦୨୩ରେ ଜାତିଗତ ଜନଗଣନା କରାଇଛନ୍ତି। ରାଜ୍ୟରେ ଓବିସିଙ୍କ ସଂଖ୍ୟା ୬୩% ବୋଲି ତଥ୍ୟ ଉପଲବ୍ଧ ହୋଇଛି। ଏହି ଜନଗଣନା ଆଧାରରେ ରାଜ୍ୟରେ ପୁଣି ସଂରକ୍ଷଣ ସୀମାକୁ ୬୫% ବୃଦ୍ଧି ପାଇଁ ବିଧେୟକ ପାରିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରି ନାହିଁ, ଯେହେତୁ ଏହା ଏବେ ପାଟନା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ସମସ୍ତ ଦଳ ସାମାଜିକ ନ୍ୟାୟ ବିଚାର ଧାରାର। ଭାଜପା ମଧ୍ୟ ଏଥିରୁ ବାଦ ନୁହେଁ। ଏହା ରାଜ୍ୟର ରାଜନୈତିକ ବାଧ୍ୟବାଧକତା। ଏହି ବିଚାରଧାରାକୁ ଛାଡି ଏଠାରେ ରାଜନୀତି କରାଯାଇ ପାରିବ ନାହିଁ। ଏନ୍‌ଡିଏ ମଧ୍ୟରେ ନୀତିଶ କୁମାର ତୁଲ୍ୟ ଚେହେରା ଆଉ କାହାର ନାହିଁ। ଅନ୍ୟପଟେ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ହେଉଛି କଂଗ୍ରେସ। ରାହୁଲ ଗାନ୍ଧୀ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' କଥା ଉଠାଉଛନ୍ତି। ବରଂ ଆଗକୁ ପାଦେ ଯାଇ କହୁଛନ୍ତି ଯେ ସଂରକ୍ଷଣର ଯେଉଁ ସର୍ବୋଚ୍ଚ ସୀମା ୫୦% ନିର୍ଦ୍ଧାରଣ ହୋଇଛି ତାହାର ଉଚ୍ଛେଦ ହେବା ଉଚିତ। ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାକୁ ଆସିଲେ ଏହା ନିଶ୍ଚୟ କରିବ। ଆରଜେଡି, କଂଗ୍ରେସ ଓ ଅନ୍ୟ ଦଳମାନେ ସମ୍ପୂର୍ଣ୍ଣଭାବେ ସାମାଜିକ ନ୍ୟାୟ ବିଚାରଧାରା ଉପରେ ନିର୍ବାଚନ ଲଢୁଛନ୍ତି। ତେଣୁ ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ କହିବା ଆରମ୍ଭ କରିଛନ୍ତି ଯେ ବିହାରରେ ନିର୍ବାଚନ ଲଢେଇ ପଛୁଆବର୍ଗ ବନାମ ପଛୁଆବର୍ଗ।

ଏହି ଦୁଇ ମେଣ୍ଟ ବ୍ୟତୀତ ଅନ୍ୟ ଏକ ରାଜନୈତିକ ଶକ୍ତି ଆଲୋଚନା ପରିସରକୁ ଆସୁଛି, ତାହା ହେଉଛି ରାଜନୈତିକ ବିଶେଷଜ୍ଞ ପ୍ରଶାନ୍ତ କିଶୋରଙ୍କ ପ୍ରତିଷ୍ଠିତ ନୂଆ ଜନ ସୂରଜ ପାର୍ଟି (ଜେଏସ୍‌ପି)। ଏହା ଭ୍ରଷ୍ଟାଚାର ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢୁଛି। ଏହା ବାଦେ ନିର୍ବାଚନ ମଇଦାନକୁ ଅନ୍ୟ ଏକ ମେଣ୍ଟ ଆସିଛି ସାମାଜିକ ନ୍ୟାୟ ଓ ସାମଜିକ ସୁରକ୍ଷା ପ୍ରସଙ୍ଗକୁ ନେଇ, ଯେଉଁଥିରେ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (ଏଏସ୍‌ପି), ଆଶାଉଦ୍ଦିନ ଓଏସିଙ୍କ ଏମ୍‌ଆଇଏମ୍ ଓ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଆପନି ଜନତା ଦଳ ରହିଛି। ଏହାର ନାମ ହେଉଛି ଗ୍ରାଣ୍ଡ ଡେମୋକ୍ରାଟିକ ଆଲାଏନ୍ସ (ଜିଡିଏ)। ଚନ୍ଦ୍ରଶେଖରଙ୍କ ଜନସଭାରେ ଭଲ ଜନସମାଗମ ଦେଖିବାକୁ ମିଳୁଛି।

ନିର୍ବାଚନ ଫଳାଫଳ କେଉଁ ମେଣ୍ଟ ସପକ୍ଷରେ ଯିବ ତାହା ଏବେ କୁହାଯାଇ ପାରିବ ନାହିଁ, ତେବେ ନିର୍ବାଚନ ପରେ ପୁଣି ଏକ ନୂତନ ମେଣ୍ଟ ଗଠନର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। କାରଣ ବିହାର ରାଜନୀତିରେ ପଟ ପରିବର୍ତ୍ତନର ଦୃଷ୍ଟାନ୍ତ ଅନେକ ରହିଛି। ଏହା ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟରେ ଯେଉଁ ସରକାର ଆସିଲେ ମଧ୍ୟ ତାହା ସାମାଜିକ ନ୍ୟାୟ ବିଚାରଧାରାରୁ ଭିନ୍ନ ହୋଇ ପାରିବ ନାହିଁ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଆଜିର ପ୍ରୟାସ, କାଲିର ସଫଳତା



ସରୋଜ କୁମାର ଶତପଥୀ

ପ୍ରୟାସ ବିନା ସଫଳତା ନାହିଁ। ସଫଳତା ଏକ ସୁନ୍ଦର ସ୍ୱପ୍ନ, ଯାହାକୁ ପ୍ରାୟ ସମସ୍ତେ ଦେଖନ୍ତି। କିନ୍ତୁ ସମସ୍ତଙ୍କୁ ସେହି ସଫଳତା ମିଳି ନ ଥାଏ। କେହି ଜୀବନରେ ବହୁତ ବଡ଼ ସଫଳତା ଅର୍ଜନ କରନ୍ତି, ଆଉ କେହି କେହି ଚେଷ୍ଟା କଲେ ମଧ୍ୟ ଅଧା ରାସ୍ତାରେ ରହିଯାନ୍ତି। ଏହାର ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମେ ଲକ୍ଷ୍ୟ ଓ ପ୍ରୟାସର ତଫାତ୍। ସମସ୍ତଙ୍କର ସ୍ୱପ୍ନ ଥାଏ, କିନ୍ତୁ ସେହି ସ୍ୱପ୍ନକୁ ସତ୍ୟ କରିବା ପାଇଁ ଅଟଳ ପ୍ରୟାସ, ସାହସ ଓ ସହନଶୀଳତା ଦରକାର ଯାହା ସମସ୍ତଙ୍କର ସମାନ ନୁହେଁ। ଦ୍ୱିତୀୟ, ପରିସ୍ଥିତି ଓ ସୁଯୋଗର ତଫାତ୍। କାହା ପାଖରେ ଶିକ୍ଷା, ସମ୍ପର୍କ ଓ ସହଯୋଗ ଇତ୍ୟାଦିରେ ଭରପୂର ସୁଯୋଗ ଥିବାବେଳେ କେତେଜଣ ବିପରୀତ ପରିସ୍ଥିତିରେ ଯୁଝିବାକୁ ବାଧ୍ୟ ହୁଅନ୍ତି। ସୁଯୋଗକୁ ଚିହ୍ନଟକରି ଉପଯୋଗ କରିବାରେ ଯିଏ ସକ୍ଷମ, ସେମାନଙ୍କଠାରେ ସଫଳତା ନିଶ୍ଚିତ। ତୃତୀୟ, ମନୋଭାବ ଓ ଧୈର୍ଯ୍ୟ। ସଫଳତାର ପଥରେ ବିଫଳତା ଏକ ସାଧାରଣ ସାଥୀ। କିନ୍ତୁ ଯିଏ ବିଫଳତାକୁ ଶିକ୍ଷା ଭାବରେ ନେଇ ପୁନର୍ବାର ଚେଷ୍ଟାକରେ, ସେଥିରେ ଲକ୍ଷ୍ୟ ସାଧନର ସମ୍ଭାବନା ବଢ଼ିଯାଏ। ଆଉ ଯିଏ ପ୍ରଥମେ ହାରିଯାଏ, ସେ ସଫଳତାରୁ ଦୂରେଇଯାଏ। ଚତୁର୍ଥ, ସମୟ ଓ ପ୍ରାଥମିକତା। ଜୀବନରେ କାହାକୁ ସଫଳତା ଶୀଘ୍ର ମିଳେ, ଆଉ କାହାକୁ ଡେରିରେ। ଯିଏ ସମୟକୁ ସତ୍ ବ୍ୟବହାର କରେ, ଧୈର୍ଯ୍ୟ ଧରେ, ସେହି ବ୍ୟକ୍ତିର ସ୍ୱପ୍ନ ଦିନେ ନା ଦିନେ ସତ୍ୟ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ହରାଇଲେ ସୁଯୋଗ ହାତଛଡ଼ା ହୋଇଯାଏ। ମନୋବିଜ୍ଞାନୀମାନେ କହନ୍ତି, ଯିଏ କାମକୁ ପୁନଃ ପୁନଃ ପଛକୁ ରଖନ୍ତି, ସେମାନଙ୍କର ଆତ୍ମବିଶ୍ୱାସ କମେ, ସ୍ପୃହା କମେ ଓ ସଫଳତା ସମ୍ଭାବନା କମିଯାଏ। ସଫଳତା ପାଇଁ ଆବଶ୍ୟକ–ସ୍ପଷ୍ଟ ଲକ୍ଷ୍ୟ, ଅଟଳ ପ୍ରୟାସ, ଧୈର୍ଯ୍ୟ, ସୁଯୋଗକୁ ବୁଝିବା କୌଶଳ ଏବଂ ନିଜର ପରିଭାଷା। ଯିଏ ଏହି ସବୁକୁ ଅନୁସରଣ କରେ, ସେହି ଜଣଙ୍କ ପାଇଁ ସଫଳତା ନିଶ୍ଚିତ।

ଆଉ କେତେଜଣ ଲୋକଙ୍କ କ୍ଷେତ୍ରରେ ସଫଳତାର ସମସ୍ତ ସାଧନ ଥିଲେ ମଧ୍ୟ ପ୍ରୟାସର ଘୋର ଅଭାବ ପରିଲକ୍ଷିତ ହୁଏ। ମୋ ଦ୍ୱାରା ହେବନି, ମୁଁ ପାରିବିନି, ଏତେ କଷ୍ଟ କିଏ କରିବ, କାଲି କରିବି ଏଭଳି ଉକ୍ତି ରଖୁଥିବା ମଣିଷ ନିଜର ସ୍ୱପ୍ନକୁ ଆରମ୍ଭରୁ ହିଁ ମାରିଦିଏ। ଯିଏ କହେ ମୁଁ ପାରିବିନି ବା ସେ କାର୍ଯ୍ୟ ମୋ ଦ୍ୱାରା ହେବନି ସେ କାମ ଆରମ୍ଭ କରିବା ପୂର୍ବରୁ ହିଁ ପରାଜୟ ସ୍ୱୀକାରକରି ଦେଇଥାଏ। ଏହା ନିରାଶାର ଭାବନା ଏବଂ ଆତ୍ମବିଶ୍ୱାସର ଅଭାବ। ମୁଁ ପାରିବିନି କହିବାର ଅର୍ଥ ହେଲା ନିଜ କ୍ଷମତାକୁ ସେ କେବେ ବିଶ୍ୱାସ କରେନାହିଁ। ସଫଳତା ସେହିଥିରେ ଆସେ, ଯେଉଁଠି ସକାରାତ୍ମକ ଭାବନା ଥାଏ। ନକାରାତ୍ମକ ମନୋଭାବ ଥିଲେ ପାଦେ ପାଦେ ବିଫଳତା ଆସିଥାଏ। ପ୍ରୟାସ ସେତେବେଳେ ସଫଳ ହୋଇପାରେ, ଯେବେ ମୁଁ ପାରିବି ବୋଲି ବିଶ୍ୱାସ ରହେ। ସଫଳତା ପାଇଁ ପ୍ରୟାସ ଆବଶ୍ୟକ। କିନ୍ତୁ ଯିଏ କହେ, କଷ୍ଟ କିଏ କରିବ ସେ ପ୍ରୟାସରୁ ଓହରିଯାଇଥାଏ। କିନ୍ତୁ କଷ୍ଟ ବିନା କେବେ ସଫଳତା ମିଳେନାହିଁ। କଷ୍ଟ ହେଉଛି ସଫଳତାର ଶିଢ଼ି, ଯାହା ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ। ପ୍ରୟାସର ମୂଳ ଆଧାର ପରିଶ୍ରମ। ଯେତେ କଷ୍ଟ, ସେତେ ଫଳ। ଯିଏ ପରିଶ୍ରମ କାତର ସେ ସୁଯୋଗ ହରାଇଥାଏ ଏବଂ ଜୀବନରେ ପଛୁଆ ହୋଇ ରହିଥାଏ। 'କାଲି କରିବି' – ଏହି ଅଭ୍ୟାସଟି ଆମ ଦୈନନ୍ଦିନ ଜୀବନର ସର୍ବାଧିକ ପ୍ରଚଳିତ କଥା। କାଲିରେ କାମ ସରିବ ବୋଲି ଆମେ ନିଜକୁ ସାନ୍ତ୍ୱନା ଦେଇଥାଉ, କିନ୍ତୁ ସେହି କାଲି କେବେ ଆସେନି। ପ୍ରତ୍ୟେକ କାଲି ପୁଣି ଆଜିରେ ପରିଣତ ହୁଏ। ସେହିପରି ଆମର ସ୍ୱପ୍ନ, ଲକ୍ଷ୍ୟ ଓ କାମଗୁଡ଼ିକ କାଲିକୁ ରହିଲେ ସେଗୁଡ଼ିକ ସର୍ବଦା ଅପୂର୍ଣ୍ଣ ରହିଯାଏ। ବିଶ୍ୱରେ ଯେଉଁମାନେ ସଫଳ ହୋଇଛନ୍ତି, ସେମାନଙ୍କ ଜୀବନରୁ ଏ କଥା ସ୍ପଷ୍ଟ –ସେମାନେ କାଲି ପାଇଁ ଅପେକ୍ଷାକରି ନ ଥିଲେ। ଥୋମାସ ଏଡିସନ ୧୦୦୦ରୁ ଅଧିକ ବିଫଳ ପରୀକ୍ଷଣ ପରେ ବିଦ୍ୟୁତ୍ ବଲ୍‌ବ ଆବିଷ୍କାରକଲେ। ଯଦି ସେ କାଲି ପାଇଁ ଛାଡ଼ି ଦେଇଥାନ୍ତେ, ଆଜି ବିଶ୍ୱ ଅନ୍ଧକାରରେ ରହୁଥାନ୍ତା। ମହାତ୍ମା ଗାନ୍ଧୀ ଯଦି କାଲି ପାଇଁ ଅପେକ୍ଷା କରିଥାନ୍ତେ, ସ୍ୱାଧୀନତା ଆନ୍ଦୋଳନ କେବେ ଗତି କରିପାରି ନ ଥାନ୍ତା।



ପ୍ରୟାସ ହେଉଛି ଜୀବନର ମୂଳ ଚାବି, ଯାହା ବିନା କୌଣସି ସଫଳତା ସମ୍ଭବ ନୁହେଁ। ଆଜିର ପରିଶ୍ରମ, ନିଷ୍ଠା ଓ ଧୈର୍ଯ୍ୟ କାଲିର ଉଜ୍ଜ୍ୱଳ ସଫଳତାକୁ ନିଶ୍ଚିତକରେ। ଯେଉଁଠି ସଫଳତାର ପରିଭାଷା ପ୍ରତ୍ୟେକଙ୍କ ପାଇଁ ଅଲଗା, ସେଠି ଏକମାତ୍ର ସାଧାରଣ ସତ୍ୟ ହେଲା ଅନବରତ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ବିନା ସଫଳତା ସମ୍ଭବ ନୁହେଁ। ପରିଶ୍ରମୀ, ସହନଶୀଳ ଓ ସକାରାତ୍ମକ ମନୋଭାବ ବ୍ୟକ୍ତିଙ୍କ ପାଇଁ କୌଣସି ଲକ୍ଷ୍ୟ ଦୂର ନୁହେଁ। ଯେପରି ସୂର୍ଯ୍ୟ ଉଦୟ ପୂର୍ବରୁ ଅନ୍ଧକାର ଅପସରି ଯାଏ, ସେପରି ପ୍ରୟାସର ଆଲୋକରେ ଅସଫଳତା ଦୂରୀଭୂତ ହୋଇ ସଫଳତାର ପ୍ରଭାତ ଆସିଥାଏ। ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ। ସେହି ସୁଯୋଗକୁ କାଲି ପାଇଁ ଛାଡ଼ିଦେଲେ, ଏହା ଆଉ କେବେ ମିଳେନାହିଁ। ଆମର ପ୍ରୟାସ ପରିଶ୍ରମ ଓ ସଫଳତାର ସ୍ଥାନ କେବଳ ଆଜି।

ମୋ: ୯୩୪୮୧୨୭୪୪୭

## ଏଇ ଭାରତରେ

ଅପରାହ୍ନ ୩ଟା ବେଳକୁ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ସାଇ ମନ୍ଦିର ପାଖକୁ ପିଲାମାନେ ବ୍ୟାଗ୍ ଧରି ଯାଉଥିବାର ଦେଖିବେ। ଏହା କୌଣସି ସ୍କୁଲ ଛୁଟି ସମୟର ଦୃଶ୍ୟ ନୁହେଁ, ବରଂ ବସ୍ତିର ପିଲାମାନେ ପଢ଼ିବାକୁ ଆସୁଥିବାର ସମୟ। ପିଲାମାନେ ପ୍ରତିଦିନ ୩ଟାରୁ ୫।୩୦ ଯାଏ ସାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନରେ ପଢୁଛନ୍ତି। ଏହି ସ୍କୁଲର ନାମ 'ଥାନ୍ ସିଂ କା ପାଠଶାଳା'। ଦିଲ୍ଲୀର ବିଭିନ୍ନ ବସ୍ତିରୁ ପିଲାମାନେ ଏହି ପାଠଶାଳାକୁ ପଢ଼ିବା ପାଇଁ ଆସୁଛନ୍ତି। ଯେଉଁ ପିଲାମାନେ ସ୍କୁଲ ଶିକ୍ଷାଠାରୁ ଦୂରେଇ ରହି ବିଭିନ୍ନ କାମରେ ନିୟୋଜିତ ହେଉଥିଲେ ସେମାନଙ୍କୁ ଉଦ୍ଧରକରି ଥାନ୍ ସିଂ ପାଠଶାଳାକୁ ଆଣୁଛନ୍ତି। ଥାନ୍ ସିଂ ଏବେ ଦିଲ୍ଲୀ ପୋଲିସର ହେଡ୍ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ। ପାଠଶାଳରେ ୩ରୁ ୧୫ ବର୍ଷ ବୟସର ପିଲାମାନେ ପଢୁଛନ୍ତି। ଥାନ୍ ସିଂ ଓ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଏଠାରେ ପଢ଼ାଉଛନ୍ତି। ଅନେକ ଇ-ଅଟୋରିକ୍ସା ଚାଳକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ବସ୍ତିରୁ ପିଲାମାନଙ୍କୁ ଏହି ପାଠଶାଳାକୁ ଆଣୁଛନ୍ତି। ଅନୁଦାନ ଅର୍ଥରେ ଏହା ଚାଲୁଛି ଏବଂ ପିଲାମାନଙ୍କ ପଢ଼ିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ପ୍ରଥମେ ପାଠଶାଳାକୁ ୫ ଜଣ ପିଲା ପଢ଼ିବାକୁ ଆସୁଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଅକ୍ଟୋବର ୧୯୭୬

- ରାଜସ୍ଥାନ ପ୍ରଦେଶ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ।
- ବମ୍ବେ ମହାନଗରୀର ଉନ୍ନୟନ ନିମନ୍ତେ ବିଶ୍ୱବ୍ୟାଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଛବିକୁ ଅସମ୍ମାନ

ମହାଶୟ,

ସମାଜରେ ଦେବଦେବୀଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ରହିଛି। କିନ୍ତୁ ଆଧୁନିକ ବ୍ୟବସାୟିକ ଦୁନିଆରେ ଦେବଦେବୀଙ୍କ ଫଟୋ ବ୍ୟବହାର ଏବଂ ଏହାର ଅସମ୍ମାନକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଆଜିର ବଜାରରେ ବିକ୍ରି ହେଉଥିବା ଅନେକ ପୂଜା ସାମଗ୍ରୀ ଯେପରି କି ଅଗରବତି, ଧୂପ, କର୍ପୂର, ଦୈନନ୍ଦିନ ବ୍ୟବହାର ଜିନିଷ, ପ୍ୟାକେଜିଂ କଭର ଏବଂ ବିଭିନ୍ନ ଖାଦ୍ୟପଦାର୍ଥର ଆବରଣରେ ଦେବଦେବୀଙ୍କ ଛବି ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ନିଜ ଦ୍ରବ୍ୟର ପ୍ରଚାର ପ୍ରସାର ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଚିତ୍ରଗୁଡ଼ିକୁ ବ୍ୟବସାୟର ମାଧ୍ୟମ କରୁଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ଲାଭଜନକ ହୋଇପାରେ, କିନ୍ତୁ ଏହାର ପରିଣାମ ଆମ ସାମାଜିକ ଓ ଧାର୍ମିକ ପବିତ୍ରତା ପାଇଁ କ୍ଷତିକାରକ ହେଉଛି। କାରଣ ଏହି ସାମଗ୍ରୀଗୁଡ଼ିକ ବ୍ୟବହାର ହେବା ପରେ ଏହାର ଖୋଳ ବା ଆବରଣଗୁଡ଼ିକୁ ଆମେ ଅଳିଆ ଭାବି ରାସ୍ତାରେ, ଡ୍ରେନ୍‌ରେ, ଘର ବାହାରେ କିମ୍ବା ଅଳିଆଗଦାରେ ଫିଙ୍ଗିଦେଉଛୁ। ଏହି ସମସ୍ୟାର ସମାଧାନ ପାଇଁ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ୱଇଚ୍ଛାରେ ଏହି ଧାର୍ମିକ ଚିତ୍ରଗୁଡ଼ିକର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ। ସାଧାରଣ ଜନତା ଏପରି ଉତ୍ପାଦ କିଣିବାକୁ ପ୍ରତ୍ୟାଖ୍ୟାନ କରିବା ଦରକାର। ସରକାର ଏହା ଉପରେ କଡ଼ା ନିୟମ ଜାରିକରି ଏକ କଠୋର ଆଇନ ପ୍ରଣୟନ କରିବାକୁ ପଡ଼ିବ। ସମୟ ଆସିଛି, ଆମେ ସମସ୍ତେ ମିଶି ଏହି ଅସମ୍ମାନଜନକ ପ୍ରଥାକୁ ବନ୍ଦକରିବା ଏବଂ ଆମର ଧାର୍ମିକ ମୂଲ୍ୟବୋଧର ମର୍ଯ୍ୟାଦା ବଜାୟ ରଖିବା।

–ଅଖିଳ ତରାଇ ,ଗଞ୍ଜାମ

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆସୁଛି ମୋନ୍ଥା, ୪୦୮ ଜଣଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର

- ଜିଲାରେ ୩୯୬୫ଜଣ ପ୍ରଭାବିତ ହେବା ଆଶଙ୍କା
- ୬୨ ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ
- ୧୪୦ ଗର୍ଭବତୀଙ୍କୁ ମା' ଗୃହକୁ ସ୍ଥାନାନ୍ତର

ମାଲକାନଗିରି, ୨୭।୧୦(ଦୁର୍ଯ୍ୟୋଧନ ପାତ୍ର)

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ମାଲକାନଗିରି ଜିଲା ପ୍ରଶାସନ ବିଶେଷ ଦୃଷ୍ଟିଦେଇ ସମସ୍ତ ପ୍ରସ୍ତୁତି ଶେଷ କରିଛି। ବିଶେଷକରି ବାତ୍ୟାର ଅଧିକ ପ୍ରଭାବ ପଡ଼ିବା ସମ୍ଭାବନା ଥିବା ଅଞ୍ଚଳ ଏବଂ ନଦୀ ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ମୋଟ ୩୯୬୫ଜଣ ପ୍ରଭାବିତ ହେବାର ଆକଳନ କରାଯାଇଥିବା ବେଳେ ସେଥିମଧ୍ୟରୁ ସୋମବାର ରାତି ୧୦ଟା ସୁଦ୍ଧା ୪୦୮ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଦିନବେଳେ ୧୧୧ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ସନ୍ଧ୍ୟାରେ ଆଉ ୨୯୭ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ତେବେ ଜିଲାରେ ମୋଟ ୬୨ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୧୪୦ଜଣ ଗର୍ଭବତୀଙ୍କୁ ମା' ଗୃହ ଏବଂ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆହୁରି ୧୧୧ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।



ମା' ଗୃହକୁ ସ୍ଥାନାନ୍ତର ହୋଇଥିବା ଗର୍ଭବତୀ।

ମାଲକାନଗିରି ବ୍ଲକ୍‌ରେ ଆନୁମାନିକ ୨୮୫ ଜଣ ପ୍ରଭାବିତ ହେବାକୁ ଥିବାବେଳେ ସେମାନଙ୍କ ନିମନ୍ତେ ୪ଟି ଅସ୍ଥାୟୀସ୍ଥଳୀ ପ୍ରସ୍ତୁତ ହୋଇଛି। ସେହିପରି ମାଥିଲି ବ୍ଲକ୍‌ରେ ୪୧୩୩ ଜଣ ପ୍ରଭାବିତ ହେବାକୁ ଥିବାବେଳେ ସେଥିମଧ୍ୟରୁ ୧୧୧ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ବ୍ଲକ୍‌ରେ ୨୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ଖଇରପୁଟ ବ୍ଲକ୍‌ରେ ୩୬୦ ଜଣ ପ୍ରଭାବିତ ହେବାକୁ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୭୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ବ୍ଲକ୍‌ରେ ମୋଟ ୮ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ସେହିପରି ୬୨ଜଣ ପ୍ରଭାବିତ ହେବାକୁ ଥିବା ବେଳେ ଦୁଇଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ସେହିପରି କୋରୁକୋଣ୍ଡା ବ୍ଲକ୍‌ରେ ୧୯୨ଜଣ ପ୍ରଭାବିତ ହେବାକୁ ଥିବା ବେଳେ ୫ଟି ଆଶ୍ରୟସ୍ଥଳୀ, କାଲିମେଲା ବ୍ଲକ୍‌ରେ ୪୩୦ଜଣ ପ୍ରଭାବିତ ହେବାବେଳେ ୨ଟି ଆଶ୍ରୟସ୍ଥଳୀ, ପଡ଼ିଆ ବ୍ଲକ୍‌ରେ ୧୪୩ଜଣ ପ୍ରଭାବିତ ହେବାକୁ ଥିବାବେଳେ ୬ଟି ଆଶ୍ରୟସ୍ଥଳୀ, ମାଲକାନଗିରି ପୌର ପରିଷଦରେ ୩୧୦ଜଣ ପ୍ରଭାବିତ ହେବାକୁଥିବା ବେଳେ ୬ଟି ଆଶ୍ରୟସ୍ଥଳୀ ଓ ବାଲିମେଳା ଏନ୍‌ଏସିରେ ୫୦ଜଣ ପ୍ରଭାବିତ ହେବାକୁ ଥିବା ବେଳେ ୫ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି।

# ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିଲା

ମାଲକାନଗିରି, ୨୭।୧୦(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୮ ଓ ୨୯ରେ ବାତ୍ୟା ମୋନ୍ଥାର ପ୍ରଭାବ ମାଲକାନଗିରି ଜିଲାରେ ପଡ଼ିବ। ଏହି ଦୁଇଦିନ ମାଲକାନଗିରି ଜିଲାକୁ ରେଡ୍ ସତର୍କ ଜାରି କରାଯାଇଛି। ତେବେ ବାତ୍ୟା ପ୍ରଭାବରେ ଯେପରି କୌଣସି ଧନଜୀବନ ନଷ୍ଟ ନ ହେବା ସେଥିପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ସରିଛି। ଜରୁରିକାଳୀନ ପରିସ୍ଥିତିରେ ଜିଲା ପ୍ରଶାସନ ସହ ଯୋଗାଯୋଗ କରିବା ନିମନ୍ତେ ଜିଲା ସଦର ମହକୁମାରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଆରମ୍ଭ କରାଯାଇଛି। ଯେକୌଣସି ଜରୁରିକାଳୀନ ପରିସ୍ଥିତିରେ ସଙ୍ଗେ ସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବା ନିମନ୍ତେ ଟୋଲ ଫ୍ରି ନଂ. ୧୦୭୭ ଓ ଟେଲିଫୋନ ନଂ. ୦୬୮୬୧୨୩୧୩୭୨ ମଧ୍ୟ ଜାରି କରାଯାଇଥିବା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

ଏହି କଣ୍ଟ୍ରୋଲ ରୁମ୍ ଜିଲା ସୂଚନା କେନ୍ଦ୍ରଠାରେ ଖୋଲାଯାଇଛି । ସେହିପରି ଜିଲାର ୭ଟି ବ୍ଲକ୍ ସଦର ମହକୁମାରେ ମଧ୍ୟ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିନିମନ୍ତେ ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜରୁରିକାଳୀନ ବିଭାଗ ଭଳି ବିଭିନ୍ନ ବିଭାଗ ତରଫରୁ ସ୍ୱତନ୍ତ୍ର ପ୍ରତିନିଧିମାନଙ୍କୁ ମୁତୟନ କରାଯାଇଛି । ବାତ୍ୟାର ପ୍ରଭାବ ମାଲକାନଗିରି ଜିଲାକୁ ଅଧିକ ପଡିବା



ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍‌ରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଆଲୋଚନା କରୁଛନ୍ତି।

ସମ୍ଭାବନା ଥିବାରୁ ଗ୍ରାମାଞ୍ଚଳ ଓ ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ତୁରନ୍ତ ସୁରକ୍ଷା ନିମନ୍ତେ ୪ଜଣ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସେହିପରି ଜିଲାରେ ୪ଟି ସ୍ଥାୟୀ ଆପତ୍‌କାଳୀନ ବିଭାଗ ଥିବା ବେଳେ ଅସ୍ଥାୟୀ ଭାବେ ୩୧ଟି ବିଦ୍ୟାଳୟକୁ ଚିହ୍ନଟକରି ସମସ୍ତ ପ୍ରସ୍ତୁତି କରାଯାଇଛି । ସେହିପରି ଗ୍ରାମାଞ୍ଚଳରେ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ କେନ୍ଦ୍ରମାନଙ୍କରେ ଯୋଗାଯୋଗ କରି ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳରେ ସାପର ଭୟ ଥିବାରୁ ଏଥିନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଗଚ୍ଛିତ ରଖାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କୁ ସାପ କାମୁଡ଼େ ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ କରିବା ସହ ୧ ଘଣ୍ଟା ମଧ୍ୟରେ ଉକ୍ତ ବ୍ୟକ୍ତିଙ୍କୁ କିପରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିପାରିବେ ସେଥିନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ସେହିପରି ପ୍ରବଳ ବର୍ଷାରେ ପୋଲ ଉପରେ ଜଳ ପ୍ରବାହିତ ହେବାର ସମ୍ଭାବନା ରହିଥିବାରୁ ଉକ୍ତ ପୋଲ ନିକଟରେ ଅଗ୍ନିଶମ, ଓଡ୍ରାଫ୍ ବିଭାଗକୁ ମୁତୟନ କରାଯାଇଛି। ଯଦି ଜଳସ୍ରୋତ ବୃଦ୍ଧି ପାଏ, ତେବେ ପୋଲର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡିକ ଯେପରି ପୋଲ ଦେଇ ଯାତାୟାତ ନ କରେ ସେଥିପ୍ରତି ଦୃଷ୍ଟିଦେବା ସହ ପୋଲର ଉଭୟ ପାର୍ଶ୍ୱରେ ଅଟକିଥିବା ଗାଡି ଓ ଯାତ୍ରୀଙ୍କୁ ମଧ୍ୟ ଶୁଖିଲା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଉକ୍ତ ପୋଲ ନିକଟରେ ସେହି ଅଞ୍ଚଳର ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲାରେ ଓଡ୍ରାଫ୍ ଦଳ, ଅଗ୍ନିଶମ ଦଳ ମୁତୟନ ହୋଇଥିବା ବେଳେ ବାହାର ଜିଲାରୁ ଆଉ ୩ଟି ଓଡ୍ରାଫ୍ ଦଳ ଆସିଛନ୍ତି। ସେହିପରି ଇଣ୍ଡିଆ ଏଫ୍‌ର ଗୋଟିଏ ଦଳ ମାଲକାନଗିରିରେ ଆସି ପହଞ୍ଚିଛନ୍ତି ବୋଲି ଜିଲାପାଳ ଉପାଧ୍ୟାୟ ସୂଚନା ଦେଇଛନ୍ତି।

# ୯ ପଞ୍ଚାୟତକୁ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ

- ବାତ୍ୟା ମୁକାବିଲା ପାଇଁ କୋରୁକୁଣ୍ଡା ବ୍ଲକ୍ ପ୍ରଶାସନ ସଜାଗ
- ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ ବାରଣ

କୋରୁକୋଣ୍ଡା, ୨୭।୧୦(ଶିବଦତ୍ତ ସାହୁ)

ବାତ୍ୟା ମୋନ୍ଥାକୁ ମୁକାବିଲା କରିବା ନିମନ୍ତେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ କହିଛନ୍ତି। କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତ ମଧ୍ୟରୁ ୯ଟି ପଞ୍ଚାୟତର କିଛି ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଚିହ୍ନଟ କରାଯାଇଛି। ଉକ୍ତ ଅଞ୍ଚଳଗୁଡିକରେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ଉକ୍ତ ଅଧିକାରୀଙ୍କଠାରୁ ପ୍ରତ୍ୟେକ ଦୁଇ ଘଣ୍ଟାରେ ଥରେ ଲେଖାଏଁ ଅପଡେଟ ଗ୍ରହଣ କରାଯାଉଥିବା ବିଡିଓ ସାହୁ ସୂଚନା ଦେଇଛନ୍ତି ।

ବ୍ଲକ ଅଧୀନରେ ଥିବା ସେନ୍‌ସେଟିଭ ଏରିଆଗୁଡିକ ମଧ୍ୟରେ ରହିଛି ଚିତାପାରି ଗ୍ରାମ ପଞ୍ଚାୟତର ଏମ୍‌ଭି-୧୦୪ରୁ ଏମଭି ୧୦୯ ସଂଯୋଗ କରୁଥିବା ରାସ୍ତାରେ ଥିବା ବ୍ରିଜ, ତୁଡାମେଟା ପଞ୍ଚାୟତ ଡାଙ୍ଗଗୁଡା ଗ୍ରାମ, କାମୱାଡା ଗ୍ରାମ ପଞ୍ଚାୟତର ମରକେଲଗୁଡାର ବ୍ରିଜ, କୋରୁକୋଣ୍ଡାର ଏମ୍‌ଭି-୩୧ବ୍ରିଜ, ନାକା ମାମୁଡି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଖଡିକା ଯୋଡି ବ୍ରିଜ, ବାୟାପଡା ଘାଟି, ପୋଟ୍ରେଲ ଗ୍ରାମ ପଞ୍ଚାୟତର ଚିତାପାରି-୪ବ୍ରିଜ, ସୋମନାଥପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା କଣ୍ଡେଲ ବ୍ରିଜ, କୁମ୍ଭାରଗୁଡା ବ୍ରିଜ, ହାତୀ ଆମ୍ବ ଏବଂ ନୂଆଁଗୁଡା ଗ୍ରାମ, ତୁମୁଷା ପଲ୍ଲିଗ୍ରାମ ପଞ୍ଚାୟତର ଜୀଉତିପଲ୍ଲି ଓ ଏମ୍‌ଭି-୧୨ ବ୍ରିଜ। ଏହି ସବୁ ସ୍ଥାନରେ ବାତ୍ୟାର ପ୍ରଭାବ ଅଧିକ ପଡ଼ିବା ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳକୁ ପ୍ରଶାସନ ଚିହ୍ନଟ କରି ନଜର ରଖିବା ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସମସ୍ତ ଗ୍ରାମ ପଞ୍ଚାୟତରେ ଶୁଖିଲା ଖାଦ୍ୟ ମହଜୁଦ ରଖିବା ସହିତ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ଆଗାମୀ ୩ଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ କୋରୁକୋଣ୍ଡା ବ୍ଲକ ତରଫରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। କୌଣସି ଜରୁରୀକାଳୀନ ପରିସ୍ଥିତିରେ ବ୍ଲକ କଣ୍ଟ୍ରୋଲ ରୁମ (୮୯୨୬ ୧୧୩୭୨୫) କିମ୍ବା ୧୦୭୭ କୁ ଜଣାଇବାକୁ ଅନୁରୋଧ କରାଯାଇଛି। ଏଥିସହିତ ସମସ୍ତ ସରପଞ୍ଚ, ସମିତି ସଦସ୍ୟ, ୱାର୍ଡ ସଭ୍ୟମାନଙ୍କୁ ଏ ବିଷୟରେ ସତର୍କ ରହିବା ଏବଂ ବିଶେଷ ଧ୍ୟାନ ଦେବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରିବାକୁ ବାରଣ କରାଯାଇଥିବା ବିଡିଓ ସାହୁ କହିଛନ୍ତି । ବାତ୍ୟା ଜନିତ ବିଭିନ୍ନ ଅଘଟଣକୁ ଏଡାଇବା ନିମନ୍ତେ କୋରୁକୋଣ୍ଡା ଅଗ୍ନି ସେବାକେନ୍ଦ୍ର ତରଫରୁ ଷ୍ଟେଶନ ଅଫିସର ସୁନୀଲ ନାୟକଙ୍କ ତତ୍ତ୍ୱାବଧାନରେ ପୁରା ଟିମ୍ ବିଭିନ୍ନ ସରଞ୍ଜାମ ସହିତ ପ୍ରସ୍ତୁତ ରହିଥିବା ଅଧିକାରୀ କହିଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର, ୨୭।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଶିକ୍ଷାଧିକାରୀ ଭାବେ ଯୋଗଦେଇଥିବା କରୁଣାକର ଭୁଏଙ୍କୁ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀମାନେ ସୋମବାର ସ୍ୱାଗତ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଭୁଏ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହି ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ୀ, ବରିଷ୍ଠ ସହାୟକ ଶଶୀଭୂଷଣ ଦାସ, ବାଳ ଗୋପାଳ ମିଶ୍ର, କନିଷ୍ଠ ସହାୟକ ସାନ୍ତୁନୁ ଜେନା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ ସହକାରୀ ଓ ସୋମନାଥ ଗାଦବା,



କିରଣ ମହାରଣା, ରଞ୍ଜିତ ମହାନ୍ତି, ମନୋଜ କୁମର୍ ପଟ୍ଟନାୟକ, ଲିପସା ମୁରଲି ସାହୁ, ସୁନିତା ନାୟକ, ଶୁଭଶ୍ରୀ ପାତ୍ର, ଦିବ୍ୟା ତେଜା, ଅନିଲ୍ ସାଗର, କମଳୁ ଜାନି ଓ ରମେଶ ପାଲକା ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

# ମହୁମାଛି ଆକ୍ରମଣରେ ବ୍ୟବସାୟୀ ମୃତ

ଜୟପୁର, ୨୭।୧୦(ପବନ ପାଣିଗ୍ରାହୀ)

ମହୁମାଛି ଆକ୍ରମଣରେ ଜୟପୁର ପାରାବେଡା ଅଞ୍ଚଳର ବ୍ୟବସାୟୀ ପ୍ରଦୀପ କୁମାର ସାହୁ(୬୫)ଙ୍କ ସୋମବାର ମୃତ୍ୟୁ ହୋଇଛି। ସେ ସହର ନିକଟ ପଲକାପୁଟସ୍ଥିତ ଇଟା ଫେକ୍ଟ୍ରି ଦେଖିବାକୁ ଯାଇଥିବା ବେଳେ ଏକ ଗଛରେ ଥିବା ମହୁମାଛି ଆକ୍ରମଣ କରିଥିଲେ । ଏହି ସମୟରେ ତାଙ୍କର ହୃଦ୍‌ଘାତ ହୋଇଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିବା ସମୟରେ ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହ ପାରବେଡାସ୍ଥିତ ବାସଭବନକୁ ଅଣାଯାଇଥିଲା।

# ରାସ୍ତାରୁ ଆବର୍ଜନା ସଫାକଲା ଉତ୍କଳ ସାମ୍ବାଦିକ ସଂଘ

କୋରୁକୋଣ୍ଡା, ୨୭।୧୦(ଶିବଦତ୍ତ ସାହୁ)

ଅଞ୍ଚଳକୁ ସଫାସୁତୁରା ରଖିବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ରାସ୍ତା କଡରେ ବହୁଦିନ ଧରି ଅଳିଆ ଆବର୍ଜନା ଗଦା ହୋଇ ରହିଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହିତ ବ୍ଲକ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧ୍ୟ ହୋଇ କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ନିଜ ଖର୍ଚ୍ଚରେ ଠେଲା ଗାଡି ସାହାଯ୍ୟରେ ରାସ୍ତା ଉପରେ ପଡି ରହିଥିବା ଅଳିଆ ଆବର୍ଜନାଗୁଡିକୁ ସଫା କରିଥିଲେ।



ରାସ୍ତାକଡରେ ପଡ଼ିଥିବା ଆବର୍ଜନା ସଫା କରାଯାଉଛି।

### ଶୁଣିଲାଣି ପ୍ରଶାସନ

ସୂଚନା ଥାଉକି, ଉକ୍ତ ରାସ୍ତାଟି ବ୍ଲକ ସଦର ମୁଖ୍ୟ ରାସ୍ତା ହନୁମାନ ମନ୍ଦିରଠାରୁ ବ୍ଲକ ଅଧୀନ କ୍ଲଷ୍ଟର ବିଲଡିଂକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତା। ଉକ୍ତ କ୍ଲଷ୍ଟର ବିଲଡିଂରେ ପ୍ରାୟ ୧୦ରୁ ଅଧିକ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ନିଜ ପରିବାର ସହିତ ରହୁଛନ୍ତି। ପ୍ରତ୍ୟେକ ଦିନ କର୍ମଚାରୀମାନେ ନିଜ କାର୍ଯ୍ୟାଳୟକୁ ଯିବାଆସିବା କରିବା ସହିତ ସେମାନଙ୍କ ଛୋଟ ପିଲାଙ୍କୁ ସେହି ଅଳିଆ ଆବର୍ଜନା ରାସ୍ତା ଦେଇ ସ୍କୁଲକୁ ମଧ୍ୟ ନେବା ଆଣିବା କରିଥାନ୍ତି। ହେଲେ ସେହି ରାସ୍ତାରେ ପଡିଥିବା ଆବର୍ଜନା କିଭଳି କାହା ନଜରରେ ପଡୁ ନ ଥିଲ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ବାତ୍ୟାକୁ ନେଇ କଳିଙ୍ଗା ଘାଟି ସିଲ୍

କି.ଉଦୟଗିରି, ୨୭।୧୦(ଶିଶିର ପଟ୍ଟନାୟକ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ କନ୍ଧମାଳ ଜିଲା କଳିଙ୍ଗା ଘାଟି ରାସ୍ତାକୁ ଜିଲାପାଳ ବେଦଭୂଷଣ ୩ ଦିନ ପାଇଁ ସିଲ କରିଦେଇଥିବା ଜଣାପଡିଛି। ଗତ ମାସରେ ଘାଟିରେ ଭୂସ୍ଖଳନ ଯୋଗୁ ରାସ୍ତା ନଷ୍ଟ ହୋଇ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ଜାତୀୟ ରାଜପଥ ବିଭାଗ ରାସ୍ତା ନିର୍ମାଣ ଜାରି ରଖିଛି। ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇ ସମସ୍ତ ଶ୍ରମିକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପରେ ଉକ୍ତ ରାସ୍ତାକୁ ୩ ଦିନ ପାଇଁ ସିଲ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


## ସତର୍କତା ଜାଗରଣ ସପ୍ତାହ
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

"ସତର୍କତା: ଆମର ମିଳିତ ଦାୟିତ୍ୱ"

➤ ଉପଭୋକ୍ତାମାନଙ୍କୁ ନିବେଦନ ◀

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26



## OFFICE OF PRINCIPAL
## EKLAVYA MODEL RESIDENTIAL SCHOOL
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 | UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ [illegible] ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ [illegible] ଯେହେତୁ ରଣଗ୍ରହୀତା ରଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା/[illegible] ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ [illegible] ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ରଣଗ୍ରହୀତା [illegible] ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କ[illegible] ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହି[illegible]

| ଶାଖା / ରଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୭୭) / (ସାଙ୍କେତିକ ଦଖଲ)** | |
| ରଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର [illegible] ଯାହାର ଖାତା ନଂ.: [illegible] ଏକର୦.୦୪୦ [illegible] ୯୦୩/୧୧୩, [illegible] ତହସିଲ: ମାହାଙ୍ଗା, [illegible] ଉତ୍ତର: କାଳିଅଣ୍ଡି [illegible] ପୂର୍ବ: ଜଚିନ୍ଦ୍ର [illegible] (ଖ) ୦୪.୦୮.[illegible] ଟ.୧୩,୧୫,୬୧[illegible] ଏବଂ ସତସ୍ତରୀ ପଇ[illegible] |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର,
କଟକ - ୭୫୩୦୧୪, zocuttack@indianbank.co.in

## ଦଖଲ ନୋଟିସ୍
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ରଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା** / ରଣଗ୍ରହୀତା/ବନ୍ଧକଦାତାମାନେ: ୧) **ସୁରେଶ କୁମାର ପାଣି**, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) **ସନ୍ତୋଷ କୁମାର ପାଣି**, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / **ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ**, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | **ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା** / ରଣଗ୍ରହୀତା/ବନ୍ଧକଦାତା: **ଶାନ୍ତିଲତା ଦାସ**, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / **ରଣଗ୍ରହୀତା: ସୁବ୍ରତ କୁମାର ଦାସ**, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ **ଠିକଣା-୧:** ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, **ଠିକଣା-୨:** ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | **ଶାନ୍ତିଲତା ଦାସ**, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଖୋଲାଗଲା ମାଛକୁଣ୍ଡ, ଜୋଲାପୁଟ ଜଳଭଣ୍ଡାରର ୬ ଗେଟ୍

କୋରାପୁଟ,୨୭।୧୦(ଅମିତାଭ ବେହେରା)


ଜୋଲାପୁଟ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଉଛି।

■ ପ୍ରତି ସେକେଣ୍ଡରେ ୨୮ହଜାର କ୍ୟୁସେକ ଜଳ ନିଷ୍କାସନ
■ ସମ୍ଭାବ୍ୟ ବାତ୍ୟା ପାଇଁ ଜଳସ୍ତର ବୃଦ୍ଧି ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା 'ମୋନ୍ଥା'କୁ ନେଇ କୋରାପୁଟ ଜିଲା ମାଛକୁଣ୍ଡ ବିଦ୍ୟୁତ ବିଭାଗ ପକ୍ଷରୁ ଡ୍ୟାମର ସୁରକ୍ଷା ନେଇ ୬ ଗେଟ୍ ସୋମବାର ଖୋଲାଯାଇଛି। ବିଭାଗ ଜୋଲାପୁଟ ଡ୍ୟାମର ୪ ଗେଟ୍ ଓ ମାଛକୁଣ୍ଡ ଡି ଡ୍ୟାମର ୨ ଗେଟ୍ ଖୋଲି ଜଳ ନିଷ୍କାସନ କରିଛି। ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ବାତ୍ୟା 'ମୋନ୍ଥା' ଲ୍ୟାଣ୍ଡଫଲ୍ ହେବ ବୋଲି ରାଜ୍ୟ ପାଣିପାଗ ବିଭାଗ ସୂଚନା ଦେଇଥିଲା। ଏହାର ପ୍ରଭାବରେ ଉପରେ ମୁଣ୍ଡରେ ଲଗାଣ ବର୍ଷା ହେବା ଯୋଗୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଜଳସ୍ତର ବୃଦ୍ଧି ପାଇଲେ ଜଳଭଣ୍ଡାର ପ୍ରତି ବିପଦ ରହିଛି। ଏଥିପାଇଁ ବିଭାଗୀୟ ଅଧିକାରୀ ୨ ଜଳଭଣ୍ଡାରର ସୁରକ୍ଷାକୁ ଦୃଷ୍ଟିରେ ରଖି ୬ ଗେଟ୍ ଖୋଲି ଜଳ ନିଷ୍କାସନ କରିଛନ୍ତି। ବାତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ବେଳେ ମାଛକୁଣ୍ଡ ବିଦ୍ୟୁତ ବିଭାଗ ମଧ୍ୟ ସଜାଗ ହୋଇଛି। ବିଦ୍ୟୁତ୍ ବିଭାଗର ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ପରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାର ଜୋଲାପୁଟ ଜଳଭଣ୍ଡାରର ୪ ଗେଟ୍ ଖୋଲା ଯାଇ ୧୬ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଇଛି। ଜୋଲାପୁଟ ଜଳଭଣ୍ଡାର ବିପଦ ସଂକେତ ୨୭୫୦ ଫୁଟ ଥିବା ବେଳେ ୨୭୪୭.୭୫ ଫୁଟ ଜଳ ରହିଥିବା ଜଣାପଡ଼ିଛି। ବିପଦ ସଂକେତ ଅତି ନିକଟତର ହୋଇଥିବାରୁ ଗେଟ୍ ଖୋଲା ଯାଇଥିବା ସୂଚନା ମିଳିଛି। ସେହିପରି ମାଛକୁଣ୍ଡ ଡି.ଡ୍ୟାମରୁ ୨ ଗେଟ୍ ଖୋଲାଯାଇ ୧୨ ହଜାର କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ଚିତ୍ରକୋଣ୍ଡା ଜଳ ଭଣ୍ଡାରକୁ ଛଡ଼ା ଯାଉଥିବା ଜଣାପଡ଼ିଛି। ଡି. ଡ୍ୟାମର ବିପଦସଂକେତ ୨୫୯୦ ଫୁଟ ଥିବା ବେଳେ ୨୫୮୩ ଫୁଟ ଜଳ ରହିଛି। ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ଆନ୍ଧ୍ରର ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ଜୋଲାପୁଟ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଥାଏ। ଏ ନେଇ ଏହି ୨ ଜଳଭଣ୍ଡାରରୁ ୬ ଗେଟ୍ ଖୋଲି ପ୍ରତି ସେକେଣ୍ଡରେ ୨୮ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଥିବା ମାଛକୁଣ୍ଡ ଜଳବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ଭାବ୍ୟ ବାତ୍ୟା ପାଇଁ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ କ୍ଷେତ୍ର ମନା

କୋରାପୁଟ,୨୭।୧୦(ଅମିତାଭ ବେହେରା)

**୩ ଦିନ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ**


ସମ୍ଭାବ୍ୟ ବାତ୍ୟା ପାଇଁ କୋରାପୁଟ ଜିଲାର ସମସ୍ତ ପର୍ଯ୍ୟଟନ କ୍ଷେତ୍ରକୁ ଯିବାକୁ ପର୍ଯ୍ୟଟକଙ୍କୁ ମନା କରାଯାଇଛି। ୩ ଦିନ ପାଇଁ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଜିଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ଏଥିସହ ଶିକ୍ଷକମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରକାଶ କରିଛନ୍ତି। ବାତ୍ୟା ମୋନ୍ଥା ପ୍ରଭାବରେ ସୋମବାର ଜିଲାର ସମସ୍ତ ସ୍ଥାନରେ ଝିପିଝିପି ବର୍ଷା ଜାରି ରହିଛି। ମଙ୍ଗଳବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୮୬୮୯ରେ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଯାଇଛି। ୨୮ ରୁ ୩୦ ଯାଏ ବିଦ୍ୟାଳୟକୁ ଛୁଟି ଘୋଷଣା କରି ଶିକ୍ଷକମାନେ ସତର୍କ ଦୃଷ୍ଟି ରଖି ପ୍ରଶାସନ ସହ ମିଳିତ ଭାବେ କାର୍ଯ୍ୟ କରିବାପକୁ ନିର୍ଦ୍ଦେଶ ରହିଛି। ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ପର୍ଯ୍ୟଟକଙ୍କୁ ହୋଟେଲ ନ ଛାଡିବାକୁ କୁହାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ବିଶାଖାପାଟଣା ରେଳ ଡିଭିଜନ ପକ୍ଷରୁ କୋରାପୁଟ ଦେଇ ଜଗଦଳପୁର ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଟ୍ରେନଗୁଡ଼ିକୁ ୨୮ ଓ ୨୯ ତାରିଖ ବାତିଲ କରାଯାଇଛି। ସୋମବାର ଭୁବନେଶ୍ୱରରୁ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ, ରାଉରକେଲା–ଜଗଦଳପୁର ରାଉରକେଲା ଏକ୍ସପ୍ରେସ ୨୮ତାରିଖ ରାୟଗଡାରେ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବାତ୍ୟାକୁ ନେଇ ଆତଙ୍କିତ ଚାଷୀ

ସୁନାବେଡ଼ା/ସେମିଳିଗୁଡ଼ା,୨୭।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ବର୍ଷକର ପରିଶ୍ରମ ନଷ୍ଟହେବା ନେଇ ଚିନ୍ତିତ**

ପାଣିପାଗ ବିଭାଗ ସୂଚନା ମୁତାବକ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାକୁ ନେଇ ସେମିଳିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳର ଚାଷୀମାନେ ଆତଙ୍କିତ ହୋଇ ରହିଛନ୍ତି। ସେମିଳିଗୁଡ଼ା ବ୍ଲକ୍ ଅଧୀନ ୧୭ ପଞ୍ଚାୟତର ଦଳେଇଗୁଡ଼ା, କୁନ୍ଦୁଲି, ହାଟଗୁଡା, କୁତୁଗାଁ, ପୁଙ୍ଗାର, ମାଳିଦୁସୁରା, ରେଙ୍ଗା, ମରୁଆ, ମାଳିଗୁଞ୍ଜା, ଦୁଧାରୀ, ପାକଝୋଲା, ଗୁଣ୍ଡାପୁଟ, ସୁବାଇ, ଯାନୀଗୁଡ଼ା, ବୋଡ଼େଙ୍ଗା, ରାଜ ପଲମା ଓ ରାଜପୁଟ ଅଞ୍ଚଳର ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ନଷ୍ଟହେବା ନେଇ ଚାଷୀ ଆଶଙ୍କା ଓ ଚିନ୍ତାରେ ରହିଛନ୍ତି। କ୍ଷେତରୁ ଧାନ,ମାଣ୍ଡିଆ ବାଜରା ଆଦି ଫସଲର ଅମଳ ସମୟରେ ବାତ୍ୟା ହେବା ଚାଷୀଙ୍କ ଚିନ୍ତାର ମୁଖ୍ୟ କାରଣ। ବର୍ଷକର ପରିଶ୍ରମ ଧୋଇଯିବା ସହ ନଷ୍ଟହେବା ନେଇ ଚାଷୀମାନେ ଆଶଙ୍କା କରିଛନ୍ତି। ଏଥିସହ ବିଭିନ୍ନ ଅଞ୍ଚଳର ପରିବାଚାଷ ପ୍ରଭାବିତ ହେବା ସେମାନେ କହିଛନ୍ତି। ଜିଲା, ବ୍ଲକ୍ ଓ ପୌର ପ୍ରଶାସନ ପକ୍ଷରୁ ବାତ୍ୟାକୁ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଛୁଟି ୩୦ ତାରିଖ ଯାଏ ବାତିଲ କରିଛନ୍ତି।


ସେମିଳିଗୁଡ଼ା ଅଞ୍ଚଳର ଧାନ କ୍ଷେତ।

# ୨୧ ଗର୍ଭବତୀଙ୍କୁ ମା'ଗୃହକୁ ସ୍ଥାନାନ୍ତର



ବୈଠକରେ ଅଧିକାରୀ ବାତ୍ୟା ମୁକାବିଲା ନେଇ ଆଲୋଚନା କରୁଛନ୍ତି।

ନନ୍ଦପୁର,୨୭।୧୦(ତୁଷାରକାନ୍ତ ମହାନ୍ତି)

**ବାତ୍ୟା ମୋନ୍ଥାର ମୁକାବିଲା ନେଇ ସମୀକ୍ଷା**

ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ନୋଡାଲ ଅଧିକାରୀ ବେଣୁଧର ଶବର(ସିଡିଓ) ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ଏଥିରେ ବ୍ଲକ୍, ତହସିଲ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ପୋଲିସ ଓ ଅନ୍ୟ ବିଭାଗର ଅଧିକାରୀଙ୍କଠାରୁ ପ୍ରସ୍ତୁତି ଓ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ୍‌ରେ ଜୋଲାପୁଟ ଜଳଭଣ୍ଡାର ନିକଟ ଅଞ୍ଚଳ ତଥା ଗୁଟୁର, ସାବୁନ, ଉପରସାବୁନ, ଲାମାଡୁର, ଚିଟଲପଡ଼ା, ପଡ଼ାଲପୁଟ, ଉମୁଲାପୁଟ, ରାଙ୍ଗିନିଗୁଡା ଓ ଏହାର ପାରିପାର୍ଶ୍ୱିକ ୧୦ ପଞ୍ଚାୟତବାସୀଙ୍କ ସୁରକ୍ଷା ବ୍ୟବସ୍ଥା, ଜଳଭଣ୍ଡାର ଭିତରକୁ ଦେଶୀ ଡଙ୍ଗା ଚଳାଚଳ ବାରଣ କରିବା ନେଇ ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋଡ଼ିପୁଟ, ପାଙ୍ଗିପୁଟ, ଉପର କଣ୍ଡାପାଲି, ତଳ କଣ୍ଡାପାଲି, ମେଣ୍ଡାଝୋଲା, ଦେବଷଣ୍ଢଗୁଡ଼ା, ରାଙ୍ଗୀନିଗୁଡ଼ା, ଟାଙ୍କୁଆ, ସିଡ଼ାପୁଟ, ପରଟା, ସରବାପୁଟ, ବିସପୁର ଓ ମାରଡ଼ା ଆଦି ଗ୍ରାମବାସୀଙ୍କୁ ସହାୟତା ପହଞ୍ଚାଇପାରିବା ପ୍ରତି ନଜର ରଖିବାକୁ କହିଛନ୍ତି। ରାଣୀଡୁଡୁମା ଓ ନାଗେଶ୍ୱରୀ ଗୁମ୍ଫା ଆଦି ପର୍ଯ୍ୟଟନସ୍ଥଳୀକୁ ଲୋକଙ୍କୁ ବାରଣ କରିବାକୁ ବନ ବିଭାଗ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ ବ୍ଲକ୍‌ର ୨୧ ଆସନ୍ନ ପ୍ରସବାଙ୍କୁ ମା' ଗୃହ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ଦେଇଛନ୍ତି। ବିଡିଓ ଦୁର୍ଗାପ୍ରସାଦ ଦୋରା ୨୩ ପଞ୍ଚାୟତରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦେବା ସହ ପଞ୍ଚାୟତ ପିଛା ଗୋଟିଏ ଲେଖାଏ ଆଶ୍ରୟସ୍ଥଳୀ ଖୋଲି ଲୋକଙ୍କୁ ସୁରକ୍ଷିତ ରଖିବା ବ୍ୟବସ୍ଥା କରାଯାଉଥିବା ସୂଚନା ଦେଇଛନ୍ତି। ମଙ୍ଗଳ ବିଭାଗର ୫ ହଷ୍ଟେଲର ଅନ୍ତେବାସୀଙ୍କୁ ଛାତ ଘରକୁ ସ୍ଥାନାନ୍ତର କରିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଜଳ ଯୋଗାଣ ଯନ୍ତ୍ରୀ ପାନୀୟ ଜଳ ଓ ଯୋଗାଣ ନିରୀକ୍ଷକ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରଖାଯାଇଥିବା କହିଛନ୍ତି। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଓ ଅନ୍ୟ ବିଭାଗର ଅଧିକାରୀ ମୁକାବିଲା ପାଇଁ ପ୍ରସ୍ତୁତ ଥିବା କହିଥିଲେ। କୃଷି, ଉଦ୍ୟାନ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ନିଜ କ୍ଷେତ୍ର ଅଞ୍ଚଳରେ ସଜାଗ ରହିବାକୁ ନୋଡାଲ ଅଧିକାରୀ ପରାମର୍ଶ ଦେଇଥିଲେ।

# ସମସ୍ତ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ

ପଟ୍ଟାଙ୍ଗି,୨୭।୧୦(ଶରତ କୁମାର ଧଳ)

ବାତ୍ୟା 'ମୋନ୍ଥା'କୁ ନେଇ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ସୋମବାର ବୈଠକ କରାଯାଇଛି। ବିଡିଓ ରାମକ୍ରିଷ୍ଣା ନାୟକଙ୍କ ସଭାପତିତ୍ୱରେ ବ୍ଲକ୍‌ର ସମସ୍ତ ସରପଞ୍ଚ ଓ ପଞ୍ଚାୟତସ୍ତରରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ୪ ଦିନ ଯାଏ ଉପସ୍ଥିତ ରହି ସମସ୍ତ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ଥିବା ବିଦ୍ୟାଳୟ ଗୃହ ଓ ୮ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ପ୍ରସୂତି, ଗର୍ଭବତୀ, ବୃଦ୍ଧାବୃଦ୍ଧଙ୍କୁ ସ୍ଥାନାନ୍ତର କରିବା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ର ଜିପିଡିଓ କିରଣଚନ୍ଦ୍ର ସାହୁ ଏବଂ ପାନୀୟ ଜଳ ବିଭାଗ ଯନ୍ତ୍ରୀ ସୋନିଆ ବଡା ନୋଡାଲ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ଯେକୌଣସି ସମୟରେ ଏହି ୨ ଅଧିକାରୀଙ୍କୁ ଯୋଗାଯୋଗ କରି ପଦକ୍ଷେପ ନେବାକୁ କୁହାଯାଇଛି। ବ୍ଲକ୍‌ର ତଳଗୋଲୁର, ଅମ୍ବାବାଲି, ସୁଙ୍କି, ନୁଆଗାଁ, କୋଟିଆ ଓ ସମ୍ବାଇ ଆଦି ପଞ୍ଚାୟତଗୁଡ଼ିକ ଉପରେ ଅଧିକ ଦୃଷ୍ଟି ଦେବାକୁ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସ୍ଥାନାନ୍ତର କରାଯିବ। ପଞ୍ଚାୟତ ଓ ଗ୍ରାମଗୁଡ଼ିକୁ ସଂଯୋଗୀ ରାସ୍ତା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଗମନାଗମନ ସୁବିଧା କରିବାକୁ ନିଷ୍ପତ୍ତି ନିଆଯାଇଛି। କୃଷି ବିଭାଗ ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ତଥ୍ୟ ସଂଗ୍ରହ କରି ପ୍ରତି ସମୟରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଅତି ଜରୁରୀ ସାମଗ୍ରୀ ସମସ୍ତ ପଞ୍ଚାୟତରେ ମହଜୁଦ୍ ରହିବା ନେଇ ସରପଞ୍ଚ, ପିଇଓ ଏବଂ ଅନ୍ୟ କର୍ମଚାରୀ ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗ, ପିଇଓ ଏବଂ ଅନ୍ୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗୀ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ସ୍ୱାସ୍ଥ୍ୟ ଅଧିକାରୀ ଡା. ଭାଗବତ ମୁର୍ମୁ , ଏଡିଓ ବେଦାନ୍ତ ମାଝୀ, ଏଇଇ ବିଶ୍ୱନାଥ ମାଦଲି, ସିଡିପିଓ ବି.ଅର୍ଣ୍ଣ ପୂର୍ଣ୍ଣା, ଏବିଓ ରଜନୀକାନ୍ତ ବଡ଼ନାୟକ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ୍ ସେଠୀ ଓ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି


କୁନ୍ଦୁରା,୨୭।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ବିଡିଓ ପି.ମନସ୍ୱିତାଙ୍କ ଅଧକ୍ଷତାରେ ସରପଞ୍ଚ ଘାସି ଭତ୍ରା,ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମାକାନ୍ତ ନାୟକ, ସିଡିପିଓ ଆରତୀ ମହାପାତ୍ର,ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ହୁଇକା, ସିଆରସିସି ସଞ୍ଜୟ ସାନ୍ତ୍ରା ଓ କୃଷି ଅଧିକାରୀ ସୁଜାତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧପାନ୍ତରିଆ ଅବସ୍ଥାରେ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅତିଶୀଘ୍ର ସାରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଜୟପୁର ଓ କୁନ୍ଦୁରା ବ୍ଲକର ୩୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ମେଗା ଜଳ ପ୍ରକଳ୍ପରେ ଠିକାଦାରଙ୍କ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି। ଅନୁମତି ନ ଥାଇ ବିଭିନ୍ନ ରାସ୍ତା ଖୋଳାଯାଉଥିବା ଅଭିଯୋଗ ହୋଇଥିଲା। ବ୍ଲକ ଅଧୀନ ଫୁପୁଗାଁ ପଞ୍ଚାୟତରେ ମେଗା ପ୍ରକଳ୍ପର ମୁଖ୍ୟ ଶାଖା ଥିବା ବେଳେ ଠିକାଦାର ପାଇପ ଲାଇନ ବିଛାଇବା ପାଇଁ ନବନିର୍ମିତ ରାସ୍ତା ଖୋଳୁଥିବା ଅଭିଯୋଗ କରି ଅତିଶୀଘ୍ର ଏହାର ସମାଧାନ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଡଙ୍ଗରପାଉଁଶି ପଞ୍ଚାୟତ ମୁଣ୍ଡିଗୁଡାରେ ଥିବା ନାଳରେ ଗ୍ରାମର ଜଣେ ବ୍ୟକ୍ତି ଗଛ ଲଗାଉଥିବା ଅଭିଯୋଗ ହୋଇଥିଲା। ଜବ କାର୍ଡ ଧାରୀଙ୍କ ଇକେୱାଇସି କରିବାକୁ ମେଟ୍‌ମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଭେଜାହାଣ୍ଡିରେ ପାନୀୟଜଳ ଯୋଗାଇବାକୁ ସମିତିସଭ୍ୟା ତୁଳାବତୀ ଭତ୍ରା ଅଭିଯୋଗ କରିଥିଲେ। ଡଙ୍ଗରପାଉଁଶି ନିକଟ ଗୁଲିଗୁଡାରେ ଏକ ମିନି ଅଙ୍ଗନୱାଡି ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଭେଜାହାଣ୍ଡିରେ ସିମେଣ୍ଟ ଖଳା ନିର୍ମାଣ ନେଇ କୁହାଯାଇଥିଲା। ଶିବିରରେ ପିଇଓ ଗୌରାଙ୍ଗ ଚରଣ ମାଝୀ,ଏଡିଇଓ ଆଶିଷ ମିଶ୍ର,ଯୋଗାଣ ସହାୟକ ତୁଷାର ଭଞ୍ଜ, ଅଜୟ ସାହୁ, ବୁଲୁ ସାହୁ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ୪୭ ଅଭିଯୋଗ ଶୁଣିଲେ ଜିଲାପାଳ

**ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି**

ଜୟପୁର,୨୭।୧୦(ପବନ ପାଣିଗ୍ରାହୀ)



ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ପ୍ରୋବେସନାରି ଆଇଏଏସ୍ ସନ୍ତୋଷ ପାତ୍ର, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ଏସ୍‌ଡିପିଓ ପାର୍ଥ କଶ୍ୟପ ଉପସ୍ଥିତ ଥିଲେ। ଶିବିରରେ ୩୮ ବ୍ୟକ୍ତିଗତ ଓ ୯ ଗୋଷ୍ଠୀଗତ ମୋଟ ୪୭ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଟାଟା ପାୱାରର ଅବହେଳା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଜୟପୁର ବ୍ଲକ୍ ଅନ୍ତା ପଞ୍ଚାୟତର ଚାଷୀମାନଙ୍କୁ ଉମୁରି ଆର୍‌ଏମ୍‌ସିକୁ ଧାନ ନେବା ପାଇଁ ଗାଡ଼ି ଭଡ଼ା ଅଧିକ ଦେବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ଚାଷୀ ୫ ରୁ ୬ ଦିନ ଯାଏ ଆର୍‌ଏମସି ଅଫିସକୁ ଗଲେ ଧାନ ବିକ୍ରି ହେଉଥିବା କହିଥିଲେ। ଅନ୍ତା ପଞ୍ଚାୟତରେ ମଣ୍ଡି ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଅନ୍ତାରେ ନୂତନ ପ୍ରକଳ୍ପ କରିବାକୁ ସରପଞ୍ଚ ବାବୁଲା ଦିଶାରୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ରାସ୍ତା, ସ୍କୁଲ ମରାମତି, ବିଦ୍ୟାଳୟ ଚାରିପାଖରେ ଥିବା ସରକାରୀ ଜମିର ସ୍କୁଲ ନାଁରେ ପଟ୍ଟା କରିବା, ଶ୍ମଶାନରେ ଶବଦାହ ଗୃହ, ବସ୍ ସେବା ଆଦି ଯୋଗାଇବାକୁ କୁହାଯାଇଥିଲା। କେବିଡ଼ି ସରପଞ୍ଚ ଯୋଶେପ ସିରିକା ରାସ୍ତା ନିର୍ମାଣ ନେଇ ଦାବି କରିଥିଲେ। ଜଗନ୍ନାଥ ସାଗର ତଟରେ ପେଟ୍ରୋଲ ପମ୍ପ ନିର୍ମାଣକୁ ବିରୋଧକରି ଦାବିପତ୍ର ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ କୋଟପାଡ଼ ଥାନା ଅନ୍ତର୍ଗତ ବାମୁଣିଆଗୁଡା ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୋରିଗୁମ୍ମା ତହସିଲ ଅଧୀନ ବୋଇରାଗିପଦର ମୌଜାରେ ଥିବା ସରକାରୀ ଗୋଚର ଜମି, ଜଙ୍ଗଲ ଜମି ଓ ଗ୍ରାମ ଦେବୀଙ୍କ ନାଁରେ ଥିବା ଜମିକୁ ଗ୍ରାମର କେତେଜଣ ମୁଷ୍ଟିମେୟ ବ୍ୟକ୍ତିବିଶେଷ ବେଆଇନ ଭାବେ ଦଖଲକରି ମକା ଚାଷ କରୁଛନ୍ତି। ଏହା ସାଧାରଣ ଉପଯୋଗ ଯୋଗ୍ୟ ଜମି ହୋଇଥିବାରୁ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ତୁରନ୍ତ ମୁକ୍ତ କରିବାକୁ ଦାବି କରାଯାଇଛି।

# ବାତ୍ୟା ମୁକାବିଲା ନେଇ ଜରୁରିକାଳୀନ ବୈଠକ

ବୋରିଗୁମ୍ମା, ୨୭।୧୦(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଏକ ଜରୁରିକାଳୀନ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ନୋଡାଲ ଅଧିକାରୀ ଭାବେ କୋରାପୁଟ ଡେପୁଟି ଡାଇରେକ୍ଟର ଅଫ ହର୍ଟିକଲଚର ସୁଦାମ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ବାତ୍ୟା ଯୋଗୁ ବ୍ଲକ୍ ପ୍ରଭାବିତ ହେବା ସମ୍ଭାବନା ଥିବାରୁ ସମସ୍ତ ବିଭାଗକୁ ସଜାଗ ରହିବାକୁ ନୋଡାଲ ଅଧିକାରୀ ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟାରେ ଜୀବନ ହାନି ନ ହେବା ନେଇ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବାତ୍ୟାର ସୂଚନା ପାଇଁ ୨୪ ଘଣ୍ଟିଆ ବ୍ଲକ୍ କଣ୍ଟ୍ରୋଲ ରୁମ ନଂ.୯୦୭୮୬୨୪୨୦୫ରେ ଫୋନ କରିପାରିବେ ବୋଲି ବିଡିଓ କହିଛନ୍ତି। ବୈଠକରେ ତହସିଲଦାର ଶୋଭନ କୁମାର ବେହେରା, ଡ.ଦିଲ୍ଲୀପ କୁମାର ନାଥ, ମିନତୀ ତ୍ରିପାଠୀ, ସିଆରସିସି ଆଶିଷ କୁମାର ହୋତା, ବିଜୟ ମାହୁନ୍ତ, ସରପଞ୍ଚ ତୁଷାର କାନ୍ତ କୁମ୍ଭିକା, ଏଇଇ ପ୍ରକାଶ ପ୍ରଧାନ, ପୋଲିସ ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ,ଜିପିଇଓ ସ୍ୱାଗତିକା ଗୋପାଳ, ଏସଡିଓ ଚନ୍ଦ୍ରକାନ୍ତ ମହାନ୍ତି, କନିଷ୍ଠଯନ୍ତ୍ରୀ ଶଙ୍କର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଲାଇସେନ୍ସ ଥିବା ସତ୍ତ୍ୱେ ପିଡିଏସ୍ ସାମଗ୍ରୀ ବଣ୍ଟନରୁ ବଞ୍ଚିତ

କୋରାପୁଟ,୨୭।୧୦(ଅମିତାଭ ବେହେରା)

**ସ୍ୱୟଂ ସହାୟକ ଗୋଷ୍ଠୀ ଉପଜିଲାପାଳଙ୍କ ଦ୍ୱାରସ୍ଥ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜା ବେଡାପଦର ପଞ୍ଚାୟତ ତୋଟାବେଡା ଗ୍ରାମର ସୁବର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀକୁ ପିଡିଏସ ସାମଗ୍ରୀ ବଣ୍ଟନ କରିବାକୁ ଲାଇସେନ୍ସ ମିଳିଥିଲା। କିନ୍ତୁ ଓଜନ ଯନ୍ତ୍ର ଓ ବାଓମାଟ୍ରିକ ମେସିନ ଦିଆଯାଇ ନ ଥିବାରୁ ୫ ବର୍ଷ ହେବ ଲାଇସେନ୍ସ ଥିବା ସତ୍ତ୍ୱେ ଗ୍ରୁପ ସଦସ୍ୟାମାନେ ଏଥିରୁ ବଞ୍ଚିତ ରହିଛନ୍ତି। ଏ ନେଇ ମହିଳାମାନେ ଉପଜିଲାପାଳଙ୍କୁ ସୋମବାର ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ସଦସ୍ୟାମାନେ ବାରମ୍ବାର ଦଶମନ୍ତପୁର ବିଡିଓ ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ପୂର୍ବତନ ଉପଜିଲାପାଳ ଏହି ଘଟଣାର ସମାଧାନ ପାଇଁ ଦଶମନ୍ତପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା କହିଛନ୍ତି। ଉକ୍ତ ମହିଳା ଗୋଷ୍ଠୀ ପୁଣି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳ ପ୍ରେମଲାଲ ହିଆଲ ଅଭିଯୋଗ ପାଇବା ପରେ ବିଡିଓଙ୍କୁ ଯୋଗାଯୋଗ କରି ଏହାର ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଶୀଘ୍ର ଘଟଣାର ସମାଧାନ ନ ହେଲେ ସମସ୍ତ ସଭ୍ୟା ଦଶମନ୍ତପୁର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା / ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ଫ୍ଲାଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ଁ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | **(୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

**ସ୍ଥାନ: କଟକ**
**ତାରିଖ: ୨୭.୧୦.୨୦୨୫**

ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ**
**ଇଣ୍ଡିଆନ୍ ବ୍ୟାଙ୍କ**

# ୧୦୦ ଗର୍ଭବତୀଙ୍କୁ ମା' ଗୃହକୁ ସ୍ଥାନାନ୍ତର

■ ବାତ୍ୟା ମୋନ୍ଥା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି
■ ୬୩୧୪ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଯୋଜନା

ରାୟଗଡ଼ା,୨୭।୧୦(ଆଶିଷ ରଞ୍ଜନ ପଣ୍ଡା)

ବାତ୍ୟା ମୋନ୍ଥା ପ୍ରଭାବରେ ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ତେଣୁ ରାୟଗଡ଼ା ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ୧୦୦ ଜଣ ଗର୍ଭବତୀଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୫୨ ଜଣ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଛି। ଆବଶ୍ୟକତା ଦେଖି ଅନ୍ୟମାନଙ୍କୁ ମା' ଗୃହ ଓ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି। ବାତ୍ୟାର ମୁକାବିଲା ପାଇଁ ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କୁ ସଜାଗ ରହିବାକୁ ଜିଲାପାଳ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଥିବାବେଳେ ସମସ୍ତେ ସମ୍ଭାବ୍ୟ ବର୍ଷାକୁ ନେଇ ପ୍ରସ୍ତୁତ ହୋଇ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ସେହିପରି ଜିଲାର ୩ଟି ବାତ୍ୟା ଆଶ୍ରୟସ୍ଥଳୀ ଗୁଣପୁରର ବିକ୍ରମପୁର, ବିଷମକଟକର କୁଟ୍ରାଗଡ଼ ଓ ରାୟଗଡ଼ା ବ୍ଲକ୍‌ର ହାଟଶେଷଖାଲକୁ ପ୍ରସ୍ତୁତ ରଖାଯାଇଛି ବୋଲି ପ୍ରଶାସନ ସୂଚନା ଦେଇଛି। ସମସ୍ତ ବ୍ଲକ୍‌ର ବିଡିଓ, ତହସିଲଦାର ଏବଂ ଜରୁରିକାଳୀନ କାର୍ଯ୍ୟାଳୟ ୨୪ ଘଣ୍ଟା କାର୍ଯ୍ୟ କରିବ ବୋଲି ଜିଲାପାଳ କୁଲକର୍ଣ୍ଣି କହିଛନ୍ତି। ସେହିଭଳି ବାତ୍ୟାରୁ ସୁରକ୍ଷା ପାଇଁ ଜିଲାର ୧୧ଟି ବ୍ଲକ୍‌ରୁ ୫୪୪୪ ଏବଂ ଗୁଣପୁର ପୌର ପରିଷଦର ୮୭୦ ଜଣଙ୍କୁ ସ୍ଥାନାନ୍ତରିତ ପାଇଁ ପ୍ରଶାସନ ଯୋଜନା ରଖିଛି। ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ୧୧ଟି ବ୍ଲକ୍‌ରେ ୧୫୬ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଥିବାବେଳେ ଗୁଣପୁର ପୌରାଞ୍ଚଳରେ ୫ଟି, ରାୟଗଡ଼ା ପୌରାଞ୍ଚଳରେ ୩ଟି ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି।

## ବାତ୍ୟାକୁ ନେଇ ଚାଷୀ ଭୟଭୀତ

କଲ୍ୟାଣସିଂହପୁର ୨୭।୧୦
(ଦୀପକ କୁମାର ପରିଡ଼ା )

ବାତ୍ୟା 'ମୋନ୍ଥା' ପ୍ରଭାବରେ ରାୟଗଡା ଜିଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ରେଡ୍ ୱାର୍ନିଂ ଜାରିଛି। ଏହାକୁ ନେଇ କଲ୍ୟାଣସିଂହପୁର ବ୍ଲକ୍‌ର ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। କଲ୍ୟାଣସିଂହପୁର ବ୍ଲକବାସୀଙ୍କ ମୁଖ୍ୟ ବେଉସା ହେଉଛି କୃଷି। ଅଧିକାଂଶ ଲୋକ ଏଠାରେ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଭଲ ଫସଲ ହୋଇଛି, କିନ୍ତୁ ବାତ୍ୟା ଯୋଗୁ ଫସଲ ନଷ୍ଟ ହେବା ଆଶଙ୍କା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଅଧିକାଂଶ ଚାଷୀ ଏହି ସମୟରେ ଧାନ ଅମଳ ପାଇଁ ପ୍ରସ୍ତୁତ ହେଉଥିବାବେଳେ, ବାତ୍ୟା ଓ ଭୀଷଣ ବର୍ଷାର ଭୟରେ ସେମାନେ ତାଙ୍କ ଫସଲ ସୁରକ୍ଷା କିପରି କରିବେ ସେ ନେଇ ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି।

ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, ବିଭିନ୍ନ ଅଞ୍ଚଳରେ ସୁନାର ଫସଲ ହୋଇଛି।



ଚାଷୀକୁଳ ଚଳିତବର୍ଷ ଭଲ ଫସଲ ଅମଳ ହେବ ବୋଲି ଆଶା ରଖିଥିଲେ। କେତେ ଜାଗାରେ ଧାନ ଅମଳ ହେବା ସମୟ ହୋଇଗଲାଣି, କିନ୍ତୁ ଧାନକଟା ବାକି ରହିଛି। ଯଦି ବାତ୍ୟା ଓ ବର୍ଷା ହୁଏ, ତେବେ ଫସଲ ମାଟିରେ ପଡ଼ି ନଷ୍ଟ ହୋଇଯିବ। ଏଭଳି ସ୍ଥିତିରେ ବାତ୍ୟା ମୋନ୍ଥା ଆସିବ ବୋଲି ପାଣି ପାଗ ବିଭାଗ ପକ୍ଷରୁ କୁହାଯିବା ପରେ ଚାଷୀକୁଳ ସ୍ତବ୍ଧ ହୋଇଯାଇଛନ୍ତି।

ଫସଲକୁ କିଭଳି ରକ୍ଷା କରାଯାଇପାରିବେ ସେଥିନେଇ ଲାଗି ପଡିଛନ୍ତି। ବ୍ଲକ କୃଷି ବିଭାଗ ତରଫରୁ ଚାଷୀଙ୍କୁ ସଚେତନ କରାଇବା ସହ ହେଲ୍ପଲାଇନ ନମ୍ବର ଜାରି କରାଯାଇଥିବା ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ପାଢ଼ୀ କହିଛନ୍ତି । ବ୍ଲକ୍‌ର ସମସ୍ତ ପଞ୍ଚାୟତର ପ୍ରାୟ ୭ ହଜାର ଚାଷୀଙ୍କୁ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ ମାଧ୍ୟମରେ ବାତ୍ୟା କବଳରୁ କିପରି ବର୍ତ୍ତିବେ ସେ ନେଇ ସଚେତନତା କରାଯାଉଥିବା କହିଛନ୍ତି। ସମ୍ଭବ ଥିଲେ ଶୀଘ୍ର ଫସଲ କାଟିବା ସହ ସୁରକ୍ଷିତ ଜାଗାରେ ରଖିବାକୁ ଉପଦେଶ ଦେଇଛନ୍ତି। ବାତ୍ୟା ପରେ ଚାଷକୁ କିପରି ରୋଗ ପୋକ ଦାଉରୁ ରକ୍ଷା କରିବେ ଏବଂ କ୍ଷୟକ୍ଷତି ର ଅକଳନ କରିବା ନେଇ ସୂଚନା ଦେଇଛନ୍ତି।

# ହୀରାଖଣ୍ଡ, ସମଲେଶ୍ୱରୀ ଓ ଇଣ୍ଟରସିଟି ଏକ୍ସପ୍ରେସ ଚଳାଚଳ ଆଂଶିକ ବାତିଲ

ରାୟଗଡା,୨୭।୧୦
(ଆଶିଷ ରଞ୍ଜନ ପଣ୍ଡା)

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରେଲୱେ ତରଫରୁ ରେଳ ଯାତ୍ରା କ୍ଷେତ୍ରରେ ପରିବର୍ତ୍ତନ କରାଯାଇଛି। କିଛି ଟ୍ରେନ୍ ଚଳାଚଳ ଆଂଶିକ ବାତିଲ ହୋଇଥିବା ସୂଚନା ମିଳିଛି। ରାଉରକେଲାଠାରୁ ଜଗଦଲପୁର ଯାଉଥିବା (୧୮୧୦୭) ଓ ଜଗଦଲପୁରଠାରୁ ରାଉରକେଲା (୧୮୧୦୮) ଇଣ୍ଟରସିଟି ଏକ୍ସପ୍ରେସ, ଭୁବନେଶ୍ୱରଠାରୁ ଜଗଦଲପୁର (୧୮୪୪୭) ଓ ଜଗଦଲପୁରରୁ ଭୁବନେଶ୍ୱର (୧୮୪୪୮) ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଓ ଜଗଦଲପୁରଠାରୁ ହାୱଡା (୧୮୦୦୫) ଓ ହାୱଡାଠାରୁ ଜଗଦଲପୁର ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନର ଗନ୍ତବ୍ୟସ୍ଥଳକୁ ୩ଦିନ ପାଇଁ ଆଂଶିକ ଭାବରେ ବାତିଲ କରାଯାଇଛି। ଏହି ଟ୍ରେନ୍‌ଗୁଡିକ ରାୟଗଡାଠାରୁ ଗନ୍ତବ୍ୟସ୍ଥଳକୁ ଯିବ କିନ୍ତୁ କୋରାପୁଟ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ ନାହିଁ ବୋଲି ରେଲୱେ ସୂତ୍ରରୁ ବୋଲି ସୂଚନା ମିଳିଛି। କୋରାପୁଟ – ରାୟଗଡ଼ା ରେଳପଥରେ ଭୂସ୍ଖଳନ ଆଶଙ୍କା ରହିଥିବାରୁ ଏହି ଟ୍ରେନ୍‌ଗୁଡିକୁ ୨୭ରୁ ୨୯ ତାରିଖ ଯାଏଁ ରାୟଗଡାରୁ ଯାତାୟତ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ସେହିଭଳି ଗୁଣ୍ଟୁର – ରାୟଗଡା ଏକ୍ସପ୍ରେସ (୧୭୨୪୩–୧୭୨୪୪)କୁ ସୋମବାର ବାତିଲ କରାଯାଇଛି ବୋଲି ରେଲୱେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ କେ. ପବନ କୁମାର ସୂଚନା ଦେଇଛନ୍ତି।

## ବାତ୍ୟା ପରେ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି



ଗୁଣପୁର ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ସିପିଆଇ(ଏମ୍ଏଲ୍) ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

ଗୁଣପୁର,୨୭।୧୦(ପ୍ରଦୀପ କୁମାର ପାଢ଼ୀ)

ସିପିଆଇ(ଏମ୍ଏଲ୍) ଲିବରେଶନ ରାୟଗଡ଼ା ଜିଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆନ୍ଧ୍ରରେ ବାତ୍ୟା ସ୍ଥଳଭାଗ ଛୁଇଁବ । ଯେହେତୁ ଆନ୍ଧ୍ରର ସୀମାବର୍ତ୍ତୀ ଅଞ୍ଚଳରେ ଦକ୍ଷିଣ ଓଡ଼ିଶା ରହିଛି । ତେଣୁ ଏହାର ପ୍ରଭାବରେ ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ ଓ ମାଲାକାନଗିରିରେ ବହୁ କ୍ଷୟକ୍ଷତି ହେବାର ସମ୍ଭାବନା ରହିଛି। ପୂର୍ବରୁ ମଧ୍ୟ ବାତ୍ୟା ତିତିଲି ପ୍ରଭାବରେ ଗୁଣପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଫଳରେ ଏବେ ପର୍ଯ୍ୟନ୍ତ ଚାଷୀର ମେରୁଦଣ୍ଡ ସଳଖି ପାରିନାହିଁ । ସେହିପରି ଗତ ୨ ତାରିଖରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ଗୁଣପୁର ଅଞ୍ଚଳରେ ବ୍ୟାପକ କପା ଫସଲ ନଷ୍ଟ ହୋଇଥିଲା। ଏଥିସହିତ ଭୂସ୍ଖଳନ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହେବାରୁ ଚାଷୀ ଆର୍ଥିକ କ୍ଷତିଗ୍ରସ୍ତର ଶିକାର ହୋଇଛନ୍ତି । ଏବେ ପୁଣି ବାତ୍ୟା 'ମୋନ୍ଥା' ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆନ୍ଧ୍ରକୁ ଲାଗି ରହିଥିବା ଜିଲାଗୁଡିକରେ ଧାନ, କପା ସହ ପନିପରିବା ଓ ଅନ୍ୟାନ୍ୟ ଫସଲ କ୍ଷତି ଘଟିବା ସମ୍ଭାବନା ରହିଛି। ତେଣୁ ବାତ୍ୟା ସରିବା ପରେ ସଙ୍ଗେ ସଙ୍ଗେ କ୍ଷେତ୍ର କର୍ମଚାରୀମାନେ ଠିକ୍ ଭାବେ କ୍ଷୟକ୍ଷତି ଅକଳନ କରି ଧାନଚାଷୀଙ୍କୁ ଏକର ପିଛା ୭୦ ହଜାର ଟଙ୍କା ଓ କପାଚାଷୀଙ୍କୁ ଏକର ପିଛା ୯୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ସିପିଆଇ (ଏମ୍ଏଲ୍) ଲିବରେଶନ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଦାବି କରିଛନ୍ତି ।

## ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ରାୟଗଡ଼ା,୨୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତରେ ରବିବାର ଏକ ପିକ୍‌ଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଙ୍ଗାରି ଗାଁର କୃଷ୍ଣଚନ୍ଦ୍ର ପାତ୍ର (୩୮)। କୃଷ୍ଣଚନ୍ଦ୍ର ରାସ୍ତାକଡ଼ରେ ବସିଥିବା ସମୟରେ ଏକ ପିକ୍‌ଅପ୍ ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ଏ ନେଇ କଲ୍ୟାଣସିଂହପୁର ଥାନାରେ କେଶ ନମ୍ବର ୮୯/୨୫ରେ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଚାଲିଥିବା କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି।

# ଗୁଡାରି ବ୍ଲକ୍‌ରେ ଖୋଲିଲା କଣ୍ଟ୍ରୋଲ ରୁମ୍

ଗୁଡାରି,୨୭।୧୦ (ପ୍ରମୋଦ କୁମାର ପତି )

ବାତ୍ୟାକୁ ଦୃଷ୍ଟି ରଖି ରାୟଗଡା ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ତେବେ ବାତ୍ୟା ପ୍ରଭାବରେ ଯେପରି କୌଣସି ଧନଜୀବନ ନଷ୍ଟ ନ ହେବ ସେଥିପାଇଁ ଗୁଡାରି ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଜରୁରିକାଳୀନ ପରିସ୍ଥିତିରେ ବ୍ଲକ୍ ପ୍ରଶାସନ ସହ ଯୋଗାଯୋଗ କରିବା ନିମନ୍ତେ ବ୍ଲକ୍ ଅଫିସ ଏବଂ ତହସିଲ ଅଫିସରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଆରମ୍ଭ କରାଯାଇଛି। ବିଡ଼ିଓ ସୁଚିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ପ୍ରସ୍ତୁତି ବୈଠକରେ ସେ ଏହି ସୂଚନା ଦେଇଛନ୍ତି। ବୈଠକରେ ତହସିଲଦାର ଏ. ସ୍ନେହଲତା, ଗୁଡାରି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କ ସମେତ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ବିଡ଼ିଓ, ତହସିଲଦାରଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

ସମ୍ଭାବ୍ୟ ବାତ୍ୟାରେ ଯେପରି ଧନଜୀବନ, ଫସଲ ନଷ୍ଟ ନ ହୁଏ ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଦେବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ ହୋଇଥିବା ସୂଚନା ମିଳିଛି। ବାତ୍ୟା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବିଦ୍ୟୁତ ବିଭାଗ କର୍ମଚାରୀମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଡିଓ କହିଥିଲେ। ଆବଶ୍ୟକସ୍ଥଳେ ରାସ୍ତାରେ ପଡ଼ିଥିବା ଗଛ କାଟି ସଫା କରିବା ସହ ଭୂସ୍ଖଳନରେ ରାସ୍ତା ସଫା କରିବା ପାଇଁ ବିଭାଗ ପ୍ରସ୍ତୁତ ଥିବା ସେ କହିଛନ୍ତି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନେଇ ବିଦ୍ୟୁତ ବିଭାଗ ସଜାଗ ଥିବା ବିଭାଗୀୟ ଯନ୍ତ୍ରୀ ବଳଭଦ୍ର ମିଶ୍ର ସୂଚନା ଦେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କୌଣସି କ୍ଷୟକ୍ଷତି ହୁଏ ତୁରନ୍ତ ରିପୋର୍ଟ ଦେବା ପାଇଁ କୁହାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଆବଶ୍ୟକସ୍ଥଳେ ନଦୀ କୂଳିଆ ଅଞ୍ଚଳରେ ପ୍ରଭାବିତ ଆଶଙ୍କା ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ ଏବଂ ଗର୍ଭବତୀ ଓ ରୋଗୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି। ବ୍ଲକ କଣ୍ଟ୍ରୋଲରୁମ ନମ୍ବର, ତହସିଲ କଣ୍ଟ୍ରୋଲ ରୁମ ନମ୍ବର ଏବଂ ଅଗ୍ନିଶମ ବିଭାଗ ନମ୍ବର ମଧ୍ୟ ଜାରି କରାଯାଇଛି। ଯେ କୌଣସି ପ୍ରକାର ଅସୁବିଧା ହେଲେ ବ୍ଲକ ନମ୍ବର ୯୯୩୭୮୭୯୮୩୯, ତହସିଲ ନମ୍ବର ୭୦୦୮୩୯୧୮୦୬ ଏବଂ ଅଗ୍ନିଶମ ବିଭାଗ ନମ୍ବର ୯୪୩୭୭୩୧୮୨୭ରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

## ନବ ଭାରତ ସାକ୍ଷରତା ଅଭିଯାନରେ ୮୨୫ ପରୀକ୍ଷା ଦେଲେ



ଗୁଡାରି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି।

ଗୁଡାରି,୨୭।୧୦ (ପ୍ରମୋଦ କୁମାର ପତି)

ନିରକ୍ଷର ଦୂର କରିବା ନିମନ୍ତେ ଗୁଡାରି ବ୍ଲକରେ ନବ ଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମରେ ରବିବାର ବ୍ଲକର ବିଭିନ୍ନ କେନ୍ଦ୍ରରେ ମୋଟ ୮୨୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଦେବା ନିମନ୍ତେ ବ୍ଲକରେ ମୋଟ ୯୦୦ ଜଣ ପଞ୍ଜୀକରଣ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ସମସ୍ତ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଆଗ୍ରହର ସହ ପରୀକ୍ଷା ଦେଇଥିଲେ ବୋଲି ବ୍ଲକ ପର୍ଯ୍ୟବେକ୍ଷକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପମାଝୀ ସୂଚନା ଦେଇଛନ୍ତି। ଏହି ପରୀକ୍ଷାରେ କ୍ଲଷ୍ଟର ପର୍ଯ୍ୟବେକ୍ଷକ ଭାବେ ସମ୍ପୃକ୍ତ ସିଆରସିସି ଦାୟିତ୍ୱ ତୁଲାଇ ଥିଲେ। ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିୟୋଜିତ ହୋଇଥିଲେ ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷକ ଇନଭାଇଜଲେଟର ଦାୟିତ୍ୱ ତୁଲାଇଥିଲେ।

## ବାଲ୍ୟବିବାହ, ଲିଙ୍ଗଗତ ସମସ୍ୟା ଉପରେ ପ୍ରତିଯୋଗିତା

ଟିକିରି,୨୭।୧୦
(ପ୍ରଫୁଲ୍ଲ କୁମାର ବେହେରା)

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କାଶୀପୁରସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଶୋରୀ କିଶୋରଙ୍କ 'ଅନ୍ତର୍ନିହିତ ଶକ୍ତିର ବିକାଶ' ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଲ୍ୟ ବିବାହ,



ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ପ୍ରତିଯୋଗୀ।

ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ସମସ୍ୟା ଉପରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ କାଶୀପୁର ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ପୁରସ୍କାର ବିତରଣ କରଯାଇଥିଲା। କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ କାଶୀପୁର ଏବିଇଓ ଓ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିଭାଗ ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସୁପରଭାଇଜର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭିଙ୍ଗ ଫାର୍ମସର ବ୍ଲକ ସଂଯୋଜକ, କିଶୋରୀ ସାଥି ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମେଲାଣି ନେଲେ ମା' ଦକ୍ଷିଣ କାଳୀ

ଗୁଣପୁର,୨୭।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ଆଇଟିଡିଏ ଅଫିସ ନିକଟରେ ଗତ ୭ ଦିନ ଧରି ପୂଜା ପାଉଥିବା ମା' ଦକ୍ଷିଣ କାଳୀଙ୍କ ଭସାଣି ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଲଘୁଚାପ ଜନିତ ବର୍ଷା ପାଇଁ ମା'ଙ୍କ ଭସାଣୀ ଉତ୍ସବ ଫିକା ପଡ଼ିଥିଲା। ରବିବାର ବିଳମ୍ବିତ ରାତିରେ ମା'ଙ୍କ ଘଟକୁ ଦକ୍ଷିଣ କାଳୀଙ୍କ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରିବା ସହ ବିସର୍ଜନ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ପ୍ରତିମାକୁ ଭସାଣୀ ଯାତ୍ରାରେ ନିଆଯାଇ ବଂଶଧାରା ନଦୀରେ ବିସର୍ଜନ କରାଯାଇଥିଲା । ପୂଜା କମିଟିର ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ପୂଜା କାର୍ଯ୍ୟ ସମ୍ପାଦନା ହୋଇଥିଲା ।



ମା' ଦକ୍ଷିଣ କାଳୀଙ୍କ ପ୍ରତିମୂର୍ତ୍ତିକୁ ବିସର୍ଜନ ପାଇଁ ନିଆଯାଉଛି ।

# ଦୁର୍ନୀତିକୁ ନା, ଶପଥ ନେଲେ ସବୁ ଅଧିକାରୀ

ରାୟଗଡ଼ା,୨୭।୧୦
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ରାମନାଗୁଡା ବ୍ଲକ ପରିସରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ସମସ୍ତ ଜିଲାସ୍ତରୀୟ, ଉପଖଣ୍ଡସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଗୁଣପୁର ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ୍ତ କୁମାର, ରାମନାଗୁଡା ବ୍ଲକ ଅଧକ୍ଷ ରବିଶଙ୍କର ଗମାଙ୍ଗ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଶପଥପାଠ କରିଥିଲେ।

ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ନବୀନ ନାୟକ ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ଉପସ୍ଥିତିରେ ସମସ୍ତ କର୍ମଚାରୀ ଓ ପଦାଧିକାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ମାର୍ଗଦର୍ଶନ କରି ଶପଥପାଠ କରାଇଥିଲେ । ସେହିପରି ଜିଲାର ସମସ୍ତ କାର୍ଯ୍ୟାଳୟରେ କର୍ମଚାରୀମାନେ ଶପଥ ପାଠ କରିଥିଲେ। ସୋମବାରଠାରୁ ଆରମ୍ଭ ହୋଇଥିବା ସପ୍ତାହେ ବ୍ୟାପି ଜନ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ, ଗ୍ରାମ ପଞ୍ଚାୟତରେ ଆୟୋଜନ କରାଯିବ। ଆସନ୍ତା ୨୯ ତାରିଖରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଅଧିକାରୀମାନେ ଦୁର୍ନୀତି ନିବାରଣ ସପ୍ତାହ ନେଇ ଶପଥପାଠ କରୁଛନ୍ତି।

# ୭୭ ଅଭିଯୋଗ ଶୁଣିଲେ ଜିଲାପାଳ

ରାମନାଗୁଡ଼ା,୨୭।୧୦ (ସଞ୍ଜୟ ପ୍ରଧାନ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ୍ତ କୁମାର ସୁବୁଦ୍ଧି, ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୬୬ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ୩ଜଣଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୪୦ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି।





ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ବିଶେଷକରି ବିଜିକୋଟ ବାଲିଖାଦାନରୁ ଅତ୍ୟଧିକ ବାଲି ଚାଲାଣ, ସରକାର ଦ୍ୱାରା ଧାର୍ଯ୍ୟଠାରୁ ଅଧିକ ରୟାଲଟି, ଠିକାଦାରଙ୍କ ମନମୁଖି କାରବାର ଯୋଗୁ ଅତିଷ୍ଠ ହୋଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମସ୍ତ ଦରଖାସ୍ତ ପାଇବା ପରେ ସେଗୁଡିକୁ ତଦନ୍ତକରି ତୁରନ୍ତ ସମାଧାନ କରିବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ୍ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର

ରାମନାଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନାହାକ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଅଭିଷେକ ପଟ୍ଟନାୟକ, ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଖାଦ୍ୟ ମହଜୁଦ, ଆଶ୍ରୟସ୍ଥଳରେ ସୁବ୍ୟବସ୍ଥାକୁ ଗୁରୁତ୍ୱ

**ସମ୍ଭାବ୍ୟ ବାତ୍ୟା ମୋନ୍ଥାର ମୁକାବିଲା ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ବାତ୍ୟା ମୋନ୍ଥାର ସଫଳ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ସିଡିଓ,ଜିଲା ପରିଷଦ ସଭ୍ୟ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ସିଡିପିଓ, ନବରଙ୍ଗପୁର ଓ ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ବ୍ଲକର ବିଦ୍ୟାଳୟରେ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଆଶ୍ରୟ ସ୍ଥଳୀ ସହ ଯଥେଷ୍ଟ ପରିମାଣର ଜେସିବି, ଟ୍ରାକ୍ଟର, ବାଲି ବସ୍ତା ଓ ଅନ୍ୟ ନିର୍ମାଣ ସାମଗ୍ରୀ ମହଜୁଦ କରାଯାଇଛି। ୨୬ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ସରକାରୀ,ବେସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ବୈଠକରେ କୁହାଯାଇଛି। ଜିଲା ଜରୁରିକାଳୀନ ବିଭାଗ ତଥା ନବରଙ୍ଗପୁର ଜିଲା ନିୟନ୍ତ୍ରଣ କକ୍ଷର ନୂତନ ଫୋନ ନମ୍ବର ୯୮୨୭୦୫୦୦୪୮ରେ ଜରୁରିକାଳୀନ ପରିସ୍ଥିତିରେ ଜନସାଧାରଣ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

ଜରୁରିକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା ଏଜେଣ୍ଡା ଅନୁଯାୟୀ ବିଭିନ୍ନ ବିଭାଗୀୟ ପଦକ୍ଷେପ ସମ୍ପର୍କରେ କହିଥିଲେ। ସମ୍ଭାବ୍ୟ ବାତ୍ୟା, ବନ୍ୟା ପାଇଁ ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ, ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା, ନୋଡାଲ ଅଧିକାରୀଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ, ନିୟନ୍ତ୍ରଣ କକ୍ଷ ସ୍ଥାପନକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ବନ୍ୟା କିମ୍ବା ବାତ୍ୟାରେ ରାସ୍ତା ନଷ୍ଟ, ଗଛ ପଡ଼ି ରାସ୍ତା ଅବରୋଧ ହେଲେ ହଟାଇବା, ପାଣିପାଗ ରିପୋର୍ଟ, ଚେତାବନୀ, ବନ୍ୟା ବୁଲେଟିନ ପ୍ରଚାର ପ୍ରସାର, ଟେଲିଫୋନ ଓ ବିଦ୍ୟୁତ୍ ସରାବରାହ ପାଇଁ ପଦକ୍ଷେପ, ନିରାପଦ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ, ପ୍ରାଣୀ ଚିକିତ୍ସା, କୃଷି ଜନିତ ସମସ୍ୟା, ଆଶ୍ରୟସ୍ଥଳୀରେ ସୁବ୍ୟବସ୍ଥା, ଜଳମଗ୍ନ ସମ୍ଭାବନା ଥିବା ତଳିଆ ଅଞ୍ଚଳ ଚିହ୍ନଟ, ଆଗୁଆ ସ୍ଥାନାନ୍ତର ଯୋଜନା, ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁବ୍ୟବସ୍ଥା, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ମୁତୟନ, ବିପର୍ଯ୍ୟୟ ପରେ ବିଦ୍ୟୁତ୍, ଟେଲିଫୋନ ସଂଯୋଗୀକରଣ, ରାସ୍ତାର ପୁନରୁଦ୍ଧାର, ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସରକାରୀ,ବେସରକାରୀ ଅନୁଷ୍ଠାନ ସହ ସମସ୍ତଙ୍କ ସମ୍ପୃକ୍ତି ଉପରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ଆଶ୍ରୟ, ଖାଦ୍ୟ, ପାଣି, ପରିମଳ, ଚିକିତ୍ସା ବ୍ୟବସ୍ଥା, ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ବ୍ୟବସ୍ଥାକୁ ସୁନିଶ୍ଚିତ ଓ ବାତ୍ୟାର ସଫଳ ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ନଭେମ୍ବର ୩ କଳସ ଯାତ୍ରା, ୪ରେ ନାମଯଜ୍ଞ

- ଅଷ୍ଟପ୍ରହରୀ ପାଳନ ପ୍ରସ୍ତୁତି ବୈଠକ
- ସାମିଲ ହେବେ ୧୦ରୁ ଅଧିକ କୀର୍ତ୍ତନ ଦଳ



**ରାଇଘର, ୨୭।୧୦(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ତ୍ରିନାଥ ମନ୍ଦିରରେ ଅଷ୍ଟପ୍ରହରୀ ପ୍ରସ୍ତୁତି ବୈଠକ କରାଯାଇଛି। ୨୩ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଅଷ୍ଟପ୍ରହରୀ ଚଳିତ ବର୍ଷ ଧୁମ୍‌ଧାମ୍‌ରେ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାନୁଯାୟୀ ଚଳିତ ବର୍ଷ ନଭେମ୍ବର ୩ରୁ ପୂଜା ବିଧି ଆରମ୍ଭ ହେବ। ପଞ୍ଚୁକ ନିମନ୍ତେ ସନ୍ଧ୍ୟାରେ କମିଟି ପକ୍ଷରୁ ଦୀପ ଲଗାଯିବ। ୩ତାରିଖ ଅଧିବାସ, କଳସ ଯାତ୍ରା, ୪ତାରିଖ ସକାଳ ୬ଟାରୁ ୫ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ନାମ ସଙ୍କୀର୍ତ୍ତନ କରାଯିବ। ୫ତାରିଖ ବୁଧବାର ଦିନ ୯ଟାରେ ନଗର ସଙ୍କୀର୍ତ୍ତନ ହେବ। ୪ତାରିଖ ମଙ୍ଗଳବାର ଦିନ ୧୨ଟାରୁ ରାତ୍ରୀ ପର୍ଯ୍ୟନ୍ତ ପ୍ରସାଦ ସେବନ କରାଯିବ। ଅଷ୍ଟ ପ୍ରହରୀ ନାମଯଜ୍ଞ ନିମନ୍ତେ ଚଳିତ ବର୍ଷ ୧୦ରୁ ଅଧିକ କୀର୍ତ୍ତନ ଦଳ ସାମିଲ୍ ହେଉଛନ୍ତି। ଚଳିତ ବର୍ଷ ଆଲୋକମାଳାରେ ସଜାଯିବା ସହ ରାଇଘର ମୁଖ୍ୟ ବଜାରରେ ହରେକୃଷ୍ଣ ନାମ ପ୍ରଚାର କରାଯିବ। ଏ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ପ୍ରଫୁଲ୍ଲ କୁମାର ଭୂୟାଁ ସଭାପତି, ଗଗନ ବିହାରୀ ବାହିନୀପତି ଉପସଭାପତି, ଭବାନୀ ନାୟକ ସମ୍ପାଦକ, ଅନନ୍ତ ବାରିକ ସହସମ୍ପାଦକ, ବିଜୟ ମହାରଣାଙ୍କୁ କୋଷାଧ୍ୟକ୍ଷଭାବେ ଚନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଅକ୍ଷୟ ଦାସ, ପୂର୍ଣ୍ଣାନନ୍ଦ ବାରିକ, ଅଜୟ ଦାସ, ନେପାଳ ଦେ, ରଞ୍ଜିତ ପାଣିଗ୍ରାହୀ, ଲକ୍ଷ୍ମୀଧର ମହାନ୍ତି,ରତ୍ନାକର ସିଂ, କୈଳାଶ ମହାରଣା ପ୍ରମୁଖ ରହିଛନ୍ତି। କମିଟି ସଦସ୍ୟ ଶ୍ରୀହର୍ଷ ମହାପାତ୍ର, କିରଣ ପଟ୍ଟନାୟକ, ଅମିୟ ମହାପାତ୍ର, ବିଜୟ ପାଢ଼ୀ, ଲଳିତ ମୋହନ ନାୟକ, ନିରାକାର ରାଉତ, ସଞ୍ଜୟ ବାରିକ, ସୁକେଶ ମିଶ୍ର, ମୋନଜ ରାଜପୁତ, ସଞ୍ଜୟ ନାୟକ, ରାଜେଶ ସିଂ, ରବି ବାହିନୀପତି, ପିଣ୍ଟୁ ମହାରଣା, ବବ୍‌ଲୁ ମିଶ୍ର, ରାମ ସିଂହା, ବାପି କାଞ୍ଜିଲାଲ ପ୍ରମୁଖ ସହ ଶହେରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର

**ଉମରକୋଟ, ୨୭।୧୦(ସନ୍ତୋଷ ଶତପଥୀ)**

ସମ୍ଭାବ୍ୟ ବାତ୍ୟା ମୋନ୍ଥାର ସଫଳ ମୁକାବିଲା ପାଇଁ ସୋମବାର ଉମରକୋଟ ପୌର ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରିଷଦ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ କୃଷି, ଶିଶୁ ବିକାଶ, ଉଦ୍ୟାନ, ରାଜସ୍ୱ,ଅଗ୍ନିଶମ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ବାତ୍ୟା ନବରଙ୍ଗପୁର ଜିଲା ଉମରକୋଟ ଓ ରାଇଘର ଦେଇ ଛତିଶଗଡ଼କୁ ଯିବ। ତେଣୁ ଉମରକୋଟରେ ବାତ୍ୟାର ପ୍ରଭାବ ଅଧିକ ରହିବ। ଏହି ଦୃଷ୍ଟିରୁ ପୌର ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପ୍ରସ୍ତୁତ ବୋଲି ବୈଠକରେ ଆଲୋଚନା କରାଯାଇଛି। ବୈଠକ ପରେ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି, ଜିଲାପାଳଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ସମ୍ପନ୍ନ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ ଦିଆଯାଉଛି। କେତେକ ତଳିଆ ଅଞ୍ଚଳରୁ ଲୋକଙ୍କୁ ଚିହ୍ନଟ କରାଯାଇ ଉମରକୋଟସ୍ଥିତ ବାତ୍ୟା ଆଶ୍ରୟସ୍ଥଳକୁ ସନ୍ଧ୍ୟାରେ ସ୍ଥାନାନ୍ତର କରାଯାଇଛି। ଜନସାଧାରଣ କୌଣସି ଗୁଜବକୁ ବିଶ୍ୱାସ ନ କରି ଅଫିସରେ ଖୋଲା ଯାଇଥିବା କଣ୍ଟ୍ରୋଲ ରୁମ୍ ଓ ପୌର ପରିଷଦର କର୍ମଚାରୀଙ୍କ ମୋବାଇଲ ଯୋଗେ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ଏଥିସହ କୌଣସି ଜରୁରିକାଳୀନ ସ୍ଥିତିରେ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ ନଂ ୬୮୬୬୨୯୨୨୯୨ ଜାରି କରାଯାଇଛି। କୋରାପୁଟରୁ ଓଡ୍ରାଫ ଟିମ୍ ରାତି ସୁଦ୍ଧା ଉମରକୋଟରେ ପହଞ୍ଚିବା ସମ୍ଭାବନା ଥିବା ସେ କହିଛନ୍ତି।

## ୧୦ ବ୍ଲକରେ ୩୦ ଭ୍ରାମ୍ୟମାଣ ଡାକ୍ତରୀ ଟିମ୍

**ନବରଙ୍ଗପୁର,୨୭।୧୦ (ସଦାଶିବ ପ୍ରହରାଜ)**

ମୋନ୍ଥା ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ପ୍ରସ୍ତୁତି ବୃତାନ୍ତ କରିଛି। ଅତ୍ୟଧିକ ବର୍ଷା ହେଲେ ଜିଲାର ପାପଡ଼ାହାଣ୍ଡି, କୋଷାଗୁମୁଡ଼ା, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକ ବିଶେଷ ଭାବେ ବନ୍ୟା ଜଳ ପ୍ରଭାବିତ ହୋଇଥାଏ। ଏହି ବ୍ଲକ ଗୁଡ଼ିକର ୨୨ ଗାଁ ସମ୍ପୂର୍ଣ୍ଣ ଓ ୮୮ ଗାଁରେ ଆଂଶିକ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୪ ସବ୍ ସେଣ୍ଟର ବନ୍ୟା ପ୍ରଭାବରେ ଜଳବନ୍ଦୀ ହୋଇଥାଏ। ପ୍ରାୟ ୧ ଲକ୍ଷ ୫୨ ହଜାର ୨୮୦ ଜନସାଧାରଣ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହି ଯାଆନ୍ତି। ଏନେଇ ମୋନ୍ଥା ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ୩ଟି ଲେଖାଏଁ ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବର୍ଷା ହେଲେ ଜିଲାର ୧୦ ବ୍ଲକର ୨୫୮ଗାଁକୁ ଆମ୍ବୁଲାନ୍ସ ଯିବା ସମ୍ଭବ ନୁହେଁ। ଏହାକୁ ନଜରରେ ରଖି ଜିଲାରେ ଥିବା ୯ଟି ମା' ଗୃହରେ ପୂର୍ବରୁ ୪୫ ଜଣ ଗର୍ଭବତୀଙ୍କୁ ରଖାଯାଇଥିଲା। ସୋମବାର ଆଉ ୩୫ ଜଣ ଗର୍ଭବତୀଙ୍କୁ ମା' ଗୃହକୁ ଅଣାଯାଇଛି। ଜିଲାରେ ୩୭ଟି ୧୦୮ ଆମ୍ବୁଲାନ୍ସ ଓ ଜିଲା ସଦର ମହକୁମାରେ ଥିବା ୨ଟି ୧୦୮ ଆମ୍ବୁଲାନ୍ସକୁ ଦିବାରାତ୍ର ସଜାଗ ହୋଇ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟାପ୍ତ ପରିମାଣରେ ଔଷଧ, ସାପ କାମୁଡ଼ା ଇଞ୍ଜେକଶନ, ଓଆର୍‌ଏସ୍, ହାଲୋଜିନ ବଟିକା ଆଦି ଗଚ୍ଛିତ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କରାଯାଇଛି। କୌଣସି ଜରୁରିକାଳୀନ ସ୍ଥିତିରେ ୯୪୩୯୯୮୮୪୬୮ ନମ୍ବରରେ ଯୋଗାଯୋଗ କରି ପାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସାମାନ୍ୟ ବର୍ଷା ସହ ପାଗ କୋହଲା


କୋଡ଼ିଙ୍ଗାଠାରେ ଚାଷୀ ମକା ଅମଳ ପରେ ପଲିଥିନ ଘୋଡ଼ାଇ ରଖିଛନ୍ତି।

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

- ଫସଲ ବଞ୍ଚାଇବାକୁ ଚାଷୀଙ୍କ ଚେଷ୍ଟା
- ମୁକାବିଲା ପାଇଁ ପ୍ରଶାସନ, ଜନ ସାଧାରଣଙ୍କ ପ୍ରସ୍ତୁତି

ନବରଙ୍ଗପୁର ଏକ କୃଷି ବହୁଳ ଜିଲା। ଏହି ଜିଲାରେ ୮୫ ଭାଗ ଲୋକ କୃଷି ଉପରେ ନିର୍ଭରକରି ଜୀବିକା ନିର୍ବାହ କରନ୍ତି। ଅଦିନିଆ ଲଘୁଚାପ ବର୍ଷା ଅନେକ ସମୟରେ ଫସଲହାନି କରୁଥିବା ବେଳେ ଏବେ ଆସୁଛି ବାତ୍ୟା ମୋନ୍ଥା। ଏହାର ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ବାତ୍ୟା ପ୍ରଭାବରେ ପବନ ଓ ବର୍ଷାରେ ଫସଲହାନି ଆଶଙ୍କାରେ ଚାଷୀଙ୍କ ମନରେ ଅନେକ ଭୟ। ଜିଲାରେ ୬୮ ହଜାର ୯୬୦ ହେକ୍ଟର ଜମିରେ ମକା ଓ ୪ ହଜାର ହେକ୍ଟରରେ ଆଖୁ, ୯୫ ହଜାର ୬ଶହ ହେକ୍ଟରରେ ଧାନ, ୭ହଜାର ୧୦୦ ହେକ୍ଟରରେ ମାଣ୍ଡିଆ ଚାଷ ହୋଇଛି। ଏହାବ୍ୟତୀତ ଜଙ୍ଗଲ ଜମିରେ ମକାଚାଷ କଥା ଉଠେ ତେବେ ଦ୍ୱିଗୁଣିତ ହେବ। ମକା ଅମଳ ଆରମ୍ଭ ହୋଇଥିବା ବେଳେ ଧାନ ଫସଲ କରିବା ଆରମ୍ଭ କରିଛି ଚାଷୀ। ବିଭିନ୍ନ ଗଣମାଧ୍ୟମ, ସୋସିଆଲ ମିଡିଆ, ପ୍ରଶାସନିକ ସ୍ତରରେ ଆଗୁଆ ପାଣିପାଗ ସୂଚନାକୁ ଆଧାରକରି ଚାଷୀ ସଜାଗ ରହିଛି। ତଥାପି ଅନେକ ସ୍ଥାନରେ ଚାଷୀ ମକା କାଟି ବାହାରେ ରାସ୍ତାକଡ଼ରେ ଶୁଖାଇଥିବା ବେଳେ କଟାଯାଇଥିବା ଧାନଗୁଡିକ ଭରା ବାନ୍ଧି ପଲିଥିନ ଘୋଡ଼ାଇ ରଖାଯାଇଛି। ତେବେ ମୋନ୍ଥା ବାତ୍ୟା ପ୍ରଭାବରୁ ଫସଲ ରକ୍ଷା କରିବା ନେଇ ଚାଷୀ ନିଜ ଆଡ଼ୁ ସମସ୍ତ ଚେଷ୍ଟା ଜାରି ରଖିଛନ୍ତି।

ସୋମବାର ପୂର୍ବାହ୍ନରେ ହଠାତ୍ ପାଗ ବଦଳିଥିଲା। ଦିନ ପ୍ରାୟ ୧୦ଟା ବେଳେ ଝିପିଝିପି ବର୍ଷା ହୋଇଥିଲା। ବେଶ୍ କିଛି ସମୟ ପରେ ବର୍ଷା ଛାଡ଼ିଥିଲେ ମଧ୍ୟ ସେବେଠାରୁ ପାଗ କୋହଲା କରି ରଖିଛି। ବାତ୍ୟାକୁ ନଜରରେ ରଖି ସାଧାରଣ ଲୋକେ ମଧ୍ୟ ନିଜ ଆଡ଼ୁ ସମସ୍ତ ପ୍ରସ୍ତୁତିକରି ରଖିଛନ୍ତି। ସମସ୍ତେ ହାଟ ବଜାରରୁ ସଉଦା ଓ ପରିବା ଆଦି କିଣି ନେଉଥିବା ନଜରକୁ ଆସିଛି।

### ସେମାନଙ୍କ ମୁହଁରୁ...

**ଧାନ ପାଚିଯାଇଥିଲେ ମଧ ବର୍ଷା ଯୋଗୁ କାଟି ହେଉନି**



ଧାନ ସମ୍ପୂର୍ଣ୍ଣ ପାଚି ଯାଇଛି। ବାତ୍ୟା ଆସୁଥିବା ଶୁଣି କାଟି ପାରୁନାହୁଁ। ଧନ ଗଛ ପାକଳ ହୋଇ ଯାଇ ଥିବା ଯୋଗୁ ପବନ ବର୍ଷା ହେଲେ ପାଣିରେ ଢଳିବା ଆଶଙ୍କା ରହୁଛି। ତେଣୁ ଆମେ ଚିନ୍ତାରେ। **–ହରିହର ଭତରା, ଚାଷୀ, କୋଡ଼ିଙ୍ଗା**

**ବର୍ଷା ୨ ଦିନ ଲାଗି ରହିଲେ ଫସଲ ନିଶ୍ଚୟ ଖରାପ ହେବ**



ଆମେ ମକା ଅମଳ କରି ଖଳାରେ ରଖିଛୁ। ବର୍ତ୍ତମାନ ବାତ୍ୟା ଆସୁଥିବା ଶୁଣି ଜାରି, ତର୍ପଲିଂ ଘୋଡାଇ ରଖିବାକୁ ପଡୁଛି। ବର୍ଷା ଦୁଇ ଦିନ ଲାଗି ରହିଲେ ଖଳା ଓଦା ହୋଇ ଫସଲ ନିଶ୍ଚୟ ଖରାପ ହେବ। ଆମକୁ ବହୁ କ୍ଷତି ସହିବାକୁ ପଡ଼ିବ।
**–ବାବୁଲା ପାତ୍ର, ଚାଷୀ, କୋଡିଙ୍ଗା**

**ସରକାରଙ୍କ ଗାଇଡ୍‌ଲାଇନ୍ ପାଳିଲେ ସୁରକ୍ଷିତ ରହିବା**



ବାତ୍ୟା ମୋନ୍ଥା ଆସୁଛି। ଯାହା ପ୍ରଭାବରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଭୟଭୀତ ହେବା ଆବଶ୍ୟକ ନାହିଁ। ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ରାଜ୍ୟ ସରକାରଙ୍କ ଗାଇଡ ଲାଇନ ପାଳନ କଲେ ଆମେ ସୁରକ୍ଷିତ ରହିବା। ଏହାସହ ଆମେ ଆମର କର୍ତ୍ତବ୍ୟ କରିବା ଉଚିତ୍।
**–ସୁବାସ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ, ଝରିଗାଁ**

**୩ ଦିନ ସ୍କୁଲ ଛୁଟି, ଘରେ ରହି ପଢ଼ିବି**



ବର୍ତ୍ତମାନ ସମ୍ଭାବ୍ୟ ବାତ୍ୟା ମୋନ୍ଥା ପାଇଁ ୩ ଦିନ ସ୍କୁଲ ଛୁଟି। ଏହି ୩ ଦିନ ଘରେ ରହି ପାଠ ପଢିବି। କିନ୍ତୁ ଯେଉଁ ସବୁ ବିଷୟରେ ସନ୍ଦେହ ସୃଷ୍ଟି ହେବ ତାହା ଆମେ କିପରି ଭାବରେ ଦୂର କରିବୁ ସେ ଚିନ୍ତା ରହିଛି। ୩ ଦିନ ସ୍କୁଲ ବନ୍ଦ ହେଲେ ପାଠପଢ଼ାରେ ବ୍ୟାହାତ ହେବ। ଯାହା ଫଳରେ ଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ଚାପ ଗ୍ରସ୍ତ ହେବେ। ପାଠ ପଢାରେ ଚାପ ଥିଲେ ମଧ୍ୟ ଟିକେ ବିଶ୍ରାମ ପାଇ ପାରିବେ। ଯଦି ଏହି ୩ ଦିନ ଇଣ୍ଟରନେଟ୍ ଉପଲବ୍ଧ ହୁଏ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ପଢ଼ିପାରବେ।
**–ଅମ୍ବିକା ରଥ, ୧୦ମ ଶ୍ରେଣୀ ଛାତ୍ରୀ, ସରକାରୀ (ନୂତନ) ଉଚ୍ଚ ବିଦ୍ୟାଳୟ, ଡାବୁଗାଁ**

## ଭୋଜି ଖାଇ ପୂର୍ବତନ ମନ୍ତ୍ରୀ ଅସୁସ୍ଥ, ଜଣେ ମୃତ

**କୋଟପାଡ଼,୨୭।୧୦(କେ.ରାଜଶେଖରରାଓ)**

 କୋରାପୁଟ ଜିଲା କୋଟପାଡ଼ର ପୂର୍ବତନ ବିଧାୟିକା ତଥା ପୂର୍ବତନ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ସୋମବାର ପାରମ୍ପରିକ ଖାଦ୍ୟ ଆମୋଟ ଖାଇ ଅସୁସ୍ଥ ହୋଇଥିବା ବେଳେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୂର୍ବତନ ମନ୍ତ୍ରୀ ଦିଆନଙ୍କ ପରିବାରର ଜଣେ ସଦସ୍ୟ ପାର୍ବତୀ। ସୂଚନାନୁଯାୟୀ, ବିଧାୟିକାଙ୍କ ବଡ଼ ପରିବାର ହୋଇଥିବାରୁ ସୋମବାର ଘରେ ଏକ ଭୋଜିର ଆୟୋଜନ କରିଥିଲେ। ସେଥିରେ ରନ୍ଧା ଯାଇଥିବା ଆମୋଟକୁ ଖାଇ ପରିବାରର ସମସ୍ତ ସଦସ୍ୟ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପାର୍ବତୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୩ ସଦସ୍ୟ ସୁସ୍ଥ ହୋଇଥିବା ବେଳେ ପଦ୍ମିନୀଙ୍କୁ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।


କୋଟପାଡ଼ ପୂର୍ବତନ ବିଧାୟିକା ପଦ୍ମିନୀ ଦିଆନ ।

## ୧୧ରେ ମଇଦଲପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟିଂ

**ପାପଡ଼ାହାଣ୍ଡି,୨୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀଙ୍କ ବିରୋଧରେ ୧୩ ଜଣ ୱାର୍ଡ ସଭ୍ୟାସଭ୍ୟ ଗତ ୧୨ ସେପ୍ଟେମ୍ବରରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ନଭେମ୍ବର ୧୧ ତାରିଖ ମଧ୍ୟାହ୍ନ ୧୨ଟାରେ ମଇଦଲପୁର ପଞ୍ଚାୟତ କାର୍ଯ୍ୟାଳୟରେ ପାପଡ଼ାହାଣ୍ଡି ତହସିଲଦାର ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସତନ୍ତ୍ର ବୈଠକ ସହ ଅନାସ୍ଥା ପ୍ରସ୍ତାବ ଭୋଟିଂ କରାଯିବ। ଗତ ୨୨ ତାରିଖରେ ଉପଜିଲାପାଳ ପାପଡ଼ାହାଣ୍ଡି ବିଡିଓଙ୍କୁ କରିଥିବା ଚିଠିରେ ଏହି ବିଷୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ୨୨ ୱାର୍ଡକୁ ନେଇ ଗଠିତ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ଚନ୍ଦ୍ରଧ୍ୱଜ ମାଝୀ ନିର୍ବାଚିତ ହୋଇଥିଲେ। ସେ କିନ୍ତୁ ମାସିକ ବୈଠକ ଆୟବ୍ୟୟ ଉପସ୍ଥାପନ ଠିକ୍ ଭାବେ କରୁ ନଥିବା ସହ ବୈଠକ ନ ଡାକି ଅନୁମୋଦନ ହୋଇଥିବା ପ୍ରକଳ୍ପ ଅନ୍ୟ ପଞ୍ଚାୟତର ଠିକାଦାରଙ୍କୁ ଦେଉଥିବା ୱାର୍ଡ ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପାଣ୍ଠି ଅର୍ଥରେ କୌଣସି ୱାର୍ଡ କାର୍ଯ୍ୟଖସଡ଼ା କରୁନାହାନ୍ତି। ବିଭାଗୀୟ କର୍ମଚାରୀଙ୍କ ସହିତ ମିଶି ବିନା କାର୍ଯ୍ୟରେ ବିଲ୍ କରି ଟଙ୍କା ହଡ଼ପ କରୁଥିବା ୱାର୍ଡ ସଭ୍ୟାସଭ୍ୟ ଅଭିଯୋଗ କରୁଛନ୍ତି। ପଞ୍ଚାୟତର ଯେଉଁ ଚେୟାର ଟେବୁଲ, ଜଳ ଯୋଗାଣ ବିଭାଗରୁ ଆସୁଥିବା ଲୁହା ସାମଗ୍ରୀ, ପୁରୁଣା ଘର କାଠ ଓ ଟିଣ ନିଲାମ କରିବା କଥା, କିନ୍ତୁ ସରପଞ୍ଚ ନିଜେ ବିକ୍ରି କରି ଟଙ୍କା ଆତ୍ମସାତ କରିଥିବା ଉପଜିଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀ ନିଜ ପଦରୁ ଇସ୍ତଫା ଦେଇ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ଦେବାକୁ ୱାର୍ଡ ସଭ୍ୟ ଅନୁରୋଧ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଜାଣିବାକୁ ସରପଞ୍ଚ ଚନ୍ଦ୍ରଧ୍ୱଜଙ୍କ ଫୋନ୍ ୬୩୭୦୨୫୩୦୦୭ରେ ଯୋଗାଯୋଗ କରିଥିଲେ ମଧ ସେ ତାହା ଗ୍ରହଣ କରି ନ ଥିଲେ।

## ଜିଲାର ୭ ତହସିଲକୁ ନିବନ୍ଧକ ଦାୟିତ୍ୱ

**ନନ୍ଦପୁର,୨୭।୧୦(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲାର ନନ୍ଦପୁର,ବୈପାରିଗୁଡ଼ା, କୁନ୍ଦୁରା, ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର ଓ ଦଶମନ୍ତପୁର ତହସିଲକୁ ନିବନ୍ଧକ (ସବରେଜିଷ୍ଟ୍ରାର) ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ(ଏସଏଜି) କାର୍ଯ୍ୟାଳୟ ମଞ୍ଜୁରୀ ପତ୍ର ସଂଖ୍ୟା ଆରଡିଏମ–ଆରଇଜି–ଆରଇଜିଏନ ୦୦୪୮/୨୦୨୦–୩୯୬୩୧ ଆର ଆଣ୍ଡ ଡିଏମ ପ୍ରକାରେ ରେଭେନ୍ୟୁ ବୋର୍ଡ ଆଇଜିଆରପି ଅନ୍ୱେଷା ରେଙ୍ଗୀ ରାଜ୍ୟର ୪୪ ତହସିଲରେ ନୂତନ ନିବନ୍ଧକ କାର୍ଯ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୩ ଜିଲାର ଏଡିଏମ କମ୍‌ଡିଆର ଓ ସବ୍‌ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟାଳୟ ପତ୍ର ସଂଖ୍ୟା ଆଇଏକ୍ସ ୧୮/୨୦୨୫–୫୧୯୪ ଆରଇଜିଏନ ପ୍ରକାରେ ନିବନ୍ଧକ କାର୍ଯ୍ୟାଳୟ ଲାଗି ଆବଶ୍ୟକ ଭିତ୍ତିଭୂମି ଯଥା ଗୃହ, ବିଦ୍ୟୁତ୍ ସଂଯୋଗ, କର୍ମଚାରୀ ନିଯୁକ୍ତି ପାଇଁ ବ୍ୟବସ୍ଥା କରିବାକୁ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ନନ୍ଦପୁର ତହସିଲ ଓ ରେଜିଷ୍ଟ୍ରାର ଆଟ ପଟ୍ଟାଙ୍ଗି ବୋଲି କାର୍ଯ୍ୟକ୍ଷମ ଥିଲା। ୨୦୧୩ରେ ନନ୍ଦପୁରରେ ନୂତନ ତହସିଲ ପ୍ରତିଷ୍ଠା ଓ କାର୍ଯ୍ୟକ୍ଷମ ହୋଇଥିଲା। ଦେବାଳୟଗୁଡ଼ିକର ଦେବୋତ୍ତର ଦାୟିତ୍ୱ ପଟ୍ଟାଙ୍ଗି ତହସିଲ ଉପରେ ନ୍ୟସ୍ତ ଥିଲା। ଲୋକଙ୍କୁ ଜମିଜମା ପଞ୍ଜୀକରଣ ପାଇଁ ସେଠାକୁ ଯିବାକୁ ପଡୁଥିଲା।

## ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ପାଇଁ ଶରୀର ଦାନ

**ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)**

**କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସହ ପ୍ରତିଜ୍ଞା ସ୍ୱାକ୍ଷରିତ**

ନବରଙ୍ଗପୁର ଜିଲା ସଦରମହକୁମା ଗୌଡ଼ ସାହିର ଗୋପାଳ ଚନ୍ଦ୍ର ପାତ୍ର ନିଜ ଶରୀର ଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ବର୍ତ୍ତମାନ କୋରାପୁଟ ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ । ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ସେ ନିଜ ଶରୀର ଦାନ କରିବେ। ମୃତ୍ୟୁ ପରେ ତାଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୋଗୀମାନଙ୍କ ଜରୁରୀ ସମୟରେ ପ୍ରତ୍ୟାରୋପଣ କରାଯିବ। ଶରୀର ଦାନ ନିଷ୍ପତ୍ତି ନେଇ ସେ ଆଇନଜୀବୀ ଓ ନୋଟାରି ରାମପ୍ରସାଦ ପାତ୍ରଙ୍କ ନିକଟରେ ଶପଥ ପାଠ କରିବା ସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଆଇନ ଅନୁଯାୟୀ ପ୍ରତିଜ୍ଞା ପତ୍ର ପ୍ରଦାନ କରିଛନ୍ତି। ମେଡିକାଲ କଲେଜ ପକ୍ଷରୁ ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ସ୍ୱୀକାର ପତ୍ର ଦିଆଯାଇଛି। ତେବେ ଗୋପାଳଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ଓ କୌଣସି ଆପତ୍ତି ନ ଥିବା ଦର୍ଶାଇ ତାଙ୍କ ସ୍ତ୍ରୀ ପ୍ରମିଳା, ପୁଅ ବିଶ୍ୱଜିତ୍ ଓ ଝିଅ ବିଶ୍ୱଶ୍ରୀ ଶପଥ ପାଠ କରିଛନ୍ତି। ତାଙ୍କର ଏହି ମହତ ଉଦ୍ଦେଶ୍ୟକୁ ସାଧୁବାଦ ଜଣାଇ ରାଜା ଚୈତନ୍ୟ ଦେବ ହାଇସ୍କୁଲର ବନ୍ଧୁ ରବି ପ୍ରସାଦ ଶତପଥୀ, ରାମ ପ୍ରସାଦ ପାତ୍ର, ବି. ଭେଙ୍କଟ ରାଓ, ବୀରେନ୍ଦ୍ର ନାୟକ, ବାନାମ୍ବର ପଣ୍ଡା, ଚିତ୍ତରଞ୍ଜନ ବେହେରା, ରମଣୀ ରଞ୍ଜନ ତ୍ରିପାଠୀ, ତ୍ରିପତି ବାଲାଜୀ ସାହୁ, ବି. ବିଜୟ ସାରଥି, ଦେବରାଜ ମହାପାତ୍ର, ଆଇ. ଭି. ନାଗରାଜା, କେ. ଆପାଲା ରାଜୁ, ଗୋବିନ୍ଦ ଚନ୍ଦ୍ର ହଡ଼ପ, ପି. ଭାସ୍କର, ହିରୋଜ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଗୋପାଳ ଚନ୍ଦ୍ର ପାତ୍ର

## ୪୯ ଅଭିଯୋଗ ଶୁଣିଲେ, ୨ର ତୁରନ୍ତ ସମାଧାନ କଲେ

**ନବରଙ୍ଗପୁର/କୋଷାଗୁମୁଡ଼ା, ୨୭।୧୦ (ସଦାଶିବ ପ୍ରହରାଜ/ପ୍ରସାଦ ବିଷୋୟୀ)**

- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର
- ହିତାଧିକାରୀଙ୍କୁ ମିଳିଲା ସହାୟତା
- ସାଧୁତାର ଶପଥ ନେଲେ ଅଧିକାରୀ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, କୋଷାଗୁମୁଡ଼ା ବିଡିଓ ଏବଂ ତହସିଲଦାରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଉପସ୍ଥିତ ଅଧିକାରୀ ସାଧୁତାର ଶପଥ ପାଠ କରିଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୪୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୭ ବ୍ୟକ୍ତିଗତ ଓ ୨୨ ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨ଟି ସମସ୍ୟାର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ସେଭଳି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ୪ଟି ହୁଇଲ ଚେୟାର, ୩ଟି ଟ୍ରାଇ ସାଇକେଲ, ୧ଟି କହୁଣି ବୈଶାଖୀ ପ୍ରଦାନ କରାଯାଇଥିଲା।


ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନିଲମ
ପରିବାରବର୍ଗ


ଜୟଦୀପ
ପରିବାରବର୍ଗ


ଦିକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏମ୍‌ପିଡିଆଇରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ



**ଭୁବନେଶ୍ୱର,୨୭।୧୦**

ରାଞ୍ଚିରେ ସିଏମ୍‌ପିଡିଆଇ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରି ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଆରମ୍ଭ କରିଛନ୍ତି। ସଂସ୍ଥାନର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ପିଏଣ୍ଡଡ଼ି/ଆରଡିଏଣ୍ଡଟି) ଅଜୟ କୁମାର ଏବଂ ସିଏମପିଡିଆଇ ଓ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି ଶପଥ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ଅଧୀନରେ ଦେଶବ୍ୟାପୀ ସତର୍କତା ସଚେତନତା ସପ୍ତାହ ଅଭିଯାନ ଅଧୀନରେ କରାଯାଇଛି। ସତର୍କତା: ଆମର ଦାୟିତ୍ୱ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନାଗାଚାରୀ ଓ ଅନ୍ୟମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭ୍ରଷ୍ଟାଚାର ମୂଳୋତ୍ପାଟନର ପ୍ରତୀକ ଭାବେ ଭ୍ରଷ୍ଟାଚାରର ପୁତ୍ତଳିକାକୁ ଗୁଳି ମାରିଥିଲେ। ନାଗାଚାରୀ ତାଙ୍କ ମୁଖ୍ୟ ଭାଷଣରେ ସୁଶାସନ ବୃଦ୍ଧି ଓ ସାମୂହିକ ଦାୟିତ୍ୱରେ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପାର୍ବଣରେ ଦେଢ଼ କୋଟି ଲୋକଙ୍କ ରେଳଯାତ୍ରା

## ୨.୫୦ କୋଟି ଅତିକ୍ରମ କରିବା ଆକଳନ

**ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ଭାରତୀୟ ରେଳୱେ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ଟି ପ୍ରମୁଖ ଷ୍ଟେସନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସହ ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ିଛି। ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ରେଳପଥ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ଏହା ବର୍ଷକୁ ୪,୦୦୦ କି. ମି. ରୁ ଅଧିକ ହୋଇଯାଇଛି। ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ପାଇଁ ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଛଟ୍ ପୂଜା ଚାଲିଥିବା ବେଳେ ସର୍ବାଧିକ ଯାତାୟାତ ସମୟର ପରିଚାଳନା ପାଇଁ ରେଳପଥ ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିଛି। ବିହାରର ଷ୍ଟେସନଗୁଡ଼ିକୁ ଯାତ୍ରୀଙ୍କ ସୁବିଧାକୁ ବଢ଼ାଇବା ପାଇଁ ହୋଲଡିଂ କ୍ଷେତ୍ର, ଅତିରିକ୍ତ ଟିକେଟ କାଉଣ୍ଟର, ସିସିଟିଭି ମନିଟରିଂ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଉତ୍ସବ ଭିଡ଼ ପରିଚାଳନା ପାଇଁ ପ୍ରସ୍ତୁତ କରାଯାଇଛି । ପାଟନା ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ କ୍ଷେତ୍ର ସ୍ଥାପନ କରାଯାଇଛି। ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହାସହ ଦାନାପୁର ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରାଯାଇଛି। ଭାରତୀୟ ରେଳୱେ ଛଟ୍ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେଶନରେ, ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି। ପାଟନାର ରାଜେନ୍ଦ୍ର ନଗର ଟର୍ମିନାଲ ରେଳ ଷ୍ଟେଶନ, ବିହାରର ଜମାଲପୁର ରେଳ ଷ୍ଟେଶନ ସହ ଅନ୍ୟାନ୍ୟ ଷ୍ଟେଶନରେ ଛଟ୍ ପର୍ବ ସମୟରେ ଏକ ନିରାପଦ, ଆରାମଦାୟକ ଏବଂ ସୁଖଦ ଯାତ୍ରା ସୁନିଶ୍ଚିତ କରାଯାଇଛି। ଏହାସହ ନୂଆଦିଲ୍ଲୀ ଏବଂ ପାଟନା ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଥିବାବେଳେ ସାରା ଭାରତରେ ବର୍ତ୍ତମାନ ୧୫୬ଟି ବନ୍ଦେ ଭାରତ ଏକ୍ସପ୍ରେସ ସେବା ଚାଲୁ ରହିଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ହିନ୍ଦୀ ଦିବସ ପାଳିତ

**ଭୁବନେଶ୍ୱର,୨୭।୧୦**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରମୁଖ ଦିଲ୍ଲୀପ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଜନସାଧାରଣ ହିନ୍ଦୀ ଭାଷା ବୁଝନ୍ତି, ତେଣୁ ବ୍ୟବସାୟିକ ଆବଶ୍ୟକତା ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉଚିତ ବୋଲି ଅଞ୍ଚଳ ପ୍ରମୁଖ ରାଉଳ କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଭାତୀ

**ଭୁବନେଶ୍ୱର,୨୭।୧୦**


ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି । ମୁମ୍ବାଇର ପ୍ରଦର୍ଶନୀ କେନ୍ଦ୍ରଠାରେ ଆୟୋଜିତ ଇଣ୍ଡିଆନ୍ ମାରିଟାଇମ ୱିକ୍-୨୦୨୫ କାର୍ଯ୍ୟକ୍ରମରେ ସେ ମଙ୍ଗଳବାର ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ଭୂମିକା ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେବେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



ଜନ୍ମଦିନ ଶୁଭେଚ୍ଛା



ନୀଲମ ବନ୍‌ଛୋର
ଲଇଡ଼ାଗୁଣା,କୁଚିଣ୍ଡା, ସମ୍ବଲପୁର
ଆଜି ତା୨୮।୧୦।୨୦୨୫ ରିଖରେ ତୋର ୭ମ ଜନ୍ମଦିନ । ଭଗବାନ ଶ୍ରୀକୃଷ୍ଣ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦେଇ ଆଶୀର୍ବାଦ କରନ୍ତୁ, ଏତିକି ହିଁ ତାଙ୍କ ନିକଟରେ ଆମର ପ୍ରାର୍ଥନା।
ମାଆ,ବାପା, ଆଈ,ଅଜା, ବଡମା,ବଡ଼ବାପା,ଭାଇ, ମାମୁ,ମାଉସୀ ଓ ପରିବାରବର୍ଗ।
ଧ-୨୪୦୦



Birthday Blessings



Jaydeep Pati
(Shree)
We wish you a Happy Birthday On this auspicious day we pray before Mahaprabhu Sri Jagannath to bless you with good health and bright
Best Wishes From
Subhasis Pati & Gitanjali Mohapatra
ଧ-୨୪୦୨


# ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ ଉପରେ ଗୁରୁତ୍ୱ




## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ଭୁବନେଶ୍ୱର,୨୭।୧୦**

ଭାରତ ସରକାରର ଆୟୁଷ ମନ୍ତ୍ରଣାଳୟ, ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆରସିଏସସିଏନ୍-୧ ଏବଂ ନାବାର୍ଡ ସହଯୋଗରେ 'ସ୍ୱାସ୍ଥ୍ୟ ଧରା' ଯୋଜନା ଅଧୀନରେ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ' ଉପରେ ଏକ କର୍ମଶାଳା ଆରମ୍ଭ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ମାଟି ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡାକ୍ଟର' (ଡିକେଡି) ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡର ଅଧ୍ୟକ୍ଷ ଶାଜି କେ.ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସ୍ଥାୟୀ କୃଷି ଓ ଗ୍ରାମ୍ୟ ବିକାଶ ପାଇଁ କୃଷକ, ଛୋଟ ଉଦ୍ୟୋଗ, କୁକୁଡ଼ା, ପଶୁପାଳନ ଓ ଗ୍ରାମ୍ୟ ଶିଳ୍ପକୁ ଋଣ ପ୍ରଦାନ କରିବା ନାବାର୍ଡର ଲକ୍ଷ୍ୟ ବୋଲି ଶାଜି କହିଥିଲେ। ଗ୍ରାମ୍ୟ ବିକାଶରେ ନିବେଶ ବଢ଼ାଇ ସମାବେଶୀ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେ ପତଞ୍ଜଳିର ଯୋଜନା ଉଲ୍ଲେଖ କରି କହିଛନ୍ତି, କୃଷକ ଆୟ ବୃଦ୍ଧି, ଜୈବିକ ଚାଷ ଓ ପ୍ରାକୃତିକ ପଦ୍ଧତି ଉପରେ ଧ୍ୟାନ ଦେବା ଦ୍ୱାରା ୨୦୨୭ ସୁଦ୍ଧା କୃଷିସମୃଦ୍ଧ ଭାରତ ସାଧନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ. କେ.ଏନ୍. ଶର୍ମା , ପ୍ରଫେସର ବି.ଆର୍. କାମ୍ବୋଜ, ଡ. ଜେ.ଏନ୍. ରୈନା, ଡ. ଜି.ପି. ରାଓ ଓ ଡ. ପ୍ରଦୀପ ଶର୍ମା ସ୍ୱାସ୍ଥ୍ୟକର ମାଟି, ଭଲ ଫସଲ ଓ ପରିଚାଳନା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଷ୍ଟର୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୭।୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍ଏସ୍ଏମ୍ଇ ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟୱର୍କିଂ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଏମ୍ଏସ୍ଏମଇ, ବେତନଭୋଗୀ ବ୍ୟକ୍ତି ଏବଂ ବୃତ୍ତିଗତମାନଙ୍କ ପାଇଁ ପିଏନ୍‌ବିର ଉପଯୁକ୍ତ ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶୀଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ସେବା ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ବ୍ୟାଙ୍କ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍ଏସ୍ଏମ୍ଇ ଓ କୃଷି ବିଭାଗଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ସୁଜିତ କୁମାର ନେଗି କହିଥିଲେ।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05



FOR RENT

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

## AFFIDAVIT

I, Manaranjan Sahu, S/o.- Haripad Sahu, Resident of Vill.-Srikrushnapur, P.O.-Januganj, P.S.- Industrial, Dist.- Balasore, PIN- 756019, Odisha declare by this Affidavit No. 2454, Vol.- XX, Dated- 25.09.2025, that now onwards I shall be known as **MANORANJAN SAHOO** for all future purposes. D-2403

ମୁଁ, କବିତା ପଣ୍ଡା, ସ୍ୱାମୀ- ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ୧୪।୦୮।୨୦୨୪ ତାରିଖରେ ଶପଥ ଗ୍ରହଣ କରିଥିବା ଏକ ସତ୍ୟପାଠ (ସିଏଫ୍ ନମ୍ବର.୬୭) ଅନୁସାରେ ମୋର ଅପ୍‌ଡେଟ୍ ନୂତନ ଠିକଣା: ଟାଇପ୍- II- ୧୬/୩, ୟୁନିଟ୍- ୨, ମାତୃମଙ୍ଗଳ କେନ୍ଦ୍ର, ପୋଷ୍ଟ- ଅଶୋକନଗର, ପିଏସ୍- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୯ ଘୋଷଣା କରୁଅଛିକି ଯେ ମୁଁ ମୋର ନାମ କବିତା ମହାରଣାରୁ କବିତା ପଣ୍ଡାକୁ ପରିବର୍ତ୍ତନ କରିଅଛି। ତେଣୁକରି, ବର୍ତ୍ତମାନଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ କବିତା ପଣ୍ଡା (ନୂତନ ନାମ) ଭାବରେ ପରିଚିତ ହେବି। ଧ-୭୬୮୬୬

I, Susrut Mishra, S/o.- Sarat Chandra Misra born on 11.11.1979, Residing At- 03, Sampurna Platina, Kuha, Sundarpada, Bhubaneswar, have changed my name to Susrut Mishrra vide affidavit dated- 24.10.2025 at Bhubaneswar. Hereafter, I shall be known as Susrut Mishrra. D-2397

By virtue of an affidavit sworn before Notary Public, Jajpur Road, dated- 24.02.2023, I, Tadala Giridhar Rao(T. Giridhar Rao), aged 44 years, Permanent address H. No- 4/B, Street No.- 08, Sector- 04, Bhilai 1, Dist.- Durg, Chhatisgarh at present, Kanheipur, Jajpur Road, Jajpur, Odisha 755019 do hereby declare that my daughter T SAI PRAGNA (T SAI PRAGNA) & TADALA SAI PRAGNA is one and same person. D-2399

By virtue of an affidavit sworn before Executive Magistrate, Erasama, 27th.10.2025, I, Tulasi Nayak, address Vill.- Guamunda, P.O.- Bhitarandhari, P.S.- Erasama, Dist.- Jagatsinghpur, Odisha, PIN- 754139 declare that I change my daughter's name Coel Nayak to Koyel Nayak. Henceforth, she shall be utilized for all purposes.
Tulasi Nayak
D-2396

By virtue of an affidavit No.- 79AA319398, dtd.- 27.10.2025 sworn before Executive Magistrate, Bhubaneswar, I, Pravasini Pradhan, W/o.- Manoja Kumar Beura, At/P.O./ P.S.- Mancheswar, Bhubaneswar- 17 declare that my name will be correction in school records of my son Tanuj Kumar Beura, of the Pricipal of PM Shri Kendriya Vidyalaya No.3, Bhubaneswar.
D-2395

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣ ସମସ୍ତ ବନ୍ଧନ ତୁଟାଇ ଆଜି ଦିନରେ ସ୍ୱର୍ଗାରୋହଣ କରିଥିଲେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୪୦୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର,୨୭।୧୦**

ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଡ. ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା ଯୋଗଦେଇ ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଏହାକୁ ଭଲରେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ. ସରୋଜ କୁମାର ସାହୁ କହିଲେ, ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ମନୀଦ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ କୁମାର ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଳ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।

# ଗୃହଲକ୍ଷ୍ମୀରୁ ଧନଲକ୍ଷ୍ମୀ...

**ଅଧିକାଂଶ ମହିଳା ଭଲ ରୋଜଗାର କରିବା ସତ୍ତ୍ୱେ ତାଙ୍କର ଫାଇନାନ୍ସ ଉପରେ ଏତେଟା ଜ୍ଞାନ ନ ଥାଏ। ପ୍ରକୃତରେ ଏହାର କାରଣ କ'ଣ ହୋଇପାରେ? ବିଶ୍ୱର ଅନେକ ବିଶେଷଜ୍ଞଙ୍କ ମତରେ ଧନୀ ତାଲିକାରେ ପ୍ରାୟତଃ ମହିଳାଙ୍କ ନାମ ଆସେନାହିଁ। ଏହି ବିଷୟ ଉପରେ ମନୋବିଜ୍ଞାନୀ, କର୍ପୋରେଟ୍ କୋଚ୍, ମୋଟିଭେଶନାଲ ସ୍ପିକର ଏବଂ ବେଷ୍ଟ ସେଲିଂ ରାଇଟରଙ୍କ ସୂଚୀରେ ଥିବା ଡ. ଲୋଇସ୍ ପି. ଫ୍ରାଙ୍କେଲ ନିଜର ପୁସ୍ତକ 'ନାଇସ୍ ଗର୍ଲସ ଡୁ ନଟ୍ ଗେଟ୍ ରିଚ୍'ରେ ଏହା ଉଲ୍ଲେଖ କରିଛନ୍ତି। ଯଦି ଆପଣ ଜଣେ ଗୃହଲକ୍ଷ୍ମୀ ସାଙ୍ଗକୁ ଧନଲକ୍ଷ୍ମୀ ହେବାକୁ ଚାହାନ୍ତି ତେବେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କିଛି ବିଶେଷ କଥାକୁ ଧ୍ୟାନରେ ରଖନ୍ତୁ...**





ଫାଇନାନ୍ସର ବିତ୍ତୀୟ ଶିକ୍ଷା କମ୍ କାରଣରୁ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତିରେ ବାଧା ଉପୁଜୁଛି। ସେ ଆପଣ କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ବିତ୍ତୀୟ ପ୍ରଶିକ୍ଷଣ ବି ନେବା ନିହାତି ଜରୁରୀ। ତାଙ୍କୁ ଘରର ସବୁ ଦାୟିତ୍ୱ ପୂରା କରିବାରେ ସକ୍ଷମ ହେବାର ପୂରା ମଉକା ମିଳିବା ଆବଶ୍ୟକ। ସେ ପରିବାରର ସବୁ ଫାଇନାନ୍ସିଆଲ୍ ନିଷ୍ପତ୍ତି ନେବା ଆବଶ୍ୟକ। ଫଳରେ ସମୟ ପଡ଼ିଲେ ପିଲାଙ୍କ ପାଠପଢ଼ା, ବିବାହ, ଘର କିଣିବା କିମ୍ବା ଘର ନିର୍ମାଣ କରିବା ଭଳି କାମରେ ଦାୟିତ୍ୱ ନେଇପାରିବେ। ଯେଉଁ ବିତ୍ତୀୟ ମାମଲା ମହିଳାମାନେ ବୁଝନ୍ତିନି, ଏହାକୁ ସେ କୌଣସି ଅନୁଭବୀ ଜାଣିଥିବା ବ୍ୟକ୍ତିଙ୍କଠାରୁ ଶିଖିପାରିବେ।

**ନିବେଶ ଆରମ୍ଭ କରନ୍ତୁ**

ଯଦିଓ ଆପଣ କର୍ମଜୀବୀ ନ ହୋଇ ଗୃହିଣୀ, ତେବେ ନିହାତି ଜାଣିବା ଆବଶ୍ୟକ ଯେ ଆପଣଙ୍କ ପରିବାରର ଆୟ କେତେ। ଏହା ସହ ପରିବାରର ଇନ୍ସ୍ୟୁରାନ୍ସ କଭରେଜ୍, ବ୍ୟାଙ୍କିଙ୍ଗ୍, ଅଚଳ ସମ୍ପତ୍ତି ଆଦିର ହିସାବ ରଖିବା ଆବଶ୍ୟକ। ଅଧିକ ସମୟ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ। ଫିକ୍ସ ଡିପୋଜିଟ୍, ଆର୍‌ଡି ଆଦିରେ ନିବେଶ କରି ଏକ ଏମର୍ଜେନ୍ସି ଫଣ୍ଡ ବି ପ୍ରସ୍ତୁତ କରନ୍ତୁ। ନିଜର ପର୍ଯ୍ୟାପ୍ତ ହେଲ୍‌ଥ କଭର ନିହାତି ନିଅନ୍ତୁ। ନିବେଶ ଆରମ୍ଭ କରିବା ଲାଗି ଠିକ୍ ସମୟକୁ ଅପେକ୍ଷା କରନ୍ତୁ ନାହିଁ। ଯାହା କରିବା କଥା ତୁରନ୍ତ ଆରମ୍ଭ କରନ୍ତୁ ଏବଂ ଚକ୍ରବୃଦ୍ଧି ସୁଧର ଲାଭ ଉଠାନ୍ତୁ। କୌଣସି ନିବେଶ ପ୍ଲାଟ୍‌ଫର୍ମରେ ଜଡ଼ିତ ରୁହନ୍ତୁ।

**ସଞ୍ଚୟ ସହ ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ**

ସମୃଦ୍ଧ ହେବାକୁ ହେଲେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଇମୋସନାଲ୍ ହୋଇ କେବେ ଟଙ୍କା ଅଧିକ ଖର୍ଚ୍ଚ ନ କରିବା ଆବଶ୍ୟକ। ସଞ୍ଚୟ କ୍ଷେତ୍ରରେ ବହୁତ ଅନୁସାଶିତ ହେବା ଆବଶ୍ୟକ। ଟଙ୍କା ହାତକୁ ଆସିଲେ ପ୍ରଥମେ ସେଭିଂ ଟଙ୍କା ଅଲଗା କାଢ଼ି ରଖିବା ବେଳେ ବାକି ଟଙ୍କା ଖର୍ଚ୍ଚ କରିପାରିବେ। ଆପଣ କେତେ ଟଙ୍କା ସେଭିଂ କରୁଛନ୍ତି ଏହା ଆପଣଙ୍କ ଇନ୍‌କମ୍‌ରୁ ଅଧିକ ସେଭିଂର ଅଭ୍ୟାସ ନିର୍ଭର କରିଥାଏ। ଫାଇନାନ୍ସକୁ ମ୍ୟାନେଜ୍ କରିବାକୁ ହେଲେ ନିଜର ଫାଇନାନ୍ସିଆଲ ଗୋଲ୍ ପ୍ରସ୍ତୁତ କରିବା ନିହାତି ଜରୁରୀ। ନିଜ ଟଙ୍କାକୁ ଅର୍ଥ କମାଇବାରେ ଲଗାନ୍ତୁ। ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ଘରୋଇ ଉପକରଣ କିମ୍ବା ଗ୍ୟାଜେଟ୍ସ ଆଦି କିଣିବାରେ ଅର୍ଥରେ ନିୟନ୍ତ୍ରଣ ରଖନ୍ତୁ।

**ଇନ୍ସ୍ୟୁରାନ୍ସ କଭର ନିହାତି ନିଅନ୍ତୁ**

ମହିଳା ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ କିମ୍ବା ତାଙ୍କର ନିଜସ୍ୱ କିଛି ବିଜ୍‌ନେସ୍ ବି ଥିଲେ, ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ତାଙ୍କ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ତାଙ୍କୁ ମେଡିକାଲ ଏମର୍ଜେନ୍ସି ସମୟରେ ଟଙ୍କାର ସମସ୍ୟା ଦେଖା ଦେଇ ନ ପାରେ। ଏହା ବ୍ୟତୀତ ତାଙ୍କୁ ଗ୍ୟାରେଣ୍ଟେଡ୍ ରିଟର୍ନ ପ୍ଲାନ୍‌ରେ ନିବେଶ କରିବା ଆବଶ୍ୟକ, ଯାହା ଫିକ୍ସ ରିଟର୍ନ ଦେଇଥାଏ।

**ରିଟାୟାରମେଣ୍ଟର ପ୍ଲାନିଂ କରନ୍ତୁ**

ମହିଳାଙ୍କୁ ରିଟାୟାରମେଣ୍ଟ ଭଳି ଲମ୍ବା ଅବଧି ବିଶିଷ୍ଟ ଲକ୍ଷ୍ୟ ପୂରଣ ଲାଗି ଯୋଜନା କରିବା ଆବଶ୍ୟକ। ଜଲ୍‌ଦି ନିବେଶ ଆରମ୍ଭ କରି ରିଟାୟାରମେଣ୍ଟ ଫଣ୍ଡରେ ନିୟମିତ ନିବେଶ କରନ୍ତୁ। ଏହା ବି ଧ୍ୟାନ ରଖନ୍ତୁ ମହଙ୍ଗା ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାକୁ ଟଙ୍କା କେଉଁଠୁ ଆସିବ? ଏହି ଦୁଇଟି ଜିନିଷକୁ ପ୍ରାଥମିକତା ଦେଇ ମହିଳାମାନେ ରିଟାୟାରମେଣ୍ଟ ପରେ ଭଲ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିପାରିବେ।

**ଠିକ୍ ପ୍ଲାନିଂ କରନ୍ତୁ**

ବିତ୍ତୀୟ ପ୍ଲାନ୍‌କୁ ସଫଳ କରିବାକୁ ହେଲେ ପ୍ଲାନିଂ ଏବଂ ଚିନ୍ତନ ବହୁତ ଜରୁରୀ। ଏଥିପାଇଁ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜରୁରୀ ହେଉଛି ପ୍ରତ୍ୟେକ ଦିନ ଛୋଟ ଲକ୍ଷ୍ୟ ନିଶ୍ଚିତ ସାଧନ କରନ୍ତୁ।

## ଏମାନେ କ'ଣ କରନ୍ତି

### ହେଲ୍‌ଥ ପ୍ଲାନ୍ ନେଇଛି



ଜୀବନରେ କିଛି କହିହେବନି କେତେବେଳେ କ'ଣ ଘଟିଯିବ। ଏଥିପାଇଁ ମୁଁ ଗୋଟିଏ ହେଲ୍‌ଥ ପ୍ଲାନ୍ ନେଇଛି, ଯାହା ମୋତେ ସ୍ୱାସ୍ଥ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଏହା ବ୍ୟତୀତ କିଛି ଟଙ୍କା ଫିକ୍ସ ଡିପୋଜିଟ୍ କରିଛି ଯାହା ଆମ ଘରର କୌଣସି ଫାଇନାନ୍ସିଆଲ ପରିସ୍ଥିତିରେ ନିଶ୍ଚିତ ସାହାଯ୍ୟ କରିବ।

*–**ରୀତା ମିଶ୍ର**, ଗୃହିଣୀ, କଟକ*

### ସଞ୍ଚୟର ନିହାତି ଆବଶ୍ୟକତା ରହିଛି



ଆଜିର ସମୟରେ ସଞ୍ଚୟ ନିହାତି ଆବଶ୍ୟକ। କାରଣ ଟଙ୍କା ଖାଲି ଘରେ ରଖିଦେଲେ ହେବନି। କାରଣ ଟଙ୍କା ହାତରେ ରହିଲେ ଖର୍ଚ୍ଚ ହୋଇଯାଏ। ଏହାକୁ ବ୍ୟାଙ୍କରେ ମ୍ୟୁଚୁଆଲ ଫଣ୍ଡରେ କିମ୍ବା ଅନ୍ୟ କୌଣସି ଥିରେ ନିବେଶକରିବା ନିହାତି ଆବଶ୍ୟକ। ମୁଁ ଟଙ୍କା ଠିକ୍ ସ୍ଥାନରେ ନିବେଶ କରୁଛି, ଯାହାର ଫଳ ସ୍ୱରୂପ ମୋତେ କିଛିଟା ଫାଇନାନ୍ସିଆଲ୍ ସପୋର୍ଟ ମିଳିବ ମୋର ରିଟାୟରମେଣ୍ଟ ପରେ।

*–**ସଂଘମିତ୍ରା ମହାନ୍ତି**, କ୍ଲିନିକାଲ ସାଇକୋଲୋଜିଷ୍ଟ, କଟକ*







# ଲେଖାଲେଖିରୁ ଆତ୍ମତୃପ୍ତି ମିଳିଛି



**ଇଏ ବି ଜଣେ ନାରୀ**

**ସୁକାନ୍ତି ପ୍ରଧାନ**

ପରିଣତ ବୟସରେ ପହଞ୍ଚିଥିଲେ ବି ସାରସ୍ୱତ ସାଧନା ଏବେ ମଧ୍ୟ ଜାରି ରଖିଛନ୍ତି। ସମୟ ମିଳିଲେ ମନର ପରିଭାଷାକୁ ସେ ଗପ କିମ୍ବା କବିତା ମାଧ୍ୟମରେ ପରିପ୍ରକାଶ କରିବାକୁ ବସିପଡ଼ନ୍ତି। ଆଉ ଏଥିରୁ ତାଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଲେଖାଲେଖି ସହ ଜଡ଼ିତ ଏହି ମହିଳା ଜଣକ ହେଉଛନ୍ତି ସୁକାନ୍ତି ପ୍ରଧାନ। ଶିକ୍ଷାଗତ ଯୋଗ୍ୟତା ମାତ୍ର ମାଇନର ପାସ୍। ହେଲେ ପିଲାଟି ଦିନରୁ ଲେଖାଲେଖି ପ୍ରତି ତାଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡ଼ିତ। ନିଜର ସାରସ୍ୱତ ଜୀବନ ବିଷୟରେ ଭୁବନେଶ୍ୱରରେ ରହୁଥିବା ସୁକାନ୍ତି କହନ୍ତି, ''ମୋତେ ଏବେ ୭୬ବର୍ଷ ବୟସ ହେଲାଣି। ହେଲେ ପିଲାଟି ଦିନରୁ ମୋ ମନରେ ଜାଗ୍ରତ ହୋଇଥିବା ଲେଖାଲେଖିର ନିଶା ଏ ପର୍ଯ୍ୟନ୍ତ ଉତୁରି ନାହିଁ। ଏ ବୟସରେ ଗପ କିମ୍ବା କବିତାଟିଏ ନ ଲେଖିଲେ ମୋତେ ଯେମିତି ସବୁ କିଛି ଅଧା ଅଧା ଲାଗିଥାଏ। ଏଥିରୁ ମୋତେ କେତେ ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଜନ୍ମସ୍ଥାନ ଦିଗପହଣ୍ଡିରେ ପାଠପଢ଼ା ବେଳେ ଏକଦା ମୋ ମନରେ ଗପ, କବିତା ଲେଖିବାକୁ ଆଗ୍ରହ ପ୍ରକାଶ ପାଇଲା। ନିଜ ମନର ପରିଭାଷାକୁ ଏଥିରେ ପ୍ରକାଶ କରିବା ଏବଂ ସେଗୁଡ଼ିକ ପାଠକାଦୃତ ହେବା ମୋ ଲେଖାଲେଖି ନିଶାକୁ ଆହୁରି ବଢ଼ାଇ ଦେଇଥିଲା। ଏବେ ଯେଉଁ ଗପ, କବିତା ଲେଖୁଛି ସେଥିରେ ସାମ୍ପ୍ରତିକ ଘଟଣାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'' ଲେଖାଲେଖି ପାଇଁ ସୁକାନ୍ତି ସାଉଁଟିଛନ୍ତି ଅନେକ ପୁରସ୍କାର ଆଉ ପ୍ରଶଂସା।

# ଚମକିବ ଠାକୁରଘର

ଲୋକମାନେ ନିଜ ଘରର ସବୁ କୋଣ ଅନୁକୋଣ ସଫା କରିବାରେ ଲାଗିଯାନ୍ତି। ହେଲେ ଏହି ସଫାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗ ହେଉଛି ପୂଜାଘର। କାହିଁକି ନା ଏହାକୁ ଘରର ସବୁଠାରୁ ପବିତ୍ର ସ୍ଥାନ ବୋଲି ମାନିଥାନ୍ତି। ପୂଜା ଘରର ଭଗବାନ୍‌ଙ୍କ ମୂର୍ତ୍ତିକୁ ନିୟମିତ ସଫା ରଖିବା ବହୁ ଜରୁରୀ। ଅଲଗା ଅଲଗା ଧାତୁ ଏବଂ ପଥରର ମୂର୍ତ୍ତିକୁ ସଫା କରିବା ଲାଗି ଉପାୟ ଅଲଗା ହୋଇଥାଏ। ଆସନ୍ତୁ, ଜାଣିବା ମୂର୍ତ୍ତିଗୁଡ଼ିକୁ କିପରି ଚମକାଇବେ ସେ ନେଇ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରନ୍ତି।

★ପିତ୍ତଳ ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହା ଧୀରେ ଧୀରେ ନିଜର ଚମକ ହରାଇବସେ। ଏହାକୁ ସଫା କରିବାକୁ ହେଲେ ଲେମ୍ବୁ ଏବଂ ଲୁଣର ମିଶ୍ରଣ ସବୁଠାରୁ ପ୍ରଭାବୀ ଉପାୟ। ଲେମ୍ବୁରସରେ ଅଳ୍ପ ଲୁଣ ମିଶାଇ ମୂର୍ତ୍ତି ଉପରେ ହାଲୁକା ହାତରେ ରଗଡ଼ିବା ପରେ ନଖ ଉଷୁମ ପାଣିରେ ଧୋଇ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ। ଏହାଦ୍ୱାରା ମୂର୍ତ୍ତି ସଫା ଏବଂ ଚମକଦାର ଦେଖାଯିବ। ବେକିଂ ସୋଡ଼ା ଏବଂ ସିର୍‌କା ଘୋଳ ଦ୍ୱାରା ପିତ୍ତଳ ମୂର୍ତ୍ତି ସଫା କରାଯାଇପାରିବ। ଏଥିପାଇଁ ବେକିଂ ସୋଡ଼ା ଏବଂ ସିର୍‌କାର ଘୋଳ କିଛି ସମୟ ମୂର୍ତ୍ତି ଉପରେ ଲଗାଇ ଛାଡ଼ିଦିଅନ୍ତୁ। ପୁଣି ଏହାକୁ ଧୋଇଦିଅନ୍ତୁ, ଫଳରେ ମୂର୍ତ୍ତି ନୂଆ ପରି ଦେଖାଯିବ।

★ମାର୍ବଲ କିମ୍ବା ଶଙ୍ଖମର୍ମର ମୂର୍ତ୍ତି ବହୁ କୋମଳ ହୋଇଥାଏ। ଏହାକୁ ସଫା କରିବା ସମୟରେ କୌଣସି କେମିକାଲ ବ୍ୟବହାର କରନ୍ତୁ ନାହିଁ। ନଖ ଉଷୁମପାଣିରେ ଅଳ୍ପ ଡିସ୍‌ୱାଶ୍ ପକାଇ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ନରମ କପଡ଼ା ସାହାଯ୍ୟରେ ହାତରେ ମୂର୍ତ୍ତିକୁ ପୋଛନ୍ତୁ। ଏହାପରେ ସଫା ପାଣିରେ ମୂର୍ତ୍ତିକୁ ପୋଛି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ। ଧ୍ୟାନ ରଖନ୍ତୁ ଯେ ଏଥିରେ କେବେହେଲେ ଟାଣୁଆ ଜିନିଷ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ।

★ରୁପାର କୌଣସି ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହାକୁ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟ ସବୁଠାରୁ ସହଜ ଉପାୟ। ଏକ ମୁଲାୟମ ବ୍ରଶ୍ ଉପରେ ଅଳ୍ପ ଟୁଥ୍‌ପେଷ୍ଟ ନେଇ ମୂର୍ତ୍ତିକୁ ଧୀରେ ଧୀରେ ରଗଡ଼ନ୍ତୁ। ଏହାକୁ ପୁଣି ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଯଦି ମୂର୍ତ୍ତି ଅଧିକ କଳା ପଡ଼ିଯାଇଛି ତେବେ ବେକିଂ ସୋଡ଼ା ଏବଂ ପାଣିର ମିଶ୍ରଣ ନେଇ ତାକୁ ଭଲଭାବେ ରଗଡ଼ନ୍ତୁ। ଏହାଦ୍ୱାରା ମୂର୍ତ୍ତିଗୁଡ଼ିକ ଚମକିବ।



★କାଚ ଏବଂ କ୍ରିଷ୍ଟାଲ ମୂର୍ତ୍ତି ସଫା କରିବା ବହୁ କଷ୍ଟକର ହୋଇଥାଏ। ଏହାକୁ କେବଳ ଓଦା କପଡ଼ା ଦ୍ୱାରା ପୋଛନ୍ତୁ। ପୁଣି ସଫା କପଡ଼ା ଦ୍ୱାରା ଶୁଖାଇ ଦିଅନ୍ତୁ। ଆପଣ ଚାହିଁଲେ ଓଦା ଟିସୁ ପେପରର ସହାୟତା ନେଇପାରନ୍ତି।

**ଫ୍ୟାଶନ**

# ଟ୍ରେଣ୍ଡି କଲେକ୍‌ଶନ



**ବାର୍ଥ ଡେ ହେଉ କି କୌଣସି ମ୍ୟାରେଜ୍ ଫଙ୍କସନ ଆପଣ ଏମିତି କିଛି ଆଉଟ୍‌ଫିଟ୍ ପରିଧାନ କରନ୍ତୁ ଯେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏପରି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦେଉଛୁ ଯାହା ଆପଣଙ୍କୁ ବହୁ ଆକର୍ଷଣୀୟ କରିପାରେ......**

❖ବର୍ତ୍ତମାନ ଟ୍ରେଣ୍ଡରେ ସରାରା ଡ୍ରେସେସ୍ ଟ୍ରେଣ୍ଡ ଚାଲିଛି। ଏହି ଡ୍ରେସ୍ ୮୦ଦଶକରେ ପଞ୍ଜାବ ଏବଂ ଉତ୍ତର ଭାରତରେ ଲୋକପ୍ରିୟ ଥିଲା। ଏବେ ଏହା ଫ୍ୟାଶନରେ ରହିଛି। ଏହାର ଆକର୍ଷଣୀୟ ଡିଜାଇନ ଏବଂ ରଙ୍ଗ ମହିଳାଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇ ରହିଛି।

❖ବର୍ତ୍ତମାନ ମହିଳାମାନଙ୍କର ଅନାରକଲୀ ଡ୍ରେସ୍‌ର ପ୍ରଚଳନ ଜୋର୍‌ରେ ଚାଲିଛି। ଏହା ଏକ ପାରମ୍ପରିକ ଲୁକ୍ ଏବଂ ମହିଳାଙ୍କୁ ଏଥିପାଇଁ ବହୁ ପସନ୍ଦ ଆସିଥାଏ ଯେ ଏହାକୁ କୌଣସି ଅକେଜନ୍ ପାଇଁ ବହୁତ ଭଲ ମାନିଥାଏ।

❖ଏବେ ରେଡିମେଡ୍ ଶାଢ଼ିର ବହୁତ ଚାହିଦା ରହିଛି। ଏହା ପିନ୍ଧିବା ଲାଗି ବହୁତ ସହଜ ହୋଇଥାଏ। ଫଳରେ ଏହାକୁ ପିନ୍ଧିଲେ କୌଣସି ଅସୁବିଧା ହୁଏନାହିଁ। ଏହା ସାଧାରଣ ଶାଢ଼ିଠାରୁ ଟିକେ ଅଲଗା। ଏହାର ଓଜନ ହାଲ୍‌କା ହୋଇଥିବା ବେଳେ କୌଣସି ପାର୍ଟି ଅବସର ପାଇଁ ଏକ୍‌ଦମ୍ ଫିଟ୍।

❖କୌଣସି ବି ଅକେଜନ୍‌ରେ ଲଙ୍ଗ୍ ଗାଉନ୍ ପିନ୍ଧିବା ଏବଂ ସମ୍ଭାଳିବା ବହୁ ଆରାମଦାୟକ ହୋଇଥାଏ। କେତେକେ ଏହାକୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହି ଡ୍ରେସ୍ ସବୁବେଳେ ମହିଳାଙ୍କ ପସନ୍ଦ ଲିଷ୍ଟରେ ରହିଛି।



**ଖାଦ୍ୟରୁଚି**

# ସ୍ପେଶାଲ ପେଡ଼ା

**ଆବଶ୍ୟକ ସାମଗ୍ରୀ:** ୧ଲିଟର କ୍ଷୀର, ଅଧା କପ୍ ଚିନି, ୧ ଚାମଚ ଇଲାଇଚ୍ ପାଉଡ଼ର, ୩/୪ ଚାମଚ ମିଲ୍କ ପାଉଡ଼ର, ୧–୨ ବୁନ୍ଦା ହଳଦିଆ ରଙ୍ଗ, ଆବଶ୍ୟକତା ଅନୁସାରେ ଖୁଆ ଗାର୍ନିସିଂ ପାଇଁ ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଅନ୍ କରନ୍ତୁ। ଏବେ ସେଥିରେ କ୍ଷୀର ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ କ୍ଷୀରକୁ ଗାଢ଼ା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ବର୍ତ୍ତମାନ ଏଥିରେ ଚିନି ମିଶାଇ ଚଲାନ୍ତୁ। ଯେତେବେଳେ ଦେଖିବେ ଚିନି ପୂରା କ୍ଷୀରରେ ମିଶିଗଲାଣି ସେତେବେଳେ ଏଥିରେ ମିଲ୍କ ପାଉଡ଼ର ପକାଇ ଭଲଭାବେ ଗାଢ଼ା ହେବାକୁ ଦିଅନ୍ତୁ। ଯେତେବେଳେ ମିଶ୍ରଣ ଗାଢ଼ା ହୋଇଯିବ ଏଥିରେ ହଳଦିଆ ରଙ୍ଗ ପକାନ୍ତୁ। ଏବେ ହାତରେ କିଛି ଘିଅ ନେଇ ଏହି ମିଶ୍ରଣକୁ ପେଡ଼ା ଆକାର ଦିଅନ୍ତୁ। ଏବେ ଏହା ଉପରେ ବାଦାମକୁ କାଟି ତା' ଉପରେ ଗାର୍ନିସିଂ କରନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଟେଷ୍ଟି ପେଡ଼ା।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ Bhubaneswar, Tuesday, October 28/ 2025

# ପ୍ରତୀକା ବାଦ୍, ଶେଫାଳୀ ସାମିଲ



ସାଥୀ ଖେଳାଳିଙ୍କ ଗହଣରେ ଆହତ ପ୍ରତୀକା ରାଓ୍ୱଲ।



ଶେଫାଳୀ ବର୍ମା

**ନଭୀ ମୁମ୍ବାଇ, ୨୭।୧୦(ପି.ଟି.)**

ଆସନ୍ତା ଗୁରୁବାର ମହିଳା କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଫର୍ମରେ ଥିବା ଦଳୀୟ ଓପନର ପ୍ରତୀକା ରାଓ୍ୱଲ ଆହତ ସମସ୍ୟା କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଗତ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଫିଲ୍ଡିଂ କଲା ବେଳେ ତାଙ୍କ ଆଣ୍ଠୁ ଓ ଆଙ୍କେଲରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ବିଶ୍ୱକପ୍ ଲାଗି ଘୋଷିତ ଦଳରେ ଶେଫାଳୀଙ୍କୁ ସାମିଲ କରାଯାଇନଥିଲା। ଏପରିକି ରିଜର୍ଭ ଖେଳାଳଙ୍କ ତାଲିକାରୁ ମଧ୍ୟ ତାଙ୍କ ନାମ ବାଦ୍ ପଡ଼ିଥିଲା। ତେବେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବେ ଏବଂ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ। ସେ ଅନ୍ତିମ ଥର ଭାରତ ପାଇଁ ୨୦୨୪ ଅକ୍ଟୋବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ହେଲେ ୨୧ ବର୍ଷୀୟା ଶେଫାଳୀ ଭାରତ-ଏ’ ଲାଗି ଅଷ୍ଟ୍ରେଲିଆ ଏ’ ବିପକ୍ଷ ଦିନିକିଆରେ ଭଲ ପ୍ରଦର୍ଶନ କରିଥିଲେ।

ପ୍ରତୀକା ଯେଉଁଭଳି ପଡ଼ିଲେ, ସେଥିରୁ ସେ ନକ୍‌ଆଉଟ୍ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ ସ୍ପଷ୍ଟ ହୋଇଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ମ୍ୟାଚ୍‌ର ୨୧ତମ ଓଭରର ଶେଷ ବଲରେ ଡିପ୍ ମିଡ୍‌ଉଇକେଟ ଅଞ୍ଚଳରେ ଫିଲ୍ଡିଂ କରୁଥିବା ପ୍ରତୀକା ବଲକୁ ରୋକିବାକୁ ଦୌଡ଼ୁଥିବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇଯାଇଥିଲା। ସେ ଯନ୍ତ୍ରଣାରେ ତଳେ ପଡ଼ି ଯାଇଥିଲେ। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ତାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରି କି ଘଟଣା ସ୍ଥଳରେ ଷ୍ଟ୍ରେଚର ମଧ୍ୟ ପହଞ୍ଚିଥିଲା। ହେଲେ ରାଓ୍ୱଲ ସପୋର୍ଟ ଷ୍ଟାଫଙ୍କ ସହାୟତାରେ ଫିଲ୍ଡରୁ ଚାଲି ଯାଇଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ

**ମହିଳା କ୍ରିକେଟ ବିଶ୍ୱକପ**

ଥିବା ରାଓ୍ୱଲ ୬ ଇନିଂସରେ ୫୧.୩୩ ଆଭରେଜରେ ୩୦୮ ରନ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଦିନିକିଆରେ ଯୁଗ୍ମ ଦ୍ରୁତ ୧ ହଜାର ରନ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଉଇକେଟକିପର-ବ୍ୟାଟର ରିଚା ଘୋଷଙ୍କ ଫିଟ୍‌ନେସକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯାହା ଫଳରେ ତାଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା।

# ଆଇସିୟୁରେ ଶ୍ରେୟସ ଆୟର

**ନୂଆଦିଲ୍ଲୀ, ୨୭।୧୦(ପି.ଟି.)**

ଭାରତୀୟ ଦିନିକିଆ ଦଳର ଉପ ଅଧିନାୟକ ଶ୍ରେୟସ ଆୟାର ସିଡ୍‌ନୀର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଲେକ୍ସ କାରେଙ୍କୁ ଆଉଟ୍ କରିବା ପାଇଁ ବ୍ୟାକଓ୍ୱାର୍ଡ ପଏଣ୍ଟ ଅଞ୍ଚଳରେ ଶ୍ରେୟସ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ଏହି ପ୍ରକ୍ରିୟାରେ ତାଙ୍କ ବାମ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆହତ ହେବା ପରେ ଆୟାରଙ୍କୁ ଡ୍ରେସିଂ ରୁମକୁ ନିଆଯାଇଥିଲା। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ରକ୍ତଚାପ ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ଏବଂ ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଗତ ଦୁଇ ଦିନ ହେଲା ତାଙ୍କୁ ଆଇସିୟୁରେ



ପଡ଼ିଆରେ ଆହତ ଅବସ୍ଥାରେ ଶ୍ରେୟସ ଆୟର।

ରଖାଯାଇଥିଲା। ୩୦ ବର୍ଷୀୟ ଶ୍ରେୟସଙ୍କୁ ଅତିକମ୍‌ରେ ୨ରୁ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରଖାଯିବ। ଆୟାରଙ୍କ ଆଘାତ ସମସ୍ୟାର ଗୁରୁତ୍ୱକୁ ଦେଖି ତାଙ୍କ ବାପା-ମା’ ତୁରନ୍ତ ଭିଜା ଲାଗି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଶ୍ରେୟସଙ୍କ ବାମ ପଞ୍ଜରାର ତଳି ଭାଗ ଅଞ୍ଚଳରେ ଆଘାତ ଲାଗିଛି। ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କର ଚିକିତ୍ସା ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଏବେ ରିକଭର କରୁଛନ୍ତି। ବିସିସିଆଇ ମେଡିକାଲ ଟିମ ସିଡ୍‌ନୀ ଓ ଭାରତର ସ୍ପେଶାଲିଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭାରତୀୟ ଟିମ୍ ଡକ୍ଟର ଶ୍ରେୟସଙ୍କ ସହ ସିଡ୍‌ନୀରେ ରହିବେ।

# ଜୁ-ଜିତ୍‌ସୁ ଖେଳାଳି ରୋହିଣୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୧୦:** ପ୍ରତିଭାବାନ ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି ଓ କୋଚ୍ ରୋହିଣୀ କଲାମଙ୍କର ରବିବାର ମୃତ୍ୟୁ ଘଟିଛି। ଏହି ଖବର ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏସିଆନ୍ ଗେମ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ରୋହିଣୀଙ୍କର ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଏହି ଘଟଣା ମଧ୍ୟପ୍ରଦେଶ ରାଜ୍ୟର ଦେଓ୍ୱାସ ଜିଲାରେ ଘଟିଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ଆତ୍ମହତ୍ୟା ଆଡ଼କୁ ଇଙ୍ଗିତ କରୁଛି। ରୋହିଣୀଙ୍କ ସାନ ଭଉଣୀ ରଶନୀ କଲାମ ରାଧାଗଞ୍ଜସ୍ଥିତ ଅର୍ଜୁନ ନଗର ଘରେ ଭଉଣୀଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ।

# କରନ୍, ଆରାଧଙ୍କ ଶତକ

**ଭୁବନେଶ୍ୱର, ୨୭।୧୦(ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

**ବର୍ଷା ଯୋଗୁ ତୃତୀୟ ଦିବସରେ ୪୨ ଓଭର ଖେଳ**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଉତ୍ତର ପ୍ରଦେଶ-ଓଡ଼ିଶା ରଣ୍‌ଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ସୋମବାର ଦ୍ୱିତୀୟାର୍ଦ୍ଧରେ ବର୍ଷା ଯୋଗୁ ପୂରା ଦିନରେ ମାତ୍ର ୪୨ ଓଭର ଖେଳ ହୋଇପାରିଛି। ଫଳରେ ଖେଳ ବନ୍ଦ ରହିବା ବେଳକୁ ଉତ୍ତର ପ୍ରଦେଶ ୬ ଉଇକେଟ ହରାଇ ୩୮୦ ରନ୍ ସଂଗ୍ରହ କରିଛି। ଅଧିନାୟକ କରନ୍ ଶର୍ମା ଓ ଆରାଧ ଯାଦବ ଶତକ ହାସଲ କରିଛନ୍ତି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ଓଡ଼ିଶା ପ୍ରଥମ ଇନିଂସ୍‌ଠାରୁ ୧୩୭ ରନ୍‌ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିବସ। ମ୍ୟାଚ୍ ଡ୍ର’ ରହିଲେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇବ। ଯଦି ଉତ୍ତର ପ୍ରଦେଶ ସକାଳେ କିମ୍ବା ଅଳ୍ପ କିଛି ଓଭର ଖେଳି ଇନିଂସ ଘୋଷଣା କରେ ତେବେ ଓଡ଼ିଶାକୁ ଦ୍ୱିତୀୟ ଇନିଂସ୍‌ରେ ଅତି ସତର୍କତା ଅବଲମ୍ବନ କରି ଖେଳିବାକୁ ପଡ଼ିବ। ନଚେତ୍ ବରୋଦା ବିପକ୍ଷ ମ୍ୟାଚ୍ ଭଳି ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଲେ ପରାଜୟ ବରଣ ସାର୍ ହେବ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬୨/୩ରୁ ଉତ୍ତର ପ୍ରଦେଶ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର କରନ୍ ଓ ଆରାଧ ସତର୍କତାର ସହ ଖେଳି ଶତକ ପୂରଣ କରିଥିଲେ। ୧୯୮ ବଲ୍‌ରୁ ୧୦୧ ରନ୍ କରିବାପରେ ଆରାଧ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୯୪ ରନ୍ ଯୋଗକରିଥିଲେ। କରନ୍ ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ଆଉଟ୍ ହୋଇଥିବାବେଳେ ପ୍ରିୟମ ଗର୍ଗ(୩୧ ରନ୍)ଙ୍କୁ ପାଭିଲିୟନ ପଠାଇଥିଲେ ସୁମିତ୍ ଶର୍ମା। ପ୍ରଶାନ୍ତ ବୀର ମାତ୍ର ୬ ରନ୍ କରି ପାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୮୦/୬(କରନ୍ ଶର୍ମା-୧୨୧, ଆରାଧ ଯାଦବ-୧୦୧, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୫୨, ବାଦଲ ବିଶ୍ୱାଳ-୧/୯୧, ସୁମିତ ଶର୍ମା-୧/୭୮)।

# ୦-୧୩ ପରାଜୟରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ଫୁଟବଲର ମାନ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ମହିଳା ଫୁଟବଲରେ ଦେଶରେ ଏକ ମହାଶକ୍ତିଭାବେ ପରିଚିତ ହେଉଥିବା ଓଡ଼ିଶା ଏଥର ସେମିଫାଇନାଲକୁ

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ଯିବାରେ ସକ୍ଷମ ହୋଇ ନ ଥିଲା। ଏଜ୍ ଗ୍ରୁପ୍‌ରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଶା ବାଳକ ଦଳ ମଧ୍ୟ ଏଥର ଅତି ଦୟନୀୟ ଭାବେ ଲଜ୍ଜାଜନକ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୦-୧୩ ଗୋଲରେ ମିଜୋରାମଠାରୁ ହାରିଯାଇଛି। ପୂରା ମ୍ୟାଚରେ ମିଜୋରାମ ଦଳ ଆଧିପତ୍ୟ ବିସ୍ତାର କରି ଗୋଲ ବର୍ଷା କରିଥିଲା। ଜନସନ ଲାଲମପୁଇଆ ୨୯, ୩୧, ୩୩ ଓ ୩୬ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଜ୍ୟାକବ ମାଲସାମସାଙ୍ଗା ୨୪, ୬୭ ଓ ୯୦+୪ ଏବଂ ଅଧିନାୟକ ବେର୍ନଡ ଲାଲଚାନହିମା ୪୫+୨, ୬୧ ଓ ୯୦+୬ ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆବ୍ରାହାମ ମାଲସାମଲୁଆ ୫୦ ଓ ୫୩ତମ ମିନିଟରେ ୨ଟି ଏବଂ ବଦଳ ଖେଳାଳି ଜାକାରିଆ ଲାଲମାନଜୁଆଲା ୭୭ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମିଜୋରାମ ଆଗରେ ଓଡ଼ିଶା ପ୍ରଦର୍ଶନ ଅତି ଅସହାୟ ମନେ ହୋଇଥିଲା।

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

# ଦକ୍ଷିଣ ଆଫ୍ରିକା ଦଳକୁ ଫେରିଲେ ବଭୁମା

**ଜୋହାନ୍ସବର୍ଗ, ୨୭।୧୦ (ପି.ଟି.):** ଭାରତ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ଟେମ୍ବା ବଭୁମା। ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହୋଇଛନ୍ତି। ନଭେମ୍ବର ୧୪ରୁ ଖେଳାଯିବାକୁଥିବା ଏହି ସିରିଜର ମ୍ୟାଚ ଦୁଇଟି ଗୁଆହାଟୀ ଓ କୋଲକାତାରେ ଖେଳାଯିବ। ଆଘାତଜନିତ କାରଣରୁ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବଭୁମା ଖେଳିପାରି ନ ଥିଲେ। ତାଙ୍କ ଦଳ ଆୟୋଜକ ଦଳ ସହିତ ଡ୍ର ରଖିଥିଲା। ଡେଭିଡ ବେଡିଙ୍ଗହାମ୍‌ଙ୍କୁ ଛାଡ଼ିଦେଲେ ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳର ଅନ୍ୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବେଡିଙ୍ଗହାମ୍‌ଙ୍କ ସ୍ଥାନରେ ବଭୁମା ଦଳରେ ପ୍ରବେଶ କରିଛନ୍ତି। ବଭୁମାଙ୍କ ନେତୃତ୍ୱରେ ତାଙ୍କ ଦଳଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ଭାରତ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ନଭେମ୍ବର ୨ରୁ ଭାରତ ‘ଏ’ ବିପକ୍ଷ ସରିଜରେ ବଭୁମା ଦକ୍ଷିଣ ଆଫ୍ରିକା ‘ଏ’ ଦଳ ତରଫରୁ ଖେଳିବେ।

**ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଏଡେନ ମାରକ୍ରମ, ର୍ୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନି, ଡିଓ୍ୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟେନି ଡି’ ଜୋର୍ଜି, କୋର୍ବିନ ବୋସ୍କ, ୱିଆନ୍ ମୁଲ୍‌ଡର, ମାର୍କୋ ଜାନସେନ, କେଶବ ମହାରାଜ, ନୁରାନ ମୁଥୁସ୍ୱାମି, କିଗିସୋ ରାବାଡା ଓ ସିମନ ହାର୍ମର।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

ଫୁଟବଲଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୋନାଲି ସୋରେନ ଓ ଇପ୍ସିତା ରାଉତ ୨ଟି ଲେଖାଏ ଏବଂ ଲଳିତା ବୋଇପାଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସୋନାଲି ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳିମନୀଷା ପାନ୍ନା, ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରୁଦ୍ର ସାମନ୍ତରାୟ,




ସୋନାଲି ସୋରେନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଅଶୋକ ମହାନ୍ତି, ମହମ୍ମଦ ସହିଦ ଜବାର, ସୁବ୍ରତ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୋନାଲି ସୋରେନଙ୍କୁ ମନିଷା ପାନ୍ନା ପୁରସ୍କୃତ କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଖାଓ୍ୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା।

# ସିଜନର ଅବଶିଷ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.):** ସିଜନ ୨୦୨୫ର ଅବଶିଷ୍ଟ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟଗୁଡ଼ିକରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ। ୟୁରୋପିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ପୂର୍ବରୁ ପାଦରେ ଆଘାତ ପାଇଥିବାରୁ ସେ ଏଥିରୁ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ ସେ ଦିଗରେ ଧ୍ୟାନ ଦେବେ। ବିଶିଷ୍ଟ ସ୍ପୋର୍ଟ୍ସ ଅର୍ଥୋପେଡିଷ୍ଟ ଡକ୍ଟର ଦିନ୍‌ଶ ପାର୍ଡିଓ୍ୱାଲାଙ୍କ ସମେତ ତାଙ୍କ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ମେକ୍ସିକାନ ଗ୍ରାଁ ପ୍ରି ଜିତିଲେ ନୋରିସ

**ମେକ୍ସିକୋ ସିଟି, ୨୭।୧୦ (ଏପି)**

ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ମେକ୍ସିକାନ ସିଟି ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। କ୍ରମାଗତ ୫ଟି ରେସ୍‌ରେ ପରାଜିତ ହେବା ପରେ ଏହି ବିଜୟ ସହ ସେ ଚାମ୍ପିୟନଶିପ୍ ଟେବୁଲର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ସିଜନର ଆଉ ୪ଟି ରେସ୍ ବାକିଥିବାବେଳେ ଏହା ହେଉଛି ତାଙ୍କର ୬ଷ୍ଠ ବିଜୟ। ଏହି ରେସ୍ ପୂର୍ବରୁ ସେ ଅଗଷ୍ଟରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଥିଲେ। ନୋରିସଙ୍କ ବିଜୟ ଦ୍ୱାରା ଏଥର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲାଗି ମାକ୍ସ ଭର୍ଷ୍ଟାପେନଙ୍କ ସମ୍ଭାବନା ହ୍ରାସ ପାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ସେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ତାଙ୍କଠାରୁ ୩୬ ପଏଣ୍ଟ ପଛରେ ରହିଛନ୍ତି। ରବିବାର ରେସ୍‌ରେ ନୋରିସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ପ୍ରାୟ ୩୦ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।




# ଥାର୍ଡ ଆଇ କର୍ପୋରେଟ ଲିଗ ; ଟାଇଟନ୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ - ୨୦୨୫ରେ ଟାଇଟନ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଟାଇଟନ୍ସ ୭ ଉଇକେଟରେ ସିଡିଏ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟଲାଗି ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ୮୦ ହଜାର ସହ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।




ଚାମ୍ପିୟନ ଟାଇଟନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୁବନେଶ୍ୱର ‘ବି’, ସୁନ୍ଦରଗଡ଼ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରେ ଭୁବନେଶ୍ୱର ‘ବି’, ପୁରୀ, ସୁନ୍ଦରଗଡ଼ ଓ କିଟ୍ ଦଳ ବୃହତ୍ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ‘ବି’ ୮ ଉଇକେଟରେ ସମ୍ବଲପୁର ‘ବି’ ଦଳକୁ ପରାସ୍ତ କରିଛି। ଅଧିନାୟକ ମୃତ୍ୟୁଞ୍ଜୟ ରାୟ (୪.୫-୦-୨୨-୪) ଚମତ୍କାର ବୋଲିଂ କରି ସମ୍ବଲପୁର ‘ବି’ ଦଳକୁ ୬୬ ରନରେ ଅଲ୍‌ଆଉଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିଧାଂଶୁ ଦାସ ୩ଟି ଉଇକେଟ ନେଇଥିଲେ। ୬୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର ‘ବି’ ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨୮୫ ରନରେ ଗଜପତିକୁ ହରାଇ ଦେଇଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଗଜପତି ମାତ୍ର ୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ୩ ଓଭରରେ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିବା ଅଜୟ ମାହାତୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମୂଳାପଡ଼ିଆରେ ପୁରୀ ୮ ଉଇକେଟରେ ନୟାଗଡ଼କୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୩୪ ରନରେ ସମ୍ବଲପୁର ‘ଏ’ ଦଳକୁ ହରାଇ ଦେଇଛି। କିଟ୍ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ବଲପୁର ‘ଏ’ ସମ୍ମୁଖରେ ୪୩ ଓଭରରେ ୨୨୦ ରନ ଟାର୍ଗେଟ ରଖା ଯାଇଥିଲା। ମାତ୍ର ସମ୍ବଲପୁର ‘ଏ’ ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀର ରୁଦ୍ର ନାରାୟଣ ବେହେରା (୫-୪-୮-୨) ଏବଂ କିଟ୍‌ର ସାଇ ସାର୍ଥକ ସାହୁ (୬-୩-୨୪-୪) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ମୟୂରଭଞ୍ଜକୁ ନବରଙ୍ଗପୁର, ହାଇଟେକ୍ ପଡ଼ିଆରେ କନ୍ଧମାଳକୁ ସୋନପୁର, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାକୁ କଟକ ‘ବି’ ଏବଂ ଅଡଶପୁର ପଡ଼ିଆରେ କଳାହାଣ୍ଡିକୁ ରାୟଗଡ଼ା ପରାସ୍ତ କରିଛି। ଏହି ସବୁ ମ୍ୟାଚ୍‌ରେ ପଙ୍କଜ ଶତନାମି, ଅନୁଜ ଯାଦବ, ପ୍ରୀତିଶ୍ ମିଶ୍ର ଓ ମନୋହର ରାଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କେନ୍ଦୁଝର-ଢେଙ୍କାନାଳ ମ୍ୟାଚ ବାତିଲ ହୋଇଛି।



ମୃତ୍ୟୁଞ୍ଜୟ ରାୟ



ଅଜୟ ମାହାତୋ



ସାଇ ସାର୍ଥକ ସାହୁ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ